RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-121 ◆MONDAY ◆26 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୨୧ ◆ସୋମବାର ◆୨୬ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଆଜି ସୃଷ୍ଟି ହେବ 'ଅର୍ଣ୍ଣବ'

■ ଭୁବନେଶ୍ୱର, ୨୫।୧୦ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି। ଏହା ସୋମବାର ବେଳକୁ ବାତ୍ୟାରେ ପରିଣତ ହୋଇଯିବ। ଏହାପରେ ବାତ୍ୟା 'ଅର୍ଣ୍ଣବ' ନାମରେ ନାମିତ ହେବ। ବାତ୍ୟା ସୃଷ୍ଟି ପରେ ପରବର୍ତ୍ତୀ ୨ ଦିନ ମଧ୍ୟରେ ଆହୁରି ଅଧିକ ଶକ୍ତିଶାଳୀ ହୋଇ ପ୍ରଥମେ ଭୀଷଣ ବାତ୍ୟା ଓ ପରେ ଅତି ଭୀଷଣ ବାତ୍ୟାର ରୂପ ଧାରଣ କରି ଆନ୍ଧ୍ରପ୍ରଦେଶର ବାପ୍‌ଟଲା ନିକଟସ୍ଥ ଅଞ୍ଚଳରେ ସ୍ଥଳଭାଗ ଅତିକ୍ରମ କରିବ। ବାତ୍ୟା ସ୍ଥଳଭାଗ ଛୁଇଁବା ବେଳେ ପବନର ଘଣ୍ଟା ପ୍ରତି ସର୍ବାଧିକ ବେଗ ୧୪୦ କିମି ପର୍ଯ୍ୟନ୍ତ ରହିବା ନେଇ ପୂର୍ବାନୁମାନ କରାଯାଉଛି। ଏହା ପ୍ରଭାବରେ ଆନ୍ଧ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଭୀଷଣ ବର୍ଷା ସାଙ୍ଗକୁ ପବନ ଆଶଙ୍କା କରାଯାଇଛି। ତେବେ ଏହି ବାତ୍ୟା ପ୍ରଭାବରେ ଓଡ଼ିଶାରେ ଅପେକ୍ଷାକୃତ ପ୍ରଭାବ କମ୍ ରହିବାର ସମ୍ଭାବନା ରହିଛି। କାରଣ ଓଡ଼ିଶାର ଶେଷ ଭୌଗଳିକ ଭୂମି ମଧ୍ୟରେ ମାଲକାନଗିରି ଆସୁଥିବା ବେଳେ ମାଲକାନଗିରିଠାରୁ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବାର ସ୍ଥାନର ଦୂରତା ୩୦୦ କିମିରୁ ଅଧିକ ରହିଛି। ମାଲକାନଗିରିଠାରୁ ବାପ୍‌ଟଲା ଦୂରତା ୩୧୨ କିମି (ଏରିଏଲ୍) ଦୂରତା ରହିଥିବା ବେଳେ ସ୍ଥଳପଥରେ ଏହାର ଦୂରତା ୪୩୭ କିମି ରହିଛି। ସାଧାରଣତଃ ସମୁଦ୍ର ମଧ୍ୟରେ ବାତ୍ୟା ଥିବା ବେଳେ ସ୍ଥଳଭାଗଠାରୁ ଏହାର ଦୂରତା ୧୦୦ କିମି ହେବା ପର୍ଯ୍ୟନ୍ତ ବିଶେଷ ପ୍ରଭାବ ଦେଖାଯାଇ ନ ଥାଏ। ୧୦୦ କିମି କିମ୍ବା ଏଠାରୁ କମ୍ ରହିଲେ ବର୍ଷା ପବନର ପ୍ରଭାବ ପଡ଼ିଥାଏ। ଏଦୃଷ୍ଟିରୁ ଓଡ଼ିଶା ଉପରେ ଏହାର ପ୍ରଭାବ କମ୍ ରହିବା ନେଇ ଅନୁମାନ କରାଯାଉଛି।

ବାତ୍ୟା 'ଅର୍ଣ୍ଣବ' ସ୍ଥଳଭାଗ ଛୁଇଁବା ପରେ ଦିଗପରିବର୍ତ୍ତନ କରିବାର ଆଶଙ୍କା ରହିଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିବ ନାହିଁ। କାରଣ ବାତ୍ୟା ସ୍ଥଳଭାଗରେ ମାଡ଼ ହେବା ପରେ ଦୁର୍ବଳ ହୋଇଯାଇଥାଏ। ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ରହିଥିବା ପୂର୍ବତଟ ପର୍ବତମାଳା ମଧ୍ୟ ଏହି ବାତ୍ୟାକୁ ସ୍ଥଳଭାଗରେ ଦ୍ରୁତ ଗତିରେ ଦୁର୍ବଳ କରାଇବାରେ ସହାୟକ ହେବ। ଏହିସବୁ ଦିଗକୁ ଅନୁଧ୍ୟାନ କଲେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ କିଛି ମାତ୍ରାରେ ବର୍ଷାକୁ ଛାଡ଼ି ଦେଲେ ବିଶେଷ ପ୍ରଭାବ ନ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏସବୁ ସତ୍ତ୍ୱେ ବାତ୍ୟା ସ୍ଥଳଭାଗରେ ମାଡ଼ ହେବା ▶ପୃଷ୍ଠା-୭

ଓଡ଼ିଶାଠାରୁ ୩୦୦ କିମି ଦୂରରେ ହେବ ବାତ୍ୟା ମାଡ଼

ଦକ୍ଷିଣ ଓଡ଼ିଶା ବ୍ୟତୀତ ପଡ଼ିବନି ବିଶେଷ ପ୍ରଭାବ

୨୮ରେ ସୀମାନ୍ତବର୍ତ୍ତୀ ୫ ଜିଲ୍ଲାକୁ ରେଡ୍ ଆଲର୍ଟ

ଲ୍ୟାଣ୍ଡଫଲ୍ ପରେ ଦ୍ରୁତ ଗତିରେ ଦୁର୍ବଳ ହେବ ବାତ୍ୟା



ଆର୍‌ବିଆଇ ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

ଖଣିରୁ ମାଇକ୍ରୋଚିପ୍ ଯାଏ ଓଡ଼ିଶା ଲେଖିବ ନୂଆ ଭବିଷ୍ୟତ

ନୂଆ ଭାରତକୁ ଭୁବନେଶ୍ୱର ଦେଉଛି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ

ମଜଭୂତ ହେବ ଦେଶର ଡିଜିଟାଲ ଭିତ୍ତିଭୂମି ଓ ସାଇବର ସୁରକ୍ଷା କ୍ଷମତା

■ ଭୁବନେଶ୍ୱର/ଖୋର୍ଦ୍ଧା,୨୫।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଖୋର୍ଦ୍ଧାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ନୂତନ ଡାଟା ସେଣ୍ଟର ଏବଂ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଉଦ୍‌ଘାଟନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ କାରଣରୁ ଭୁବନେଶ୍ୱର ଆଜି ନୂଆ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ନୂଆ ପ୍ରତିଷ୍ଠାନ ଦେଉଛି। ଏହା ଓଡ଼ିଶା ଓ ସମଗ୍ର ଦେଶର ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ପୂର୍ବ ଭାରତକୁ 'ବିକଶିତ ଭାରତ'ର ଏକ ଶକ୍ତିଶାଳୀ ବିକାଶ ଇଞ୍ଜିନ୍ ଭାବେ ଅଭିହିତ କରି କହିଛନ୍ତି ଯେ ରାଜ୍ୟ ଏହାର ପାରମ୍ପରିକ ଖଣିଜଭିତ୍ତିକ ଶିଳ୍ପ ସହ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର ଓ ଆଡଭାନ୍ସଡ୍ କମ୍ପ୍ୟୁଟିଂର ନୂଆ ପରିବେଶ ଗଢ଼ି ତୋଳୁଛି। ଏହି ନୂଆ କ୍ଷେତ୍ରଗୁଡ଼ିକ ଓଡ଼ିଶାର ଯୁବପିଢ଼ି ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିବ ଏବଂ ସେମାନଙ୍କ ବଡ଼ ସ୍ୱପ୍ନକୁ ସାକାର କରିବ। ଓଡ଼ିଶା ମାଇନ୍ସରୁ ମାଇକ୍ରୋଚିପ୍ ପର୍ଯ୍ୟନ୍ତ ନୂଆ ଭବିଷ୍ୟତ ଲେଖିବ। ଦେଶର ପ୍ରଶାସନିକ ଆଭିମୁଖ୍ୟରେ ଏକ ବଡ଼ ପରିବର୍ତ୍ତନ ଘଟିଛି। ଆଜିର ଶାସନ ବ୍ୟବସ୍ଥା ବିକାଶକୁ ପ୍ରାଥମିକତା ଦେବା, ଏହାର ପରିସର ବଢ଼ାଇବା ଏବଂ ଶେଷ ଲୋକ ପର୍ଯ୍ୟନ୍ତ ଏହାର ଲାଭ ପହଞ୍ଚାଇବା ଉପରେ ଆଧାରିତ।

ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍‌ର ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏବେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ପ୍ରତ୍ୟେକ ଭାରତୀୟ ୨୪ ଘଣ୍ଟିଆ ବ୍ୟାଙ୍କିଙ୍ଗ୍ ସେବା ପାଇପାରୁଛନ୍ତି। ପୂର୍ବରୁ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ଥିବା ଗରିବ, କ୍ଷୁଦ୍ର ଚାଷୀ, ମହିଳା ଓ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଏବେ ଔପଚାରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସୁଫଳ ପାଉଛନ୍ତି। ଜନଧନ ଯୋଜନାରେ ଖୋଲାଯାଇଥିବା ପ୍ରାୟ ୬୦ କୋଟି ଖାତା ଯୋଗୁଁ ସରକାରୀ ସହାୟତା ସିଧାସଳଖ ହିତାଧିକାରୀଙ୍କ ଖାତାରେ ପହଞ୍ଚୁଛି ଏବଂ ଅର୍ଥ ହଡ଼ପ ଓ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ହ୍ରାସ ପାଇଛି। ମୁଦ୍ରା ଯୋଜନାରେ ୧୩ କୋଟି ଲୋକ ପ୍ରଥମଥର ପାଇଁ ଉଦ୍ୟୋଗୀ ହୋଇପାରିଥିବାବେଳେ ପିଏମ୍ ସ୍ୱନିଧି ଓ ପିଏମ୍ ବିଶ୍ୱକର୍ମା ଯୋଜନା ମାଧ୍ୟମରେ ଉଠାଦୋକାନୀ ଓ ପାରମ୍ପରିକ କାରିଗରଙ୍କୁ ଋଣ ସୁବିଧା ମିଳୁଛି। ସେହିପରି ଗ୍ରାମାଞ୍ଚଳର ୧୦ କୋଟି ମହିଳାଙ୍କୁ ପ୍ରତିନିଧିତ୍ୱ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ବ୍ୟାଙ୍କ ଋଣରୁ ▶ପୃଷ୍ଠା-୭

ଓଲଟ ପାଲଟ

ବାତ୍ୟା ପାଇଁ ଏଠି ପାଗ ଅନୁକୂଳ
ଅଶୁଭ ଏ ଅକ୍ଟୋବର,
ବାତ୍ୟା ଆସୁଛି ବାତ୍ୟା ଆସୁଛି
ଟିଭିରେ ଚାଲେ ପ୍ରଚାର।
ଭୟେ ସବୁ ଥର ହର
ଆନ୍ଧ୍ର ମାଡ଼ରେ ଦକ୍ଷିଣ ଓଡ଼ିଶା,
ହୋଇଯିବ ଛାର ଖାର।
ମୁନଫା ଖୋର ଓ କଳା ବଜାରୀଏ
କରିବେ ଚଢ଼ା ବେପାର॥
- ଯାଯାବର

ବାତ୍ୟା ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି

୮ ମନ୍ତ୍ରୀ, ୫ ଆଇଏଏସ୍‌ଙ୍କୁ ଦାୟିତ୍ୱ

■ ଭୁବନେଶ୍ୱର,୨୫।୧୦(ସମିସ): ବାତ୍ୟା ମୁକାବିଲା ଉପରେ ଗୁରୁତ୍ୱ ଦେଇ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୮ ଜଣ ମନ୍ତ୍ରୀଙ୍କୁ ୮ଟି ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। କୋରାପୁଟ ଜିଲ୍ଲା ପାଇଁ କନକବର୍ଦ୍ଧନ ସିଂହଦେଓ, ରାୟଗଡ଼ା ପାଇଁ ପ୍ରଭାତୀ ପରିଡ଼ା, କନ୍ଧମାଳ ପାଇଁ ରବି ନାଏକ, ଗଞ୍ଜାମ ପାଇଁ ବିଭୂତି ଜେନା, ନବରଙ୍ଗପୁର ପାଇଁ କୃଷ୍ଣଚନ୍ଦ୍ର ପାତ୍ର, ମାଲକାନଗିରି ପାଇଁ ନିତ୍ୟାନନ୍ଦ ଗଣ୍ଡ, କଳାହାଣ୍ଡି ପାଇଁ ମୁକେଶ ମହାଲିଙ୍ଗ ଓ ଗଜପତି ଜିଲ୍ଲା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାୟିତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ଏହି ମନ୍ତ୍ରୀ ମାନେ ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଜିଲ୍ଲାରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ୫ ଜଣ ▶ପୃଷ୍ଠା-୭

ଜିଲ୍ଲାକୁ ଗଲେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍

୫ ଜିଲ୍ଲାରେ ୨ ଦିନ ସ୍କୁଲ୍, ଅଙ୍ଗନୱାଡ଼ି ଛୁଟି

ସବୁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଛୁଟି ବାତିଲ୍

ଦିଲ୍ଲୀରେ କଂଗ୍ରେସର ମହାସମାବେଶ ୧ରେ

ମୁଖ୍ୟ ନିର୍ବାଚନ କମିଶନରଙ୍କ ଅପସାରଣ ଦାବି

୧୦ ଲକ୍ଷ ଲୋକଙ୍କ ସମାଗମ ଆଶା

■ ନୂଆଦିଲ୍ଲୀ, ୨୫।୧୦ (ଏଜେନ୍ସି): କଂଗ୍ରେସ ନେତୃତ୍ୱାଧିନ ବିରୋଧୀ ମେଣ୍ଟ ଇଣ୍ଡିଆ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଦାବିରେ ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ବିଶାଳ ସମାବେଶ କରିବ। ଏହି ସମାବେଶରେ ପ୍ରାୟ ୧୦ ଲକ୍ଷ ଲୋକ ଯୋଗଦେବେ ବୋଲି କଂଗ୍ରେସ ଆଶା ରଖିଛି। ନିର୍ବାଚନୀ ତାଲିକାରେ ଅନିୟମିତତା, ଭୋଟଦାନ ଅଧିକାରର ସୁରକ୍ଷା ଏବଂ ନିର୍ବାଚନ କମିଶନଙ୍କ କାର୍ଯ୍ୟଧାରାରେ ସ୍ୱଚ୍ଛତା ଏହି ଆନ୍ଦୋଳନର ପ୍ରମୁଖ ପ୍ରସଙ୍ଗ ରହିବ। ହରିୟାଣା କଂଗ୍ରେସ ପ୍ରଭାରୀ ସଞ୍ଜୟ ଦତ୍ତ ଓ ରାଜ୍ୟ କଂଗ୍ରେସ ସଭାପତି ରାଓ ନରେନ୍ଦ୍ର ସିଂହ ଶନିବାର ଏହି ସୂଚନା ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ନିର୍ବାଚନୀ ତାଲିକାର ସଠିକତା ଓ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ ଅଧିକାର ଗଣତନ୍ତ୍ରର ମୂଳଦୁଆ। ଏହି ପ୍ରସଙ୍ଗରେ ଦଳ କୌଣସି ସାଲିସ କରିବ ନାହିଁ। କଂଗ୍ରେସର 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ ଏବେ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଥିବା ଦଳୀୟ ନେତାମାନେ କହିଛନ୍ତି। ହରିୟାଣାର ପ୍ରତ୍ୟେକ ଜିଲ୍ଲା, ବ୍ଲକ୍, ଗାଁ ଓ ମତଦାନ କେନ୍ଦ୍ର ସ୍ତରରେ ଅଭିଯାନକୁ ଜୋରଦାର କରାଯାଉଛି। ନିର୍ବାଚନୀ ତାଲିକାରେ ତ୍ରୁଟି ଥିବା ଅଭିଯୋଗଗୁଡ଼ିକୁ ଲିପିବଦ୍ଧ ▶ପୃଷ୍ଠା-୭

ବିଜେପିକୁ ହୃଦୟରୁ ଧନ୍ୟବାଦ: ରାହୁଲ

'ଭୋଟ୍ ଚୋରି' ବିରୋଧୀ ରାଲିର ପ୍ରଚାର

■ ନୂଆଦିଲ୍ଲୀ, ୨୫।୧୦ (ଏଜେନ୍ସି): ନଭେମ୍ବର ୧ରେ କଂଗ୍ରେସର ପ୍ରସ୍ତାବିତ 'ଭୋଟ ଚୋରି' ରାଲିକୁ ନେଇ ବିଜେପି -କଂଗ୍ରେସ ମଧ୍ୟରେ ତୀବ୍ର ହେଇଛି ରାଜନୈତିକ ବାକ୍‌ଯୁଦ୍ଧ। ଏହାରି ମଧ୍ୟରେ ରାଲିକୁ ସମାଲୋଚନା କରି ବିଜେପି ଏହାର ପ୍ରଚାର କରୁଥିବା ଉଲ୍ଲେଖ କରି ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଏଥିଲାଗି ବିଜେପିକୁ 'ହୃଦୟରୁ ଧନ୍ୟବାଦ' ଜଣାଇଛନ୍ତି। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଭୋଟର ତାଲିକାରେ ଅନିୟମିତତା ସଂକ୍ରାନ୍ତରେ କଂଗ୍ରେସ ଉଠାଇଥିବା ପ୍ରସଙ୍ଗକୁ ଆସନ୍ତା ୧ ତାରିଖ ରାଲି ଜରିଆରେ ଅଧିକ ବ୍ୟାପକ କରିବାକୁ ଦଳ ଲକ୍ଷ୍ୟ ରଖିଛି। ▶ପୃଷ୍ଠା-୭

ବର୍ଷକରେ ଚିନି ଦର ୪୦% ବୃଦ୍ଧି

ଓଡ଼ିଶାରେ ସର୍ବାଧିକ

■ ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): ତେଲ ଦର, ଏଲ୍‌ପିଜି ଗ୍ୟାସ୍, ଇ-୨୦ ପେଟ୍ରୋଲ ଏବଂ ପିଆଜ ଦର ବୃଦ୍ଧିକୁ ନେଇ ଅସନ୍ତୋଷ କମି ନ ଥିବାବେଳେ ଏବେ ଚିନି ଦରବୃଦ୍ଧିକୁ ନେଇ ଗ୍ରାହକଙ୍କ ଚିନ୍ତା ବଢ଼ିଛି। ବର୍ତ୍ତମାନ ଦେଶର ଅଧିକାଂଶ ଭାଗରେ ଚିନି କିଲୋ ପିଛା ୭୦ ଟଙ୍କା ରହିଛି। ତେବେ ଚାରିଆଡେ ଚିନି ଦର ଯାହା ରହିଛି, ସେଥିରେ ଓଡ଼ିଶାରେ ଏହାର ମୂଲ୍ୟ ବୃଦ୍ଧି ଆଉ ଏକ ରେକର୍ଡ। ଓଡ଼ିଶାରେ ଚିନି କିଲୋ ୬୦-୬୫ ଟଙ୍କା ରହିଛି। କାରଣ ଦେଶରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ହାର ଦୃଷ୍ଟିରୁ ଦେଖିଲେ, ଓଡ଼ିଶାରେ ଏହାର ସର୍ବାଧିକ ହାର ରେକର୍ଡ କରିଛି। ଚଳିତବର୍ଷ ସେପ୍ଟେମ୍ବରରେ ରାଜ୍ୟରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ୩୭.୪୮% ରହିଥିଲା। ଅର୍ଥାତ୍, ଗତବର୍ଷ ସେହି ମାସ ତୁଳନାରେ ଚିନିର ଖୁଚୁରା ମୂଲ୍ୟ ସୂଚକାଙ୍କରେ ଉପରୋକ୍ତ ବୃଦ୍ଧି ଘଟିଛି। ଜାତୀୟ ▶ପୃଷ୍ଠା-୭

ଚାପରେ କେନ୍ଦ୍ରୀୟ ସଶସ୍ତ୍ର ବଳ

୭ ବର୍ଷରେ ୧,୦୧୬ ଆତ୍ମହତ୍ୟା

■ ନୂଆଦିଲ୍ଲୀ, ୨୫।୧୦ (ଏଜେନ୍ସି): ଦେଶର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସି ଏ ପି ଏ ଫ୍) ର ଯବାନମାନେ ଅତ୍ୟଧିକ କାର୍ଯ୍ୟଚାପ, ନିଦ୍ରାଭାବ, ଛୁଟି ସମସ୍ୟା ଓ ପଦୋନ୍ନତିରେ ବିଳମ୍ବ ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତି ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରୁଥିବା ନେଇ ଚିନ୍ତା ପ୍ରକାଶ ପାଇଛି। ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୧୯ରୁ ୨୦୨୫ ମଧ୍ୟରେ ୧,୦୧୬ ଯବାନ ଆତ୍ମହତ୍ୟା କରିଥିବା ବେଳେ ଗତ ୫ ବର୍ଷରେ ନିଜ ସହକର୍ମୀଙ୍କ ଗୁଳିରେ ୨୪ ଜଣ ପ୍ରାଣ ▶ପୃଷ୍ଠା-୭

୨୦ ବର୍ଷ ଯାଏ ପଦୋନ୍ନତି ନାହିଁ, ମିଳୁଛି ମାତ୍ର ୫ ଘଣ୍ଟା ନିଦ

କର୍ମଚାରୀ ଅଭାବରୁ କାର୍ଯ୍ୟଚାପ, ଛୁଟି ମିଳୁନି, ପରିବାରଠାରୁ ଦୂରରେ ଯବାନ, ପଦୋନ୍ନତିରେ ଦୀର୍ଘ ବିଳମ୍ବ

15001/123/2627

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି।

ଦୁର୍ନୀତି ପ୍ରଗତିର ଅନ୍ତରାୟ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ । କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ । ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ୍ୟ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି। ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା। ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0122

ଦେଶ ବିଦେଶ
ସକାଳ THE SAKALA
www.sakalaepaper.com

'ମନ୍ କି ବାତ୍'କୁ ୧୨ ବର୍ଷ

ଏହା ଏକ ପ୍ରେରଣାଦାୟୀ ଯାତ୍ରା: ମୋଦୀ

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'କୁ ୧୨ ବର୍ଷ ପୂରିଛି । ଏହାକୁ ଏକ ପ୍ରେରଣାଦାୟୀ ଯାତ୍ରା ବୋଲି ଅଭିହିତ କରିବା ସହ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ରହିଥିବା ଶ୍ରୋତାମାନଙ୍କୁ ମୋଦୀ ଧନ୍ୟବାଦ ଜଣାଇଛନ୍ତି । ରବିବାର କାର୍ଯ୍ୟକ୍ରମର ୧୩୧ତମ ଅଧ୍ୟାୟରେ ମୋଦୀ କହିଛନ୍ତି, ୨୦୧୪ ଅକ୍ଟୋବର ୩ ତାରିଖରେ ବିଜୟାଦଶମୀ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ସେବେଠାରୁ ଏହା ନିରବଚ୍ଛିନ୍ନ ଭାବେ ଜାରି ରହିଛି । ଶ୍ରୋତାମାନେ ଏହି ଯାତ୍ରାର ସହଯାତ୍ରୀ ହେବା ସହ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ଓ ଦେଶ ପାଇଁ ନିସ୍ୱାର୍ଥ ସହ କାମ କରୁଥିବା ସାଧାରଣ ଲୋକଙ୍କ ପରିଶ୍ରମ, ସାହସ ଓ ସେବା ମନୋଭାବକୁ ସମ୍ମାନ ଜଣାଇବାର ସୁଯୋଗ ମିଳୁଛି ବୋଲି ସେ କହିଛନ୍ତି । ଦେଶର ବିଭିନ୍ନ କୋଣରେ ରହି ଅସାଧାରଣ କାର୍ଯ୍ୟ କରୁଥିବା ଅନେକ ବ୍ୟକ୍ତିଙ୍କ ପ୍ରେରଣାଦାୟୀ କାହାଣୀ ଏହି ମଞ୍ଚ ମାଧ୍ୟମରେ ଲୋକଲୋଚନକୁ ଆସିଛି । ମୋଦୀ କହିଛନ୍ତି, ଦେଶ ଓ ସମାଜ ପାଇଁ ନିଜ ଜୀବନ ସମର୍ପିତ କରିଥିବା ଲୋକମାନେ ତୀର୍ଥସ୍ଥଳୀ ସଦୃଶ । 'ମନ୍ କି ବାତ୍' ତାଙ୍କୁ ଦେଶର ପରିବାରଗୁଡ଼ିକ ସହ ଯୋଡ଼ି ହେବାର ସୁଯୋଗ ଦେଇଛି । ଶ୍ରୋତାମାନଙ୍କ ସ୍ନେହ ଓ ଆତ୍ମୀୟତାକୁ ସେ ନିଜର ଅମୂଲ୍ୟ ସମ୍ପଦ ବୋଲି କହିଛନ୍ତି । ୨୦୧୪ ଅକ୍ଟୋବର ୩ରେ ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ପ୍ରଥମ ପ୍ରସାରଣ ହୋଇଥିଲା ।

୬ ମାସରେ ୨୩ ମୃତ୍ୟୁଦଣ୍ଡ ଶୁଣାଇଥିବା ବିଚାରପତିଙ୍କ ବଦଳି

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ମାତ୍ର ୬ ମାସ ମଧ୍ୟରେ ୧୧ଟି ମାମଲାରେ ୨୩ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିବା ଉତ୍ତରପ୍ରଦେଶର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ରବି କୁମାର ଦିୱାକରଙ୍କ ବଦଳି ହୋଇଛି । ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକ୍ରମେ ତାଙ୍କୁ ମୁଜାଫରନଗର ପରିବାର ଅଦାଲତର ଅତିରିକ୍ତ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରାଯାଇଛି । ଦିୱାକର ଏକ ଫାଷ୍ଟ ଟ୍ରାକ୍ କୋର୍ଟରେ କାର୍ଯ୍ୟରତ ଥିଲେ । ହାଇକୋର୍ଟଙ୍କ ଆଦେଶ ଅନୁସାରେ ଶିବ କୁମାରୀ ଏହି ଅଦାଲତର ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦିୱାକର ୧୧ଟି ମାମଲାରେ ୨୩ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲେ । ନିକଟରେ ତାଙ୍କ ଅଦାଲତରେ ବିଚାରାଧୀନ ହତ୍ୟା ଓ ଅନ୍ୟ ଗୁରୁତର ଅପରାଧ ସମ୍ପର୍କିତ ୯୭ଟି ମାମଲାକୁ ପ୍ରଶାସନିକ ଆଦେଶ ଜରିଆରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପ୍ରସଙ୍ଗରେ ସେ ପ୍ରଶ୍ନ ଉଠାଇଥିଲେ । ପ୍ରାୟ ୧୦ ବର୍ଷ ପୁରୁଣା ଏକ ନିଶାଦ୍ରବ୍ୟ ଆଇନ ସମ୍ପର୍କିତ ମାମଲାରେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ସମୟରେ ସେ ବିଚାର ଆରମ୍ଭ ହୋଇସାରିଥିବା ମାମଲା ସ୍ଥାନାନ୍ତରର ଆଇନଗତ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଏହା ସହ ନ୍ୟାୟିକ ସ୍ୱାଧୀନତା ଓ ଜିଲ୍ଲା ଜଜ୍‌ଙ୍କ ପ୍ରଶାସନିକ କ୍ଷମତାର ସୀମା ସମ୍ପର୍କରେ ସେ ଉଦ୍‌ବେଗ ପ୍ରକାଶ କରିଥିଲେ ।

ବିଶେଷ ଟିପ୍ପଣୀ

ଭୋଟର ତାଲିକାରୁ ନାମ କଟାଯାଇଛି । ନିୟମ ଓ ଆଇନର ଉଲ୍ଲଂଘନ ହୋଇଛି । ପ୍ରଶ୍ନ ପଚାରିଥିବା ଲୋକଙ୍କ ଉପରେ ଲାଠି ଚାଳନା କରାଯାଇଛି । ଏବେ ଦେଶ ଏହାର ଜବାବ ଦେବ । ବିଜେପି ଓ ତାହାର ସହଯୋଗୀଙ୍କୁ ହୃଦୟରୁ ଧନ୍ୟବାଦ । ଆମ କାର୍ଯ୍ୟକ୍ରମର ଏତେ ଜୋର୍‌ଦାର ପ୍ରଚାର କରୁଛନ୍ତି । ଆସନ୍ତା ୭ ଦିନ ମଧ୍ୟ ଏହି ଉତ୍ସାହ ଓ ନିଷ୍ଠା ବଜାୟ ରଖନ୍ତୁ ।

-ରାହୁଲ ଗାନ୍ଧୀ (ବିରୋଧୀ ଦଳ ନେତା, ଲୋକସଭା)



ଆର୍‌ଏସ୍‌ଏସ୍‌ର ବିଚାରଧାରା ଦୂର ନ ହେବା ପର୍ଯ୍ୟନ୍ତ ଦେଶରେ ଶାନ୍ତି ରହିବ ନାହିଁ । ପଶ୍ଚିମବଙ୍ଗ, ହରିୟାଣା, ବିହାର ଓ ମହାରାଷ୍ଟ୍ରରେ 'ଭୋଟ୍ ଚୋରି' ମାଧ୍ୟମରେ ଗଠିତ ସରକାରଗୁଡ଼ିକୁ ହଟାଇବା ଦରକାର ।

- ମଲ୍ଲିକାର୍ଜୁନ ଖଡ଼ଗେ (କଂଗ୍ରେସ ସଭାପତି)

ଜେନ୍ Z

ଅଭିନେତ୍ରୀ ପୂଜା ବେଦୀ ବିଜେପି ଓ ମୋଦୀ ସରକାରଙ୍କୁ ନେଇ ଏକ ଭିଡିଓ ସହ ଟୁଇଟ୍ କରି କହିଛନ୍ତି ଯେ, ବିଜେପି ବିରୋଧରେ କହିବା ଦେଶବିରୋଧୀ ହେବା ନୁହେଁ । "ବିଜେପି ହିଁ ଭାରତ ନୁହେଁ । ଭାରତ ମଧ୍ୟ ବିଜେପି ନୁହେଁ । ବିଜେପି ଗଠନ ହେବା ପୂର୍ବରୁ ମଧ୍ୟ ଭାରତ ଥିଲା, ଏବଂ ବିଜେପି ପରେ ମଧ୍ୟ ଭାରତ ରହିବ ।" ବଲିଉଡ୍‌ରେ ଏପରି ସାହସର ସହ ନିଜ ମତ ପ୍ରକାଶ କରୁଥିବା ଲୋକ ପ୍ରାୟ ନାହାନ୍ତି ।

-ଦିନେଶ ଭରଦ୍ୱାଜ @bhardwaj2509

ନିର୍ବାଚନ କମିସନଙ୍କୁ ଘେରିଲା କଂଗ୍ରେସ

- ଇସିଆଇନେଟ୍ ସଫ୍ଟୱେର୍‌ରେ ତଥ୍ୟ ଲୁଚାଇବାର କାରଣ ପଚାରିଲେ ଜୟରାମ
- ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା, ଏସ୍‌ଆଇଆର୍ ସ୍ଥଗିତ ଦାବି



ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ବ୍ୟବହୃତ ଇସିଆଇନେଟ୍ ସଫ୍ଟୱେର୍‌ର ନାମ ଓ ସଂସ୍କରଣ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯାଉ ନ ଥିବା ଅଭିଯୋଗ କରି ନିର୍ବାଚନ କମିସନଙ୍କୁ ଘେରିଛି କଂଗ୍ରେସ । ଏହାର କାରଣ ସ୍ପଷ୍ଟ କରିବାକୁ ଦାବି କରିବା ସହ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ଏସ୍‌ଆଇଆର୍ ପ୍ରକ୍ରିୟା ସ୍ଥଗିତ ରଖିବାକୁ ଦଳ ଦାବି କରିଛି । କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ରବିବାର ସାମାଜିକ ଗଣମାଧ୍ୟମରେ ଏକ ରିପୋର୍ଟ ସେୟାର କରି ନିର୍ବାଚନ କମିସନଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଇସିଆଇନେଟ୍ ସଫ୍ଟୱେର୍‌ର ନାମ ଓ ସଂସ୍କରଣ ସମ୍ପର୍କରେ ସୂଚନା ଦେବାକୁ କମିସନ ମନା କରିଥିବା ଉକ୍ତ ରିପୋର୍ଟରେ ଦାବି କରାଯାଇଛି । ନିର୍ବାଚନ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ବିଷୟରେ ତଥ୍ୟ ଲୁଚାଯାଉଥିବା ଅଭିଯୋଗ କରି ଜୟରାମ ଏହାର କାରଣ ପଚାରିଛନ୍ତି । କଂଗ୍ରେସର ଅଭିଯୋଗ ଅନୁଯାୟୀ, ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ସନ୍ଦେହ ରହିଛି । ସଫ୍ଟୱେର୍‌ର କାର୍ଯ୍ୟପ୍ରଣାଳୀ ଓ ଏହାର ବ୍ୟବହାର ସମ୍ପର୍କିତ ତଥ୍ୟ ସାର୍ବଜନୀନ ହେଲେ ଏହି ସନ୍ଦେହର ଯାଞ୍ଚ କରାଯାଇପାରିବ ବୋଲି ଦଳ କହିଛି । ଇସିଆଇନେଟ୍ ସଫ୍ଟୱେର୍‌ର ବିକାଶ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) କରିଥିବା ଦାବି ସମ୍ପର୍କରେ ନିର୍ବାଚନ କମିସନ ନିଜ ଆଡୁ ସ୍ପଷ୍ଟ ସୂଚନା କାହିଁକି ଦେଉନାହାନ୍ତି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି । ଏଥିସହ ଭୋଟର ତାଲିକା ସଂଶୋଧନରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ହେଉଥିବା ଅଭିଯୋଗ କରି ଏହାର ଭୂମିକା ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ଦାବି କରିଛନ୍ତି । କଂଗ୍ରେସର ଦାବି ଅନୁଯାୟୀ, ଇସିଆଇନେଟ୍ ଓ ନିର୍ବାଚନ କମିସନଙ୍କ ସୂଚନା ପ୍ରଯୁକ୍ତି ବିଭାଗର କାର୍ଯ୍ୟକୁ ନେଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ମଧ୍ୟ ଆପତ୍ତି ଉଠାଇଥିଲେ ।

ଏ ସମ୍ପର୍କିତ ଅଭିଯୋଗ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପର୍ଯ୍ୟନ୍ତ ପହଞ୍ଚିଥିବା ଜୟରାମ ଦାବି କରିଛନ୍ତି । ନିର୍ବାଚନ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ସମସ୍ତ ସନ୍ଦେହ ଦୂର କରିବା ଆବଶ୍ୟକ ବୋଲି କଂଗ୍ରେସ କହିଛି । ତେବେ ସଫ୍ଟୱେର୍‌ରେ ହେରଫେର କିମ୍ବା ଏସ୍‌ଆଇଆର୍‌ରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଦଳର ଅଭିଯୋଗ ଏଯାଏଁ ସ୍ୱତନ୍ତ୍ର ଭାବେ ପ୍ରମାଣିତ ହୋଇନାହିଁ । ଏହି ପ୍ରସଙ୍ଗରେ ନିର୍ବାଚନ କମିସନଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି ।

ଆଜି ମାନହାନି ମାମଲାରେ ଅଦାଲତରେ ହାଜର ହୋଇପାରନ୍ତି ରାହୁଲ

୨୦୧୮ ରେ ଅମିତ ଶାହାଙ୍କ ବିରୋଧରେ ମନ୍ତବ୍ୟ ମାମଲା
ଆଜି ରାୟ ପ୍ରକାଶ ସମ୍ଭାବନା

ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): ମାନହାନି ମାମଲାରେ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆସନ୍ତା ସୋମବାର, ଅକ୍ଟୋବର ୨୬ରେ ଉତ୍ତରପ୍ରଦେଶର ସୁଲତାନପୁରସ୍ଥିତ ସ୍ୱତନ୍ତ୍ର ସାଂସଦ-ବିଧାୟକ ଅଦାଲତରେ ହାଜର ହୋଇପାରନ୍ତି । ଏହି ମାମଲାରେ ଅଦାଲତ ସୋମବାର ରାୟ ପ୍ରକାଶ କରିବାର ସମ୍ଭାବନା ରହିଛି । ୨୦୧୮ରେ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଏକ ସମ୍ମିଳନୀରେ ରାହୁଲ ଗାନ୍ଧୀ ତତ୍କାଳୀନ ବିଜେପି ଅଧ୍ୟକ୍ଷ ତଥା ବର୍ତ୍ତମାନର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ସେତେବେଳର ବିଜେପି ଜିଲ୍ଲା ଉପାଧ୍ୟକ୍ଷ ବିଜୟ ମିଶ୍ର ଅଭିଯୋଗ ଦାଖଲ କରିଥିଲେ । ୨୦୧୮ ଅଗଷ୍ଟ ୪ରେ ଏହି ମାମଲା ଦାଖଲ ହୋଇଥିବା ବେଳେ ୨୦୨୩ ଡିସେମ୍ବର ୧୬ରେ ସୁଲତାନପୁରର ସାଂସଦ-ବିଧାୟକ ଅଦାଲତ ରାହୁଲଙ୍କୁ ହାଜର ହେବା ପାଇଁ ସମନ ଜାରି କରିଥିଲେ । ଅଭିଯୋଗକାରୀ ବିଜୟ ମିଶ୍ରଙ୍କ କହିବା ଅନୁଯାୟୀ, ରାହୁଲଙ୍କ ମନ୍ତବ୍ୟ ତାଙ୍କୁ ଆଘାତ ଦେଇଥିଲା । ତେଣୁ ସେ ଆଇନଗତ ପଦକ୍ଷେପ ନେଇଥିଲେ । ଅଭିଯୋଗକାରୀଙ୍କ ଓକିଲ ସନ୍ତୋଷ କୁମାର ପାଣ୍ଡେ କହିଛନ୍ତି, ମାମଲାରେ ରାହୁଲଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ମିଳିଲେ ତାଙ୍କୁ ସର୍ବାଧିକ ଦୁଇ ବର୍ଷ ଜେଲ୍‌ଦଣ୍ଡ ହୋଇପାରେ । ରାହୁଲ ଅଦାଲତରେ ହାଜର ହୋଇ ଜାମିନ ନେବା ଆବଶ୍ୟକ, ନଚେତ୍ ଅଦାଲତ ଆଇନ ଅନୁଯାୟୀ ପଦକ୍ଷେପ ନେଇପାରିବେ ବୋଲି ସେ କହିଛନ୍ତି । ତେବେ ମାମଲାରେ ରାହୁଲ ଗାନ୍ଧୀଙ୍କ ଦୋଷ ପ୍ରମାଣିତ ହୋଇଛି କି ନାହିଁ, ତାହା ଅଦାଲତଙ୍କ ରାୟ ପରେ ସ୍ପଷ୍ଟ ହେବ ।

ୟୁପିର ସବୁ ୪୦୩ ଆସନରେ ପ୍ରାର୍ଥୀ ଦେବ ପୂର୍ବତନ ଆଇଏଏସ୍ ଦିବ୍ୟା ମିତ୍ତଲଙ୍କ ଦଳ

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ସମସ୍ତ ୪୦୩ଟି ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି ପୂର୍ବତନ ଆଇଏଏସ୍ ଅଧିକାରୀ ଦିବ୍ୟା ମିତ୍ତଲଙ୍କ ଦଳ 'ଜନନୀତି ଭାରତ' । ମିର୍ଜାପୁରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଦିବ୍ୟା ଏହି ଘୋଷଣା କରିଛନ୍ତି । ଯୋଗ୍ୟ ଓ ଦୃଢ଼ ପ୍ରାର୍ଥୀ ମିଳୁଥିବା ସମସ୍ତ ଆସନରେ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ସେ କହିଛନ୍ତି । ଗତ ଅଗଷ୍ଟରେ ଆଇଏଏସ୍ ପଦରୁ ଇସ୍ତଫା ଦେଇଥିବା ଦିବ୍ୟା ଚଳିତ ମାସରେ ନିଜ ରାଜନୈତିକ ଦଳ ଗଠନ କରିଥିଲେ । ଅକ୍ଟୋବର ୧୫ରେ ଦଳର ନାମ ଘୋଷଣା କରି ସେ କହିଥିଲେ, 'ରାଜନୀତି ଆପଣଙ୍କ ଉପରେ ଶାସନ କରୁଛି । ଜନନୀତିରେ ଆପଣମାନେ ଶାସନ କରିବେ ।' ଦିଲ୍ଲୀ ଆଇଆଇଟି ଓ ବେଙ୍ଗାଲୁରୁ ଆଇଆଇଏମ୍‌ର ପୂର୍ବତନ ଛାତ୍ରୀ ଦିବ୍ୟା ୧୩ ବର୍ଷ ଧରି ପ୍ରଶାସନିକ ସେବାରେ ଥିଲେ । ତାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ ହେଉଛି ନୀତି ନିର୍ଦ୍ଧାରଣରେ ସାଧାରଣ ଲୋକଙ୍କ ଭାଗୀଦାରି ବଢ଼ାଇବା ଏବଂ ସରକାରଙ୍କୁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ କରିବା । ବ୍ୟାପକ ବିଜ୍ଞାପନ ପରିବର୍ତ୍ତେ ଘରକୁ ଘର ଯାଇ ପ୍ରଚାର କରିବା ଉପରେ ଦଳ ଗୁରୁତ୍ୱ ଦେବ । ଲୋକଙ୍କ ସମସ୍ୟା ଓ ମତାମତକୁ ଗୁରୁତ୍ୱ ଦେବା ସହ ବିଧାୟକମାନେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ରହିବା ଦଳର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ବୋଲି ଦିବ୍ୟା କହିଛନ୍ତି ।

ବିଶିଷ୍ଟ ଚିତ୍ରଶିଳ୍ପୀ ଯୋଗେନ ଚୌଧୁରୀଙ୍କ ପରଲୋକ



କୋଲକାତା,୨୫ ।୧୦(ଏଜେନ୍ସି): ବିଶିଷ୍ଟ ଭାରତୀୟ ଚିତ୍ରଶିଳ୍ପୀ ତଥା ତୃଣମୂଳ କଂଗ୍ରେସର ପୂର୍ବତନ ରାଜ୍ୟସଭା ସାଂସଦ ଯୋଗେନ ଚୌଧୁରୀଙ୍କର ରବିବାର ସକାଳେ କୋଲକାତାର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା । ସେ ଦୀର୍ଘ ୧୪ ମାସ ଧରି ଏକ ବିରଳ ପ୍ରକାର ରକ୍ତ କର୍କଟ ରୋଗରେ ପୀଡ଼ିତ ଥିଲେ । ୧୯୩୯ ଫେବୃଆରି ୧୬ରେ ଅବିଭକ୍ତ ବଙ୍ଗର ଫରିଦପୁର ଅଞ୍ଚଳରେ ଜନ୍ମିତ ଚୌଧୁରୀ ବିଭାଜନ ପରେ କୋଲକାତା ଆସିଥିଲେ । ପ୍ୟାରିସ୍‌ରେ ଉଚ୍ଚତର କଳା ଶିକ୍ଷା ଗ୍ରହଣ କରି ସେ ନିଜସ୍ୱ ଚିତ୍ରଶୈଳୀ ପାଇଁ ପରିଚିତି ଲାଭ କରିଥିଲେ । ତାଙ୍କ ଚିତ୍ରରେ ସାମାଜିକ ଓ ରାଜନୈତିକ ବିଷୟବସ୍ତୁର ପ୍ରଭାବ ଦେଖିବାକୁ ମିଳୁଥିଲା । ୨୦୧୪ରୁ ୨୦୨୦ ପର୍ଯ୍ୟନ୍ତ ସେ ରାଜ୍ୟସଭା ସାଂସଦ ଥିଲେ । ୨୦୧୨ରେ ତାଙ୍କୁ ପଶ୍ଚିମବଙ୍ଗର ଅନ୍ୟତମ ସର୍ବୋଚ୍ଚ ନାଗରିକ ସମ୍ମାନ 'ବଙ୍ଗ ବିଭୂଷଣ' ପ୍ରଦାନ କରାଯାଇଥିଲା । ତାଙ୍କ ବିୟୋଗରେ କଳାଜଗତର ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

■ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲା
ୟାସିନ୍ ମଲିକ, ଇଞ୍ଜିନିୟର ରସିଦଙ୍କ ବିଚାର ଆରମ୍ଭ

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ଓ ଅର୍ଥ ହେରଫେର ମାମଲାରେ କାଶ୍ମୀରର ବିଚ୍ଛିନ୍ନତାବାଦୀ ନେତା ୟାସିନ୍ ମଲିକ, ବାରାମୁଲା ସାଂସଦ ଇଞ୍ଜିନିୟର ରସିଦଙ୍କ ସମେତ ୭ ଜଣଙ୍କ ବିଚାର ହେବ । ଦିଲ୍ଲୀର ଏକ ସ୍ୱତନ୍ତ୍ର ଏନ୍‌ଆଇଏ ଅଦାଲତ ନଭେମ୍ବର ୧୯ରୁ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଭିଯୋଗ ଅନୁଯାୟୀ, ପାକିସ୍ତାନରୁ ହାୱାଲା ମାଧ୍ୟମରେ ପ୍ରାୟ ୮.୯୫ କୋଟି ଟଙ୍କା ଆସିଥିଲା । ଜମ୍ମୁ-କାଶ୍ମୀରରେ ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ ଦେବା ପାଇଁ ଏହି ଅର୍ଥ ବ୍ୟବହାର ହୋଇଥିବା ଏଜେନ୍ସି ଦାବି କରିଛି । ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଜାହୁର ଅହମ୍ମଦ ଶାହ ୱାଟାଲି, ଶବିର ଅହମ୍ମଦ ଶାହ, ମସରତ ଆଲମ ଭଟ୍ଟ ଓ ନୱଲ କିଶୋର କପୁର ଅଛନ୍ତି । ତେବେ ୟାସିନ୍ ମଲିକ ଅଭିଯୋଗକୁ ଖଣ୍ଡନ କରି ମାମଲାର ସାମ୍ନା କରିବେ ବୋଲି କହିଛନ୍ତି ।

୨୮ ହଜାର କୋଟିର ସାଇବର ଠକେଇ: ଓକିଲ ଗିରଫ

ମୁମ୍ବାଇ ବିମାନବନ୍ଦରରୁ ଉଠାଇନେଲା ଇଡି

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ପ୍ରାୟ ୨୮ ହଜାର କୋଟି ଟଙ୍କାର କାରବାର ସହ ଜଡ଼ିତ ଏକ ସର୍ବଭାରତୀୟ ସାଇବର ଠକେଇ ଓ 'ଡିଜିଟାଲ୍ ଆରେଷ୍ଟ' ନେଟୱର୍କ ମାମଲାରେ ଜଣେ ଓକିଲଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଗିରଫ ଓକିଲ ରଣେଶ ଉପାଧ୍ୟାୟ ଓରଫ ରଣେଶ ଶାହଙ୍କୁ ମୁମ୍ବାଇ ବିମାନବନ୍ଦରରୁ ଶନିବାର ଅଟକ ରଖାଯାଇଥିଲା । ପରେ ତାଙ୍କୁ ଗୋଆର ଏକ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବା ପରେ ଅକ୍ଟୋବର ୨୯ ପର୍ଯ୍ୟନ୍ତ ଇଡି ହାଜତକୁ ପଠାଯାଇଛି । ଏହି ମାମଲାରେ ଗିରଫ ସଂଖ୍ୟା ସାତରେ ପହଞ୍ଚିଛି । ଇଡିର ପାଣାଜୀ ଶାଖାର ଏକ ଟିମ୍ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦିଲ୍ଲୀ ଯିବାକୁ ଥିବା ବିମାନରେ ଚଢ଼ିବା ସମୟରେ ଉପାଧ୍ୟାୟଙ୍କୁ ଧରିଥିଲା । ତାଙ୍କୁ ଚିହ୍ନଟ କରିବାରେ ସୀମା ଶୁଳ୍କ ବିଭାଗ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ସହାୟତା କରିଥିଲେ । ଇଡିର ଅଭିଯୋଗ ଅନୁଯାୟୀ, ଉପାଧ୍ୟାୟ ଏହି ଠକେଇ ନେଟୱର୍କର ଜଣେ ପ୍ରମୁଖ ସଂଯୋଜକ ଥିଲେ । ସାଇବର ଠକେଇ ସହ ଜଡ଼ିତ ବ୍ୟାଙ୍କ ଖାତାଗୁଡ଼ିକୁ ପୁଲିସ ଅଭିଯୋଗ ପରେ ଅଚଳ କରାଯିବା ସମୟରେ ସେ 'ଅଙ୍ଗାଡ଼ିଆ' ନାମକ ନଗଦ ଅର୍ଥ ପରିବହନକାରୀ ମଧ୍ୟସ୍ଥଙ୍କ ଜରିଆରେ ଅଧିକାରୀମାନଙ୍କୁ ଲାଞ୍ଚ ଦେଇ ସେଗୁଡ଼ିକୁ ପୁନଃ ସଚଳ କରାଉଥିବା ଅଭିଯୋଗ ହୋଇଛି । ତଦନ୍ତ ଅନୁଯାୟୀ, ୨୦୨୫ ମେ ୨୧ରୁ ଜୁନ୍ ୨ ମଧ୍ୟରେ ଗୋଆର ଜଣେ ମହିଳାଙ୍କୁ ଡିଜିଟାଲ୍ ଆରେଷ୍ଟର ଭୟ ଦେଖାଇ ସାଇବର ଠକମାନେ ୨.୬୦ କୋଟି ଟଙ୍କା ଠକି ନେଇଥିଲେ । ଏହି ଟଙ୍କାକୁ ବିଭିନ୍ନ ମ୍ୟୁଲ୍ ବ୍ୟାଙ୍କ ଖାତାକୁ ପଠାଯାଇଥିଲା ।

ୟୁରୋପରେ ପୁଣି ଅଶାନ୍ତି

- ଲୁହବୁହା ଗ୍ୟାସ୍ ପ୍ରୟୋଗ
- ଜଳୁଛି ବ୍ୟାରିକେଡ୍
- ହଜାର ହଜାର ସୁରକ୍ଷାକର୍ମୀ ମୁତୟନ

ଫ୍ରାନ୍ସରେ ପ୍ରାୟ ହଜାରେ ଗିରଫ, ଇଟାଲୀରେ ୫୦୦ ଅତିରିକ୍ତ ସୈନ୍ୟ ମୁତୟନ, ସ୍ପେନ୍‌ରେ ଦୋକାନ ଲୁଟ୍, ୧୦୦ ଗିରଫ

ପ୍ୟାରିସ୍,୨୫ ।୧୦(ଏଜେନ୍ସି): ମହଙ୍ଗା ଜୀବନଯାପନ, ଘରଭଡ଼ା ବୃଦ୍ଧି, ଶିକ୍ଷା ଖର୍ଚ୍ଚ, କମ୍ ଦରମା ଓ ସରକାରୀ ନୀତିକୁ ବିରୋଧ କରି ୟୁରୋପର ବିଭିନ୍ନ ଦେଶରେ ଲଗାତାର ଦ୍ୱିତୀୟ ସପ୍ତାହାନ୍ତରେ ବ୍ୟାପକ ବିକ୍ଷୋଭ ଦେଖାଦେଇଛି । ଫ୍ରାନ୍ସ, ଇଟାଲୀ, ସ୍ପେନ୍, ପର୍ତ୍ତୁଗାଲ, ଆଲବାନିଆ ଓ ବେଲଜିୟମରେ ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । କେତେକ ସ୍ଥାନରେ ବିକ୍ଷୋଭ ହିଂସାତ୍ମକ ରୂପ ନେବାରୁ ପୁଲିସ ଲୁହବୁହା ଗ୍ୟାସ୍ ଓ ଜଳକାମାନ ବ୍ୟବହାର କରିଛି । ଦୋକାନ ଲୁଟ୍ ଓ ଭଙ୍ଗାରୁଜା ରୋକିବାକୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଫ୍ରାନ୍ସରେ ଶନିବାରର ବିକ୍ଷୋଭରେ ପ୍ରାୟ ୪.୧ ଲକ୍ଷ ଲୋକ ସାମିଲ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି । ଶ୍ରମିକ ସଂଗଠନଗୁଡ଼ିକ ଏହି ସଂଖ୍ୟା ୮ ଲକ୍ଷ ବୋଲି ଦାବି କରିଛନ୍ତି । ପ୍ରାୟ ୭୦ ହଜାର ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ । ପ୍ୟାରିସ୍ ସମେତ ବିଭିନ୍ନ ସହରରେ ପ୍ରଦର୍ଶନକାରୀ ଓ ଦଙ୍ଗା ନିୟନ୍ତ୍ରଣକାରୀ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା । ଗାଡ଼ି ଶୋ'ରୁମ୍‌ର କାଚ ଭଙ୍ଗାଯିବା ସହ ରାସ୍ତାରେ ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା । ଗତ ସପ୍ତାହର ହିଂସା ପରେ ମିଲାନ୍‌ରେ ଅତିରିକ୍ତ ୫୦୦ ସୈନ୍ୟ ମୁତୟନ କରିଛନ୍ତି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି । ରୋମ୍ ଓ ତୁରିନ୍‌ରେ ପୁଲିସ ଲୁହବୁହା ଗ୍ୟାସ୍ ବ୍ୟବହାର କରିଥିବାବେଳେ ରୋମ୍‌ର କଲୋସିୟମ୍‌ରେ ଛାତ୍ରଛାତ୍ରୀମାନେ ପାଲେଷ୍ଟାଇନ୍ ପତାକା ଧରି ଗାଜା ଯୁଦ୍ଧ ବିରୋଧରେ ପ୍ରତିବାଦ କରିଥିଲେ । ସ୍ପେନ୍‌ର ବାର୍ସିଲୋନାରେ ଦୋକାନ ଲୁଟ୍ ଓ ରାସ୍ତାକଡ଼ ସାମଗ୍ରୀରେ ନିଆଁ ଲଗାଇବା ଘଟଣାରେ ପ୍ରାୟ ୧୦୦ ଜଣ ଗିରଫ ହୋଇଛନ୍ତି । ୩୦ରୁ ଅଧିକ ଅଗ୍ନିକାଣ୍ଡ ଏବଂ ୧୪ଟି ଦୋକାନରେ ଭଙ୍ଗାରୁଜା କିମ୍ବା ଲୁଟ୍ ହୋଇଥିବା କାଟାଲୋନିଆର ଆଞ୍ଚଳିକ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ପର୍ତ୍ତୁଗାଲରେ ଘରଭଡ଼ା ଓ ଘର କିଣିବା ଖର୍ଚ୍ଚ କମାଇବା ଦାବିରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ ।

ଆଲବାନିଆର ରାଜଧାନୀ ତିରାନାରେ ଛାତ୍ରଛାତ୍ରୀ ଶିକ୍ଷା ଶୁଳ୍କ ହ୍ରାସ ଓ ପ୍ରଧାନମନ୍ତ୍ରୀ ଏଡି ରାମାଙ୍କ ଇସ୍ତଫା ଦାବି କରିଥିଲେ । ବେଲଜିୟମର ବ୍ରସେଲ୍ସରେ ମଧ୍ୟ ପୁଲିସ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ୍ ବ୍ୟବହାର କରିଥିଲା । ୟୁରୋପର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ କାରଣରୁ ଏହି ବିକ୍ଷୋଭ ହେଉଥିଲେ ମଧ୍ୟ ମହଙ୍ଗା ଜୀବନଯାପନ ଓ ସରକାରୀ ନୀତିକୁ ନେଇ ଜନଅସନ୍ତୋଷ ଏହାର ପ୍ରମୁଖ କାରଣ । ହିଂସା ରୋକିବା ସହ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବା ୟୁରୋପୀୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି ।

ୟୁକ୍ରେନ୍ ଷ୍ଟାରଲିଙ୍କ୍‌ର ଅପବ୍ୟବହାର କରିଛି: ଏଲନ୍ ମସ୍କ

କିଭ୍,୨୫ ।୧୦(ଏଜେନ୍ସି): ୟୁକ୍ରେନ୍‌ରେ ଷ୍ଟାରଲିଙ୍କ୍ ଉପଗ୍ରହ ଇଣ୍ଟରନେଟ୍ ସେବାର ଗତି ଉପରେ ଲଗାଯାଇଥିବା କଟକଣା ହଟାଯାଇଛି । ସେବା ପୂର୍ବ ସ୍ଥିତିକୁ ଫେରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍‌ସ୍କି କହିଛନ୍ତି । ଏହି ସେବା ପରିଚାଳନା କରୁଥିବା ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କ ମଧ୍ୟ ଗତି ନିୟନ୍ତ୍ରଣ କରାଯାଇଥିବା ସ୍ୱୀକାର କରିଛନ୍ତି । ମସ୍କଙ୍କ ଅଭିଯୋଗ ଅନୁଯାୟୀ, ୟୁକ୍ରେନ ସାଧାରଣ ବାଣିଜ୍ୟିକ ସେବା ଷ୍ଟାରଲିଙ୍କ୍‌କୁ ଆକ୍ରମଣାତ୍ମକ ଡ୍ରୋନ୍ ଆକ୍ରମଣରେ ଲୋକଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରିଥିଲା । ଏହା ସେବାର ବ୍ୟବହାର ନିୟମର ଉଲ୍ଲଂଘନ ବୋଲି ସେ କହିଛନ୍ତି । ଗତ ସପ୍ତାହରେ ସେବାରେ ବାଧା ଯୋଗୁଁ ୟୁକ୍ରେନ୍‌ର ଯୁଦ୍ଧକ୍ଷେତ୍ରରେ ଡ୍ରୋନ୍ ପରିଚାଳନା, ଯୋଗାଯୋଗ ଓ ରସଦ ପରିବହନ ପ୍ରଭାବିତ ହୋଇଥିଲା । ଷ୍ଟାରଲିଙ୍କ୍‌ର ସାମରିକ ସଂସ୍କରଣ ଷ୍ଟାରସିଲ୍ଡ ସମ୍ପର୍କିତ ନିଷ୍ପତ୍ତି ଆମେରିକା ସରକାରଙ୍କ ନିୟନ୍ତ୍ରଣରେ ଥିବା ମସ୍କ କହିଛନ୍ତି । ଏହି ଘଟଣା ୱାଶିଂଟନ୍ ଓ କିଭ୍ ମଧ୍ୟରେ ତିକ୍ତତା ବଢ଼ାଇଛି ।

ଇରାନ ଉପରେ ଆକ୍ରମଣ କରିପାରେ ଆମେରିକା

ଶାନ୍ତି ଚୁକ୍ତି ସହ ଟ୍ରମ୍ପଙ୍କ ଚେତାବନୀ

ୱାଶିଂଟନ, ୨୫ ।୧୦(ଏଜେନ୍ସି): ଇରାନ ଉପରେ ଆମେରିକା ଯେକୌଣସି ସମୟରେ ପୁଣି ସାମରିକ ଆକ୍ରମଣ କରିପାରେ । ରବିବାର (ଅକ୍ଟୋବର ୨୫) ଆକ୍ରମଣ ହେବାର ସମ୍ଭାବନାକୁ ଏଡ଼ାଇ ନାହାନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ତେବେ ଯୁଦ୍ଧ ପରିବର୍ତ୍ତେ ଇରାନ ସହ ଏକ ବଡ଼ ଶାନ୍ତି ଚୁକ୍ତି ହେବାର ସମ୍ଭାବନା ମଧ୍ୟ ରହିଥିବା ସେ କହିଛନ୍ତି । ଏହାଦ୍ୱାରା ଉଭୟ ଦେଶ ମଧ୍ୟରେ ସାମରିକ ସଂଘର୍ଷ ପୁଣି ତୀବ୍ର ହେବା ଆଶଙ୍କା ବଢ଼ିଛି । ଶନିବାର ଫ୍ଲୋରିଡାରେ ସାମ୍ବାଦିକମାନଙ୍କ ସହ କଥା ହେବାବେଳେ ଟ୍ରମ୍ପ କହିଥିଲେ, ଆମେରିକା ଇରାନ ଉପରେ ଆକ୍ରମଣ କରିବ କି ନାହିଁ, ତାହା ସେ ସାମ୍ନାରେ କହିବେ ନାହିଁ । ରବିବାର ଆକ୍ରମଣ ହୋଇପାରେ, ତେବେ ଏକ ବଡ଼ ଚୁକ୍ତି ମଧ୍ୟ ହୋଇପାରେ । ଏହା ପୂର୍ବରୁ ଶୁକ୍ରବାର ଏକ ସଭାରେ ସେ ଇରାନ ବିରୋଧରେ ଆଉ ଏକ ସାମରିକ ଅଭିଯାନ ଆରମ୍ଭ କରିବାର ଧମକ ଦେଇଥିଲେ । ଏହାକୁ ସେ ପୂର୍ବ ଅଭିଯାନ 'ଏପିକ୍ ଫ୍ୟୁରି'ର ଆଉ ଏକ ପର୍ଯ୍ୟାୟ ବୋଲି ସଙ୍କେତ ଦେଇଛନ୍ତି । ଟ୍ରମ୍ପ ଆମେରିକାର ସାମରିକ ସଫଳତାର ପ୍ରଶଂସା କରି କହିଛନ୍ତି ଯେ ଇରାନର ଯୁଦ୍ଧବିମାନ ଓ ଅନେକ ଜାହାଜ ନଷ୍ଟ କରାଯାଇଛି । ଇରାନରେ ରେକର୍ଡ ମୁଦ୍ରାସ୍ଫୀତି ରହିଥିବା ମଧ୍ୟ ସେ ଦାବି କରିଛନ୍ତି । ତେବେ ଏହି ସାମରିକ କ୍ଷୟକ୍ଷତି ସମ୍ପର୍କିତ ଦାବିଗୁଡ଼ିକର ସ୍ୱତନ୍ତ୍ର ପୁଷ୍ଟି ରିପୋର୍ଟରେ ଦିଆଯାଇନାହିଁ । ଆମେରିକା ସହ ଚୁକ୍ତି କରିବାକୁ ଇରାନ ଆଗ୍ରହୀ ବୋଲି ଟ୍ରମ୍ପ କହିଥିଲେ ମଧ୍ୟ ତେହେରାନ ଚୁକ୍ତିର ସର୍ତ୍ତ ପାଳନ କରିବ କି ନାହିଁ, ସେ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଇରାନକୁ ପରମାଣୁ ଅସ୍ତ୍ର ବିକଶିତ କରିବାରୁ ରୋକିବା ତାଙ୍କ ପ୍ରଶାସନର ପ୍ରମୁଖ ଲକ୍ଷ୍ୟ ବୋଲି ସେ ପୁଣି ଦୋହରାଇଛନ୍ତି । ଅନ୍ୟପକ୍ଷରେ, ହର୍ମୁଜ୍ ପ୍ରଣାଳୀ ଖୋଲିବା ବଦଳରେ ଆମେରିକା ନୌସେନା ଅବରୋଧ ହଟାଇବାକୁ ଇରାନ ପାକିସ୍ତାନୀ ମଧ୍ୟସ୍ଥଙ୍କ ନିକଟରେ ନୂଆ ପ୍ରସ୍ତାବ ଦେଇଥିବା ଖବରକୁ ତେହେରାନ ଖଣ୍ଡନ କରିଛି ।

କୋଟିଆ ପ୍ରସଙ୍ଗରେ ଚୁପ୍ ବସିଛନ୍ତି ଟ୍ରିପଲ ଇଞ୍ଜିନ ସରକାର

କୋଟିଆ ପାଇଁ ବିଜେପି ସରକାରଙ୍କ ନାହିଁ ଆନ୍ତରିକତା: ବିଜେଡି

ଭୁବନେଶ୍ୱର,୨୫।୧୦(ସମିସ): ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କୋଟିଆ ପ୍ରସଙ୍ଗରେ ତିଳେ ମାତ୍ର ଆନ୍ତରିକତା ଦେଖାଉ ନାହିଁ । ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ କେନ୍ଦ୍ର ସରକାରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଥିବା

- ଆନ୍ଧ୍ର ପ୍ରଦେଶ ହାତକୁ କୋଟିଆ ଟେକି ଦେବାକୁ ଚକ୍ରାନ୍ତ କରୁଛନ୍ତି ରାଜ୍ୟ ସରକାର
- ଅଢେଇ ବର୍ଷରେ ରାଜ୍ୟ ସରକାର କୋଟିଆ ପାଇଁ କ'ଣ କରିଛନ୍ତି ?
- ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅବସରରେ କୋଟିଆ ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ବିଜେଡିର ଅପିଲ

ସତ୍ତ୍ୱେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି। ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ, ପୂର୍ବତନ ସାଂସଦ ତଥା ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ ଓ ସାଧାରଣ ସମ୍ପାଦକ ତଥା ଜାତୀୟ ମୁଖପାତ୍ର ଭୃଗୁ ବକ୍ସିପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ମାଝୀ କହିଛନ୍ତି ଯେ କୋଟିଆ ପ୍ରସଙ୍ଗରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଲେ ନାହିଁ। ଓଡ଼ିଶାବାସୀ କୋଟିଆ ଆମର ବୋଲି କହୁଥିବା ବେଳେ କିନ୍ତୁ ଆଜି କୋଟିଆ ଅସହାୟ ହୋଇ ପଡ଼ିଛି। ତାହାର ଦୂରାବସ୍ଥା ଦେଖିବା ପାଇଁ କେହି ବି ନାହାନ୍ତି। ନିର୍ବାଚନ ପୂର୍ବରୁ ଓ ପରେ ବିଜେପି ସରକାର ମାଳ ମାଳ ପ୍ରତିଶ୍ରୁତି ଦେଇଥିବା ବେଳେ ପୂରଣ କରିବାକୁ ଭୁଲି ଗଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତ

କରିଥିଲେ। ମାଆକୁ ଆମ୍ଭେ ମାନେ କେବେ ମାଉସୀ ବୋଲି ଡାକିବୁ ନାହିଁ ବୋଲି କହିବା ସହ ସେଠାରେ ଉତ୍କଳ ଦିବସ ମଧ୍ୟ ପାଳନ କରିଥିଲେ। କିନ୍ତୁ ତାହା କେବଳ ଲୋକ ଦେଖାଣିଆ ଥିଲା ବୋଲି ପ୍ରମାଣିତ ହୋଇଛି। ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ସମେତ କେନ୍ଦ୍ରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ରହିଛି। ସେମାନେ ଚାହିଁଥିଲେ ସିଧାସଳଖ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରି ପାରିଥାନ୍ତେ। ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଦ୍ୱାରା କୋଟିଆ ପ୍ରସଙ୍ଗର ସମାଧାନ ହେବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାଳ ମାଳ ମନ୍ତ୍ରୀ କୋଟିଆ ଗସ୍ତ କରି ସ୍ଥାୟୀ ସମାଧାନ କରିବେ ବୋଲି ବୟାନବାଜି କରିଥିଲେ। ତାହା ମଧ୍ୟ ପାଣିର ଗାର ସାଜିଲା। ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, କ୍ୟାବିନେଟ ମନ୍ତ୍ରୀଙ୍କ ବାରମ୍ବାର କୋଟିଆ ଗସ୍ତ ହୋଇଥିଲେ ସୁଦ୍ଧା ଫଳାଫଳ ଶୂନ୍ୟ ରହିଛି। ଗତ ଅଢ଼େଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କୋଟିଆ ପାଇଁ କଣ କରିଛନ୍ତି ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଛନ୍ତି।

କୋଟିଆ ଦୁର୍ଗମ ଓ ଅଗମ୍ୟ ହୋଇ ରହିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବିକାଶ ମୂଳକ କାର୍ଯ୍ୟ ହୋଇଥିଲା। ବିଜେଡି ଶାସନ କାଳର ବିକାଶ ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିଥିଲା। କୋଟିଆ ପାଇଁ ୧୬୪କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ କରାଯାଇଥିଲା। କିନ୍ତୁ ବିଜେପି ସରକାରରେ ତାହା ଅବହେଳିତ ହୋଇରହିଛି। କୋଟିଆ ଓଡ଼ିଶାର ହୋଇଥିବା ବେଳେ ମାତ୍ର କୋଟିଆ ଗାଁ ଗୁଡିକ ଉପରେ ଆନ୍ଧ୍ରର ଆଖି ରହିଛି । ଗତ ଅଢେଇ ବର୍ଷରେ ବିଜେପି ସରକାର କୋଟିଆରେ ରଙ୍ଗ ମଧ୍ୟ ମାରି ନାହାନ୍ତି। ବିଜେପି ସରକାରଙ୍କ ଖାଲି ଭାଷଣ ବାଜି, କାମରେ ହେଲେ ଜିରୋ। କୋଟିଆ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କିଛି ନବୁଝି ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦେଇ ମୁମ୍ବାଇ ପଳେଇ ଗଲେ। ଜଣେ ଉପ ଜିଲ୍ଲାପାଳ କୋଟିଆ ବିବାଦ ବୁଝିବେ ମୁଖ୍ୟମନ୍ତ୍ରୀ ରାଜ ଧର୍ମ ପାଳନ କରନ୍ତୁ, ରାଜନୈତିକ ପଶାପାଳିରୁ ଦୂରରେ ରୁହନ୍ତୁ । ବିଜେପି ସରକାରଙ୍କ ନିଦ ନଭାଙ୍ଗିଲେ କୋଟିଆ ଆନ୍ଧ୍ର ପ୍ରଦେଶ ସରକାରଙ୍କ ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଥିବା ବେଳେ କୋଟିଆ ସୀମା ବିବାଦର ପ୍ରଧାନମନ୍ତ୍ରୀ ସମାଧାନ କରି ଦେଇପାରନ୍ତେ। ଓଡ଼ିଶାବାସୀଙ୍କ ସମସ୍ୟାକୁ ପ୍ରଧାନମନ୍ତ୍ରୀ ବୁଝନ୍ତୁ, ଏଥି ସହିତ ଏହାର ସମାଧାନ କରନ୍ତୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜେପି ସରକାରଙ୍କ ପାଇଁ ଓଡ଼ିଶାର ସ୍ୱାର୍ଥ ସାଧିତ ହେବା ବଦଳରେ ଅନେକ କ୍ଷତି ହୋଇଛି । ମହାନଦୀ ପ୍ରସଙ୍ଗରେ ଛତିଶଗଡ ସରକାର ଏବଂ ପୋଲାଭରମ୍, କୋଟିଆ, ବଂଶଧାରା ଆଦି ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶ ସରକାରଙ୍କ ସପକ୍ଷରେ ମତ ପୋଷଣ କରୁଛନ୍ତି। ଆନ୍ଧ୍ର ପ୍ରଦେଶ ସରକାର ଅପଚେଷ୍ଟା କରୁଥିବା ବେଳେ ଓଡ଼ିଶା ସରକାର ଚୁପ୍ ହୋଇ ବସିଛନ୍ତି। ଇତି ମଧ୍ୟରେ କେନ୍ଦ୍ର ସରକାର ଉକ୍ତ ପ୍ରସଙ୍ଗରେ ଜାଣି ଶୁଣି ହସ୍ତକ୍ଷେପ ନକରି ଆନ୍ଧ୍ର ପ୍ରଦେଶ ସରକାରଙ୍କ ସପକ୍ଷରେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କ୍ଷୋଭପ୍ରକାଶ କରିଥିଲେ। ବିଜେପି ସରକାର କୋଟିଆ ପ୍ରସଙ୍ଗ ସମାଧାନ ନକରି ରାଜନୈତିକ ଗୋଟି ଚାଳନା କରୁଛନ୍ତି । ଓଡ଼ିଆ ଅସ୍ମିତା ଆଗରେ ବିଜେପି ସରକାରଙ୍କ ପାଇଁ ଦଳୀୟ ସ୍ୱାର୍ଥ ଆଗ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି।

ସଂଶୋଧିତ କାର୍ଯ୍ୟସୂଚୀ

ନଭେମ୍ବର ୪ରେ ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ଆସିବେ ରାଷ୍ଟ୍ରପତି

ବାରିପଦା, ୨୫।୧୦(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗାମୀ ମୟୂରଭଞ୍ଜ ଗସ୍ତ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଏହି ଗସ୍ତକୁ ଘୁଞ୍ଚାଇ

ଦିଆଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସେ ଅକ୍ଟୋବର ୨୮ ଓ ୨୯ ତାରିଖରେ ରାଇରଙ୍ଗପୁର ଆସିବାର ଥିଲା। ବର୍ତ୍ତମାନ ସେ ନଭେମ୍ବର ୪ ଓ ୫ ତାରିଖରେ ଦୁଇଦିନିଆ ଗସ୍ତରେ ଆସିବେ ବୋଲି ରାଷ୍ଟ୍ରପତି ଭବନରୁ ଚିଠି ମାଧ୍ୟମରେ ସୂଚନା ମିଳିଛି। ଏହାକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନଭେମ୍ବର ୪ ତାରିଖ ସକାଳ ୮ଟାରେ ରାଷ୍ଟ୍ରପତି ଭବନରୁ ବାହାରି କଲେଇକୁଣ୍ଡା ଦେଇ ପୂର୍ବାହ୍ଣ ୧୦.୪୫ରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍‌ରେ ଅବତରଣ କରିବେ। ସେଠାରୁ ବାହାରି ବହଳଦା ମା' କିଚକେଶ୍ୱରୀ ମନ୍ଦିର ଯାଇ ପୂଜା କରିବେ। ପରେ ରାଇରଙ୍ଗପୁର ହଲିଡେ ହୋମ୍‌ରେ ପହଞ୍ଚି ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଓ ହିନ୍ଦୁଜା ହସ୍ପିଟାଲ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର, ନେଫ୍ରୋଲୋଜି କ୍ୟାମ୍ପେନ୍ ଓ ମେଡିକାଲ ଭ୍ୟାନ୍‌ର ଶୁଭାରମ୍ଭ କରିବେ। ଅପରାହ୍ଣରେ ଉପଖଣ୍ଡ ଚିକିତ୍ସାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ ସହ କଚେରି ପଡ଼ିଆରେ ଆୟୋଜିତ ସଭାରେ 'ପ୍ରସାଦ' ଯୋଜନାରେ ଖିଚିଂ ମା' କୀଚକେଶ୍ୱରୀ ମନ୍ଦିର ନବୀକରଣ, ଜାହେରା ବିକାଶ, ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହଷ୍ଟେଲ, ଗୋଶାଳା ଓ ଆସେକା ଭବନ ନିର୍ମାଣର ଶିଳାନ୍ୟାସ କରିବେ। ଏଥିସହିତ ବାଦାମପାହାଡ଼-ପୁରୀ ଦୈନିକ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ। ସେଦିନ ରାତିରେ ସେ ନିଜ ମହୁଲଡିହାସ୍ଥ ବାସଭବନରେ ରାତ୍ରୀଯାପନ କରିବେ। ନଭେମ୍ବର ୫ (ଗୁରୁବାର) ସକାଳେ ମହୁଲଡିହା ଲକ୍ଷ୍ମୀ ମଣ୍ଡପରେ ପୂଜାର୍ଚ୍ଚନା, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ, ବିକାଶନଗରରେ ସିଏସସି କ୍ୟାମ୍ପେନ୍ ଓ ବୀରନାରୀଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଗୋରୁମହିଷାଣୀସ୍ଥ ମଲ୍ଟି-ସ୍କିଲ୍ ସେଣ୍ଟରରେ ଶାଳ ଓ ମହୁଲ ଚାରା ରୋପଣ କରିବେ। ଟାଉନ ହଲରେ ସିକ୍‌ଲସେଲ୍ ପୀଡ଼ିତଙ୍କ ସହ ଆଲୋଚନା କରିବା ପରେ ଅପରାହ୍ଣ ୧୨.୪୫ରେ ଦାଣ୍ଡବୋଷରୁ ବାୟୁସେନାର ହେଲିକପ୍ଟର ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

ଓଡ଼ିଶା-ଆନ୍ଧ୍ର ପୁଲିସ ଛକାପଞ୍ଝା

ସିସିଟିଭି ଲଗାଇଲା ଆନ୍ଧ୍ର, ଫାଟକ ବସାଇଲା ଓଡ଼ିଶା

ପଟ୍ଟାଙ୍ଗି, ୨୫।୧୦ (ସମିସ): କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସିଥିବା ସୀମା ବିବାଦ ପୁଣି ତୀବ୍ର ହୋଇଛି। କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳକୁ ସାମିଲ କରି ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ାଯାଉଥିବାରୁ ଉଭୟ ରାଜ୍ୟର ପ୍ରଶାସନିକ ତତ୍ପରତା ବଢ଼ିଛି। ଆନ୍ଧ୍ର ପକ୍ଷରୁ ସିସିଟିଭି କ୍ୟାମେରା ଲଗାଯାଇଥିବାବେଳେ ଓଡ଼ିଶା ପୁଲିସ କୋଟିଆ ଥାନା ସମ୍ମୁଖରେ ଚେକ୍‌ଗେଟ୍ ସ୍ଥାପନ କରିଛି। ଉଭୟ ରାଜ୍ୟର ପୁଲିସ ଯାନବାହନ ଯାଞ୍ଚ ଜୋରଦାର କରିଥିବାରୁ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଆଶଙ୍କା ବଢ଼ିଛି।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଅଞ୍ଚଳରେ ଏମ୍‌ପିଟିସି ଓ ଜେଡ୍‌ପିଟିସି ନିର୍ବାଚନ ପାଇଁ ମୋଟ ୩ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଗଞ୍ଜେଇପଦର ଅଞ୍ଚଳରୁ ୱାଇଏସ୍‌ଆର୍ କଂଗ୍ରେସର ମାଝୀ କାନପୁରି ଓ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ତାଡ଼ିଙ୍ଗି ଚିରଞ୍ଜିବୀ ନାମାଙ୍କନ ଭରିଥିବାବେଳେ ଫଗୁଣସିନେରୀରୁ ଟିଡିପିର ରେଣ୍ଡୋ ହାରେକା ପ୍ରାର୍ଥୀ ହୋଇଛନ୍ତି। ଆସନ୍ତା ନଭେମ୍ବର ୩ ତାରିଖରେ ଆନ୍ଧ୍ର ପକ୍ଷରୁ ମତଦାନ କରାଇବା ପାଇଁ ପ୍ରସ୍ତୁତି ଚାଲିଥିବା କୁହାଯାଉଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଶାସନ ମଧ୍ୟ କୋଟିଆରେ ନିଜର ଉପସ୍ଥିତି ଓ କାର୍ଯ୍ୟକଳାପ ବଢ଼ାଇଛି। ଉପଜିଲ୍ଲାପାଳ କୁମାରୀ ହାବି ରସିଦ କୋଟିଆରେ ରାତ୍ରିଯାପନ କରିବା ସହ ବିଭିନ୍ନ ଗ୍ରାମ ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଲୋକଙ୍କ ସମସ୍ୟା ଶୁଣିବା ସହ ସୀମାନ୍ତ ଅଞ୍ଚଳରେ ପ୍ରଶାସନର ଉପସ୍ଥିତି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

କୋଟିଆ ପ୍ରସଙ୍ଗକୁ ନେଇ ରାଜନୈତିକ ତତ୍ପରତା ମଧ୍ୟ ଜୋରଦାର ହୋଇଛି। ବିଜେଡିର ୧୬ ଜଣିଆ ନେତୃମଣ୍ଡଳୀ କୋଟିଆ ଗସ୍ତ କରି ଆନ୍ଧ୍ର ପକ୍ଷରୁ ଚାଲିଥିବା ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିଛି। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ କୋଟିଆରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର ଅଧିକ ସକ୍ରିୟ ପଦକ୍ଷେପ ନେବାକୁ ଦଳ ଦାବି କରିଛି। ବିଜେପି ପକ୍ଷରୁ ମଧ୍ୟ କୋଟିଆର ବିଭିନ୍ନ ଗ୍ରାମକୁ ଗସ୍ତ କରାଯାଇଛି। ଆନ୍ଧ୍ର ପକ୍ଷରୁ ହେଉଥିବା ନିର୍ବାଚନରେ ଭାଗ ନ ନେବାକୁ ଦଳୀୟ ନେତା ଓ କର୍ମୀମାନେ ସ୍ଥାନୀୟ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି।

ଉଭୟ ରାଜ୍ୟ ପକ୍ଷରୁ ଜୋରଦାର ଯାନବାହନ ଯାଞ୍ଚ

ଏହି ଗସ୍ତ ସମୟରେ ବିଜେପି କର୍ମୀଙ୍କ ସହ ଆନ୍ଧ୍ର ପୁଲିସର ବଚସା ହୋଇଥିବା ମଧ୍ୟ ଜଣାପଡ଼ିଛି।

ଓଡ଼ିଶା ପକ୍ଷରୁ ପ୍ରଶାସନିକ ଓ ରାଜନୈତିକ ତତ୍ପରତା ବଢ଼ିବା ପରେ ଆନ୍ଧ୍ର ପ୍ରଶାସନ ମଧ୍ୟ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ଉପର ସେମ୍ଳି ଗ୍ରାମରେ ଆନ୍ଧ୍ର ପୁଲିସ ମୁତୟନ କରାଯାଇଛି। ରାସ୍ତାରେ ଚେକ୍‌ଗେଟ୍ ସ୍ଥାପନ କରି ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଛି। ସନ୍ଦେହଜନକ ଗତିବିଧି ଉପରେ ନଜର ରଖିବା ସହ ରାସ୍ତାକଡ଼ରେ ସିସିଟିଭି କ୍ୟାମେରା ଲଗାଯାଇଛି।

ଅନ୍ୟପକ୍ଷରେ ଓଡ଼ିଶା ପୁଲିସ ମଧ୍ୟ କୋଟିଆ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। କୋଟିଆ ଥାନା ସମ୍ମୁଖରେ ଚେକ୍‌ଗେଟ୍ ସ୍ଥାପନ କରାଯାଇ ଯାନବାହନ ଯାଞ୍ଚ ଚାଲିଛି। ଏଥିସହ ଫାଟୁସିନେରୀ ଓ ନେରେଇୱାଳସା ଅଞ୍ଚଳରେ ପୁଲିସ ମୁତୟନ କରାଯାଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖାଯାଉଛି।

ଏସସିବି ମେଡିକାଲ ଲିଫ୍ଟ ଅଚଳ

କଟକ,୨୫।୧୦(ସମିସ): ରାଜ୍ୟର ସର୍ବୋଚ୍ଚ ଚିକିତ୍ସାନୁଷ୍ଠାନ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଲିଫ୍ଟ ବିଭ୍ରାଟ ଘଟଣାରେ ଅଗ୍ନିଶମ ବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ଧରଣର ଅଘଟଣରୁ ୬ ଜଣ ରୋଗୀଙ୍କ ସମ୍ପର୍କୀୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହସ୍ପିଟାଲର ସର୍ଜରୀ ବିଭାଗରେ ଥିବା ଲିଫ୍ଟ ହଠାତ୍ ଅଚଳ ହୋଇଯିବାରୁ ସେଥିରେ ୬ ଜଣ ବ୍ୟକ୍ତି ପ୍ରାୟ ୩୦ ମିନିଟ୍ ଆତଙ୍କିତ ଅବସ୍ଥାରେ ଫସି ରହିଥିଲେ। ଏସସିବି ଫାୟାର ଷ୍ଟେସନ୍

୩୦ ମିନିଟ୍ ଲିଫ୍ଟରେ ଫସିଲେ ୬ ଜଣ

ଟିମ୍ ଲିଫ୍ଟ ଅପରେଟରଙ୍କ ସହ ମିଶି ଅକ୍ଳାନ୍ତ ପରିଶ୍ରମ କରିବା ପରେ ଲିଫ୍ଟରୁ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବାରେ ସଫଳ ହୋଇଥିଲେ। ଏହି ଘଟଣାରେ ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ଶେଖ ନୱାଜ୍ (୩୨), ରାଜ୍‌ଦା ବେଗମ୍ (୫୦), ପ୍ରଦ୍ୟୁମ୍ନ ମହାପାତ୍ର (୩୬), ବାଦଲ ଦାସ (୫୯), ବିମଳା ପ୍ରଧାନ (୪୨) ଏବଂ ସନାତନ ସାହୁ (୪୫)। ସମସ୍ତେ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି। ଏସସିବି ଭଳି ଏକ ପ୍ରମୁଖ ଚିକିତ୍ସାନୁଷ୍ଠାନରେ ଏଭଳି ବାରମ୍ବାର ଲିଫ୍ଟ ଅଚଳ ହେବା ଘଟଣା ଏହାର ନିୟମିତ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ ପୁଣିଥରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାରିପଦାରେ ଚାଞ୍ଚଲ୍ୟ

ଘର ବାରଣ୍ଡାରୁ ବିଏସ୍‌ଏଫ୍ ଯବାନଙ୍କ ୪ ବର୍ଷର ଝିଅ ନିଖୋଜ

ବାରିପଦା,୨୫।୧୦ (ସମିସ): ଘର ବାରଣ୍ଡାରେ ଏଣେତେଣେ ବିଞ୍ଚି ହୋଇ ପଡ଼ିରହିଛି ଖେଳଣା ଓ ଚପଲ। ହେଲେ ନାହିଁ କୁନି ଝିଅ। ମା' ଚାରିଆଡ଼େ ଝିଅକୁ ଚାହିଁ ଚାହିଁ ଉଭାନ ହୋଇଯାଇଛି ୪ ବର୍ଷର ଶିଶୁକନ୍ୟା। ଘର ଆଗରୁ ଏଭଳି ରହସ୍ୟଜନକ ଭାବେ ଶିଶୁ ନିଖୋଜ ହେବା ଘଟଣା ବାରିପଦା ସହରରେ ତୀବ୍ର ଚାଞ୍ଚଲ୍ୟ ଖେଳାଇ ଦେଇଛି। ଘଟଣାଟି କୌଣସି ଅପହରଣକାରୀ ଗ୍ୟାଙ୍ଗର କାରନାମା ବୋଲି ସନ୍ଦେହ ହେଉଥିବାବେଳେ ଶିଶୁକୁ ଖୋଜି ବାହାର କରିବାକୁ ଭଞ୍ଜପୁର ପୁଲିସର ୩ଟି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି।

ସୂଚନା ମୁତାବକ, ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ରେ କାର୍ଯ୍ୟରତ ଯବାନ ସୁନୀଲ କୁମାର ସୋରେନଙ୍କ ପତ୍ନୀ ଚାନ୍ଦମଣି ସୋରେନ ନିଜ ସାଢ଼େ ଚାରିବର୍ଷର ଝିଅ ମାହି ମହିଳା ସୋରେନ (ସିଦ୍ଧି)ଙ୍କ ସହ ଭଞ୍ଜପୁର ରେଳ ଷ୍ଟେସନ ନିକଟ ଯମୁନାଦେଇପୁର (ୱାର୍ଡ ନଂ୧୮) ଅଞ୍ଚଳରେ ଏକ ଭଡ଼ାଘରେ ରହୁଛନ୍ତି। ରବିବାର ପୂର୍ବାହ୍ଣ ପ୍ରାୟ ୧୧ଟା ବେଳେ କୁନି ଝିଅ ସିଦ୍ଧି ଘର ବାରଣ୍ଡାରେ ଖେଳୁଥିଲା। ଏହି ସମୟରେ ମା' ଚାନ୍ଦମଣି ରୋଷେଇ କରିବା ପାଇଁ ମାତ୍ର କିଛି ମିନିଟ୍ ଘର ଭିତରକୁ ଯାଇଥିଲେ। କାମ ସାରି ବାହାରକୁ ଆସିବା ବେଳକୁ ଝିଅ ନ ଥିବା ଦେଖି ତାଙ୍କ ପାଦ ତଳୁ ମାଟି ଖସିଯାଇଥିଲା।

ଅପହରଣ ସନ୍ଦେହ; ୩ଟି ପୁଲିସ ଟିମ୍‌ର ତନାଘନା

ବାରଣ୍ଡାରେ କେବଳ ପଡ଼ିରହିଥିଲା ଶିଶୁର ଚପଲ ଓ ଖେଳଣା। ପରିବାର ଲୋକେ ଆଖପାଖ ଅଞ୍ଚଳ, ଗଳିକନ୍ଦିରେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଶେଷରେ ଭଞ୍ଜପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ମା'ଙ୍କ ଲିଖିତ ଅଭିଯୋଗ ପାଇବା ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଭୁକ୍ତଭୋଗୀ ଅଞ୍ଚଳର ଜଣେ ମହିଳା ପୁଲିସକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଥିଲେ ଯେ, ଜଣେ ଅଜଣା ବ୍ୟକ୍ତିଙ୍କ ସହ ଏକ ଛୋଟ ଝିଅ କାନ୍ଦି କାନ୍ଦି ଯାଉଥିବା ସେ ଦେଖିଥିଲେ। ତେବେ ଉକ୍ତ ଝିଅଟି ନିଖୋଜ ସିଦ୍ଧି କି ନୁହେଁ, ସେନେଇ ପୁଲିସ ସିସିଟିଭି ଫୁଟେଜ୍ ଓ ସ୍ଥାନୀୟ ସୂତ୍ରଙ୍କ ଆଧାରରେ ଛାନଭିନ କରୁଛନ୍ତି। ଅନ୍ୟପକ୍ଷରେ, ସୀମାରେ ଦେଶବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ଥିବା ଯବାନ ପିତା ସୁନୀଲ କୁମାର ସୋରେନ ଏ ଖବର ପାଇ ସ୍ତବ୍ଧ ହୋଇପଡ଼ିଛନ୍ତି। ଘରେ ମା' ଓ ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳିରେ ପରିବେଶ ଅତ୍ୟନ୍ତ ଶୋକାକୁଳ ହୋଇପଡ଼ିଛି। ଘଟଣାକୁ ଗମ୍ଭୀରତାର ସହ ନେଇ ଭଞ୍ଜପୁର ଥାନା ଅଧିକାରୀ ୩ଟି ତଦନ୍ତକାରୀ ଟିମ୍ ଗଠନ କରି ରେଳ ଷ୍ଟେସନ, ବସଷ୍ଟାଣ୍ଡ ଓ ସହରର ବିଭିନ୍ନ ପ୍ରବେଶ ପଥରେ ନାକାବନ୍ଦୀ ସହ ଚଢ଼ଉ ଜାରି ରଖିଛନ୍ତି। ଶିଶୁକୁ କେହି ଅପହରଣ କରି ନେଇଛି ନା, ଅନ୍ୟକୌଣସି ଘଟଣା ଘଟିଛି, ସେନେଇ ପୁଲିସ ଅନୁସନ୍ଧାନ ଜାରି ରଖିଥିବାବେଳେ ଶିଶୁକନ୍ୟାର ସୁରକ୍ଷିତ ଉଦ୍ଧାର ଉପରେ ଏବେ ପୁରା ସହରବାସୀଙ୍କ ନଜର ରହିଛି।

କୁମାର ପୂର୍ଣ୍ଣିମାରେ ଚାନ୍ଦ ବନ୍ଦାଣ

ଭାଲୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ବୋରିଗୁମ୍ମା,୨୫।୧୦ (ସମିସ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବୋଡ଼ିଗା ପଞ୍ଚାୟତର ଡକିଗୁଡ଼ା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ପାର୍ବତୀ ମୁଦୁଲି ପରିବା ତୋଳିବା ପାଇଁ ବଗିଚାକୁ ଯାଇଥିଲେ, ସେହି ସମୟରେ ପରିବା ବଗିଚାରେ ମା' ଭାଲୁ ଦୁଇଟି ଛୁଆ ଭାଲୁ ସହିତ ସେଠାରେ ଥିଲେ। ମା' ଭାଲୁ ପାର୍ବତୀଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ମହିଳା ଜଣକ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ି ଚିତ୍କାର କରିବା ପରେ ଗାଁ ଲୋକେ ଭାଲୁକୁ ଘଉଡ଼ାଇ ଥିଲେ। ପାର୍ବତୀଙ୍କୁ ଉଦ୍ଧାର କରି କୁମୁଲି ମେଡିକାଲ ନିଆଯାଇଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୋରିଗୁମ୍ମା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ଦୁଇ ମାସ ହେଲା ବୋଡ଼ିଗା ଅଞ୍ଚଳରେ ଭାଲୁଙ୍କ ଉପଦ୍ରବ ବଢ଼ିଚାଲିଛି। ବନ ବିଭାଗ ନିୟମିତ ପାଟ୍ରୋଲିଂ ଉପରେ ଗ୍ରାମବାସୀ ଗୁରୁତ୍ୱ ଦେଇଛନ୍ତି।

ଦୁର୍ଘଟଣା ପରେ ଟ୍ରକ୍ ସହ ଜଳିଗଲେ ଦୁଇ ଚାଳକ

ରାଉରକେଲା,୨୫।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ କୋଇଲା କରିଡରର ଅଁଳାବାହାଲ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି କୋଇଲା

ବୋଝେଇ ଟ୍ରେଲର ମୁହାଁମୁହିଁ ଧକ୍କା ହେବା ଫଳରେ ନିଆଁ ଲାଗି ଉଭୟ ଗାଡ଼ି ସହ ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୨ଟାବେଳେ ଏହି ଦୁର୍ଘଟଣା ଘଟିଥିଲା। ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମସିଏଲ)ରୁ କୋଇଲା ନେଇ ଆସୁଥିବା ଏକ ଟ୍ରେଲର ସହିତ କୋଇଲା ଲୋଡ଼ି ଫେରୁଥିବା ଅନ୍ୟ ଏକ ଟ୍ରେଲର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଗାଡ଼ିଗୁଡ଼ିକର ଫୁଏଲ ଟାଙ୍କି ଫାଟିଯାଇ ବିସ୍ଫୋରଣ ଘଟିଥିଲା। ଉଭୟ ଟ୍ରେଲର ହୁ ହୁ ହୋଇ ଜଳିଯାଇଥିଲା। ସେଥିରେ ଥିବା ୨ ଚାଳକ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ସେହି ରାସ୍ତାରେ ଯାଉଥିବା ଅନ୍ୟ ଟ୍ରକ୍ ଚାଳକମାନେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ଏତେ ଥିଲା ଯେ ଉଦ୍ଧାର କାର୍ଯ୍ୟ ସମ୍ଭବପର ହୋଇନଥିଲା। ଫଳରେ ଘଟଣାସ୍ଥଳରେ ହିଁ ୨ ଚାଳକ ଜଳି ଯାଇଥିଲେ। ମୃତ ଚାଳକଙ୍କ ପରିଚୟ ଏଯାବତ୍ ମିଳିପାରିନାହିଁ। ସେମାନେ ବିହାର ଅଞ୍ଚଳର ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ସେମାନଙ୍କ ନାମ ଓ ଠିକଣା ସମ୍ପର୍କରେ କୌଣସି ସରକାରୀ ପୁଷ୍ଟୀକରଣ ମିଳିନାହିଁ। ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲେଫ୍ରିପଡ଼ା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ସଠିକ୍ କାରଣ ଏବଂ ମୃତକଙ୍କ ପରିଚୟ ସମ୍ପର୍କରେ ଅଧିକ ଖୋଳତାଡ଼ ଚାଲିଛି।

ରାଜ୍ୟ କଂଗ୍ରେସର ପିଏସି ବୈଠକ

ପଞ୍ଚାୟତ ପ୍ରଦର୍ଶନକୁ ନେଇ ମାନସମନ୍ଥନ

ଭୁବନେଶ୍ୱର,୨୫।୧୦(ସମିସ): ଆସନ୍ତା ବର୍ଷ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ହାତରେ ଆଉ ମାତ୍ର ମାସ କେଇଟା ବାକି ଅଛି। ସଦ୍ୟ ସମାପ୍ତ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ବିରୋଧୀ ଦଳ ଭାବେ ବିଜେଡି ଏବେ ବି ଶକ୍ତିଶାଳୀ ଅଛି। ଛାତ୍ର ନିର୍ବାଚନରେ ଏହାର ପ୍ରମାଣ ମିଳିଛି। ତେଣୁ ଆସନ୍ତା ଦିନରେ ଯଦି ବିଜେପି ସରକାରରୁ ଯାଏ ତେବେ ବିଜେଡି ହିଁ ସରକାରଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା ପ୍ରତିୟମାନ ହେଉଛି। ଏଭଳି ସ୍ଥିତିରେ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ କିପରି ରହିବ ଓ କାହିଁକି ଦଳ ଲୋକଙ୍କ ପାଖରେ ପହଞ୍ଚିପାରୁନି, ତାକୁ ନେଇ ରବିବାର କଂଗ୍ରେସ ଭବନରେ ଆୟୋଜିତ ପିଏସି ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। କଂଗ୍ରେସର ବରିଷ୍ଠ ନେତାମାନେ ଏହି ପ୍ରସଙ୍ଗରେ ଉତ୍ତର ଆଶା କରିବା ସହ ଦଳ କାହିଁକି ତୃଣମୂଳସ୍ତରରେ ପହଞ୍ଚିପାରୁ ନାହିଁ, ସେନେଇ ଚିନ୍ତା ପ୍ରକଟ କରିଥିବା ଜଣାପଡ଼ିଛି। ତେବେ ନିଜ ଦଳର ନେତା ଓ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଆରମ୍ଭ କଲେ କଂଗ୍ରେସକୁ ଓଡ଼ିଶାରେ କେହି ରୋକିପାରିବେ ନାହିଁ ବୋଲି ପିସିସି ପ୍ରଭାରୀ ଲାଲଜୀ ଦେଶାଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଭାରୀ ଶ୍ରୀ ଦେଶାଇ ନିଜ ରାଜ୍ୟ ଗୁଜୁରାଟ ଉଦାହରଣ ଦେଇ କହିଛନ୍ତି, ଗୁଜରାଟରେ ଦଳର

- ଏମ୍‌ଏମ୍‌ଡିଆର ପ୍ରସଙ୍ଗରେ ଆହୁରି ଶାଣିତ ହେବ ସ୍ୱର
- ଓଡ଼ିଶାରେ ଡାଟା ସେଣ୍ଟର ନିର୍ମାଣକୁ ତୀବ୍ର ବିରୋଧ
- ଦିଲ୍ଲୀ ସମାବେଶରେ ଓଡ଼ିଶାରୁ ଯିବେ ୫ ହଜାର କର୍ମୀ

୩୭ ପ୍ରତିଶତ ଭୋଟ ହାରେଇଥିବା ବେଳେ ୫ ହଜାର ଲୋକଙ୍କର ସମାବେଶଟିଏ ଆୟୋଜନ କରିବା କଷ୍ଟକର ହେଉଥାଏ। ତେବେ ଓଡ଼ିଶାରେ ମାତ୍ର ସାଢ଼େ ୧୩ ପ୍ରତିଶତ ଭୋଟ ହାରେଇ ମଧ୍ୟ ଦଳର ନେତାମାନେ ଅନାୟାସରେ ୫-୭ ହଜାର ଲୋକଙ୍କ ସମାବେଶ କରିଦେଇପାରନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ, ସଂଗଠିତ ଭାବେ ପରିଶ୍ରମ କଲେ ଦଳ ବିଜୟୀ ହେବା ସୁନିଶ୍ଚିତ ହେବ।

ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ରାଜ୍ୟ ସଂଗଠନ ଓ ବିଭିନ୍ନ ତୃଣମୂଳ ସ୍ତର ଯାଏ ପହଞ୍ଚିବା ଉପରେ ତା'ର ସୂଚନା ଦେବା ସହ ପଞ୍ଚାୟତ ନିର୍ବାଚନରେ ଦଳର ବଡ଼ ନେତାମାନେ ନିଜନିଜ ଜିଲ୍ଲାର ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ବରିଷ୍ଠ ନେତାମାନେ ବିଭିନ୍ନ ପ୍ରସ୍ତାବ ଦେବାପରେ ସର୍ବସମ୍ମତ କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ପଞ୍ଚାୟତ ନିର୍ବାଚନ ୱାକଓଭର ଭଳି ଲଢ଼ିବାକୁ ଏକକ ନିଆଯାଇଥିଲା। ତେବେ ଏହି ନିର୍ବାଚନରେ ଓବିସି ସଂରକ୍ଷଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଏମ୍‌ଏମ୍‌ଡିଆର ପ୍ରସଙ୍ଗରେ ମାତ୍ର ୪ ଟି ସମାବେଶରେ ଦଳ ସୀମିତ ନ ରହି ଏହି ଅଭିଯାନକୁ ଆହୁରି ଆଗକୁ ନେବାକୁ ଦାବି ହୋଇଛି। ଏଥିପାଇଁ ଏମ୍‌ଏମ୍‌ଡିଆର୍ ଓ ଏସ୍‌ଆଇଆର ପ୍ରସଙ୍ଗକୁ ଓଡ଼ିଶାର ଘରେଘରେ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ଦଳ ନିଷ୍ପତ୍ତି ନେଇଛି। ଏହି ଦୁଇ ପ୍ରସଙ୍ଗ କ'ଣ, ତାହା ରାଜ୍ୟବାସୀଙ୍କ ସହଜରେ ବୁଝାଇବାକୁ ଆଇନଜୀବୀମାନଙ୍କ ଦଳ ପକ୍ଷରୁ ତୃଣମୂଳ ସ୍ତରକୁ ପଠାଯିବାକୁ ନରସିଂହ ମିଶ୍ର ପ୍ରସ୍ତାବ ଦେଇଛନ୍ତି। ଅନ୍ୟପଟେ ବିଭିନ୍ନ ରାଜ୍ୟରେ ଡାଟା ସେଣ୍ଟରକୁ ବିରୋଧ କରାଯାଉଥିବା ବେଳେ ଓଡ଼ିଶାରେ ଡାଟା ସେଣ୍ଟର ନିର୍ମାଣ ପାଇଁ ନିଷ୍ପତ୍ତିକୁ ତୀବ୍ର ବିରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହା ଦ୍ୱାରା ଜଳ ଓ ବିଦ୍ୟୁତ ସଙ୍କଟର ସମ୍ମୁଖୀନ ହେବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ତା'ର ବିବରଣୀ ଦେଇ ଏହାକୁ ନିନ୍ଦା କରିଛନ୍ତି। ଅନ୍ୟପଟେ ନଭେମ୍ବର ୧ ଦିଲ୍ଲୀ ସମାବେଶରେ ଓଡ଼ିଶାରୁ ପ୍ରାୟ ୫ ହଜାର ଲୋକଙ୍କୁ ନେବା ପାଇଁ ଦଳ ଲକ୍ଷ୍ୟ ରଖିଛି। ଏଥିରେ ପିସିସି ପଦାଧିକାରୀଙ୍କ ସହ ସମସ୍ତ ଜିଲ୍ଲା ସଭାପତି ଓ ଅନ୍ୟ ଲୋକଙ୍କୁ ମିଶାଇ ପ୍ରାୟ ୫ ହଜାର ଲୋକ କିପରି ଦିଲ୍ଲୀ ଯିବେ ସେନେଇ ଯୋଜନା କରାଯାଇଛି। ବୈଠକରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ଓ ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ଓ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ମହିଳା କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ।

ସାରା ଜିଲ୍ଲା ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମାରେ ଉତ୍ସବ ମୁଖର

କେନ୍ଦୁଝର, ୨୬।୧୦(ସମିସ)

ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଏବଂ କୁମାର ପୂର୍ଣ୍ଣିମାକୁ ନେଇ ସାରା ଜିଲ୍ଲା ଉତ୍ସବ ମୁଖର ହୋଇଉଠିଛି। ବେଶକେ ସ୍ଥାନରେ ପୂଜା ଅବସରରେ ମେଳା, ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେତେକ ସ୍ଥାନରେ ଏକ ସପ୍ତାହ ପର୍ଯ୍ୟନ୍ତ ଲକ୍ଷ୍ମୀପୂଜା ଓ ମେଳା ଅନୁଷ୍ଠିତ ହେଉଥିବାବେଳେ ସନ୍ଧ୍ୟା ଆଳତି ସମୟରେ ମଣ୍ଡପଗୁଡ଼ିକରେ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଛି। ରବିବାର ଲକ୍ଷ୍ମୀପୂଜାର ପ୍ରଥମ ଦିନରେ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ବିଭିନ୍ନ ପୂଜା କମିଟି ତରଫରୁ ପ୍ରସାଦ ବଣ୍ଟନ କରାଯାଉଛି। କାଶିପୁର, ମାଧପୁର, ମହାଲକ୍ଷ୍ମୀ କଲଟରାଇ ସେଷ୍ଟର, ସାର୍ବଜନୀନ ମହାଲକ୍ଷ୍ମୀ ପୂଜା କମିଟି ନୂଆସାହି, ପୁରୁଣାବଜାର, ବର୍ଣ୍ଣଆପାଟ ମା' ଲକ୍ଷ୍ମୀପୂଜା କମିଟି, ମହାଲକ୍ଷ୍ମୀ ପୂଜା କମିଟି କମାରଗୋଡା, କାଁପାର, ବଡହଳ ଲକ୍ଷ୍ମୀପୂଜା କମିଟି, ଧୋବାଡିହା, ଜେଲିମାଟେ, ନେଟାଜୀ ଯୁବକ ସଂଘ ପବିତ୍ରଡିହା, ଶିବନାରାୟଣପୁର ସାହି, ବୁଲାଡ଼ାରସାହି, ଲକ୍ଷ୍ମୀନାରାୟଣପୁରସାହି, ଆଟୋପୁର, ରଙ୍ଗପାଟସାହି, ବାବରବରପୁର, ବୈଦ୍ୟରାଜସାହି, ରାଇସୁଆଁ, ପଦ୍ମପୁର, ଜଳାଶୟଙ୍କା ନିକଟସ୍ଥ ପୁରୁସୁଆଁ, ତୁରୁମୁଙ୍ଗା, ପାଟଣା, ଚମ୍ପୁଆ, ଯୋଡା ଆଦି ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ରାଇସୁଆଁଠାରେ କଳସ ଶୋଭାଯାତ୍ରା ପୂଜା ମାହୋଲକୁ ସରଗରମ କରିଛି। ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା କାର୍ଯ୍ୟ ଶାସ୍ତ୍ରମତେ ଅନୁଷ୍ଠିତ ହେଉଥିବାବେଳେ ସ୍ୱତନ୍ତ୍ର ଆକର୍ଷଣୀୟ ଲାଇଟ୍ ଗେଟ୍ ଓ ତୋରଣ ସାଧାରଣ ଲୋକଙ୍କୁ ଆକର୍ଷିତ କରୁଛି। ଅପରପକ୍ଷରେ ବିଭିନ୍ନ ସ୍ଥାନରେ ପବିତ୍ର କୁମାରପୂର୍ଣ୍ଣିମା କୁମାରୀଙ୍କ ଦ୍ୱାରା ଶ୍ରଦ୍ଧାର ସହିତ ପାଳିତ ହୋଇଛି। କୁମାରୀମାନେ ଏହି ଅବସରରେ ତୁଳସୀ ଚଉରାକୁ ସୁନ୍ଦର ଭାବେ ସଜାଇ କ୍ଷୀର, ଛେନା, ଦହି, ଖଇ ପ୍ରଭୃତି ପୂଜା ସାମଗ୍ରୀରେ ଚାଦ ତିଆରି କରି ନିଜ ପାଇଁ ଭଲ ଜୀବନସାଥୀ ପାଇବାକୁ ଚନ୍ଦ୍ରଦେବଙ୍କୁ ବନ୍ଦାପନା କରିଛନ୍ତି। ତା'ପରେ ଚାନ୍ଦକୁ ନେଇ ପୋଖରୀରେ ବିସର୍ଜନ କରି ପୋଖରୀରୁ ବାଲି ଏବଂ ଗେଣ୍ଡା ଆଣି ତାକୁ ଘର ଉପରକୁ ଫିଙ୍ଗି କୁମାରୀମାନେ ସେମାନଙ୍କର ଭାଇଙ୍କର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିଛନ୍ତି। କୁମାର ପୂର୍ଣ୍ଣିମା ଏବଂ ଗଜଲକ୍ଷ୍ମୀ ପୂଜାକୁ ନେଇ ସାରା କେନ୍ଦୁଝର ଉତ୍ସବମୁଖର ହୋଇ ପଡ଼ିଛି।

ଲକ୍ଷ୍ମୀପୂଜା ପାଇଁ ଚଳଚଞ୍ଚଳ ପାଟଣା ଅଞ୍ଚଳ

ତୁରୁମୁଙ୍ଗା, ୨୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳ ଲକ୍ଷ୍ମୀପୂଜା ପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି। ତୁରୁମୁଙ୍ଗା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୫୮ତମ ଲକ୍ଷ୍ମୀପୂଜା ପାଳନ କରାଯାଉଥିବା ବେଳେ ପୂଜକ ସୁଶାନ୍ତ କର, ଅରୁଣ ମିଶ୍ର ଓ ପ୍ରଫୁଲ୍ଲ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। କର୍ତ୍ତା ଭାବରେ ରାଜକିଶୋର ସାହୁ ଦାୟିତ୍ୱ ତୁଲାଉଛନ୍ତି। ପୁଣ୍ୟତୋୟା ବୈତରଣୀ ନଦୀରୁ ରମେଶ ପୃଷ୍ଟି, ଅଞ୍ଜନ ପୃଷ୍ଟି, ଅଭିମନ୍ୟୁ ସାହୁ, ଶରତ ସାହୁ, ଅନିରୁଦ୍ଧ ମହାକୁଡ଼, ଅନନ୍ତ ସାହୁ, ଚକ୍ରଧର ସାହୁ, ଗୌତମ ବେହେରା ପ୍ରମୁଖ କଳସ ଯାତ୍ରାରେ ସାମିଲ ହୋଇଥିଲେ। ଘଟ ଅଣାଯିବା ପରେ ମା'ଙ୍କ ପୂଜାବିଧି ଚାଲୁରହିଛି। କମିଟିର ସଭାପତି ପ୍ରଫୁଲ୍ଲ ବେହେରା ସମ୍ପାଦକ ଇନ୍ଦ୍ରଜିତ ସାହୁଙ୍କ ସମେତ ସୁଦର୍ଶନ ସାହୁ ପ୍ରସନ୍ନ ସାହୁ ଅଧିକାରୀ ସାହୁ ଏବଂ ଗ୍ରାମବାସୀ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି। ସେହିପରି ଟେମଣୀ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ୩୬ତମ ପୂଜା ଲକ୍ଷ୍ମୀପୂଜା ମହାଆଡ଼ମ୍ବରରେ ପାଳନ କରାଯାଉଛି। ସ୍ଥାନୀୟ ବନ୍ଧରୁ କଳସ ଯାତ୍ରା କରି କଳସ ଅଣାଯିବା ପରେ ମା'ଙ୍କ ପୂଜାର୍ଚ୍ଚନା ଚାଲୁ ରହିଛି। ପୂଜକ ମହେଶ ଚଟାର୍ଜୀ ପୂଜାର୍ଚ୍ଚନା କରୁଥିବା ବେଳେ ସଂଜ୍ଞରେ ଭି ସଞ୍ଜୟ ମହାନ୍ତ ପୂଜାକାର୍ଯ୍ୟ ତୁଲାଉଛନ୍ତି। ସଭାପତି ବିରେନ୍ଦ୍ର ପ୍ରସାଦ ସାହୁ, ଗଜେନ୍ଦ୍ର ମହାନ୍ତ, ନିରାକାର ମହାନ୍ତ, ରବୀନ୍ଦ୍ର ମହାନ୍ତ, ରମେଶଚନ୍ଦ୍ର ନାଏକ, ମାଧବ ମହାନ୍ତ, ଶରତ ମହାନ୍ତ ନେତ୍ରାନନ୍ଦ ମହାନ୍ତ, ଲମ୍ବୋଦର ମହାନ୍ତ, ବସନ୍ତ ମହାନ୍ତ, ବିଜୟ ମହାନ୍ତ, ବିଶିକେଶ ମହାନ୍ତ, ବିରଞ୍ଚି ମହାନ୍ତ ନେତାଜୀ ମହାନ୍ତ ବସନ୍ତ ମହାନ୍ତ, ଉମାକାନ୍ତ ମହାନ୍ତ, ରମାକାନ୍ତ ମହାନ୍ତ ପ୍ରମୁଖ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି। ସୁସଜ୍ଜିତ ତୋରଣ ସାଙ୍ଗକୁ ଆଲୋକମାଳାରେ ପୂଜା ମଣ୍ଡପଗୁଡ଼ିକ ଝଲସୁଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଭକ୍ତଙ୍କ ପାଇଁ ଆନନ୍ଦବଜାର କରାଯାଇ ପ୍ରସାଦ ବଣ୍ଟନ କରାଯାଉଛି। ସେହିପରି ପାଟଣା ମୁଖ୍ୟାଳୟ କୁମାର ଉତ୍ସବ କମିଟି ପକ୍ଷରୁ ୫୬ତମ ଗଜଲକ୍ଷ୍ମୀ ପୂଜା ଆନନ୍ଦେଶ୍ୱର ଶିବ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଛି। କର୍ତ୍ତା ଭାବେ ତାପସ ମିଶ୍ର ଦେବନାରି ସମ୍ପାଦନ କରିଥିବା ବେଳେ ପଣ୍ଡିତ ରାମଚନ୍ଦ୍ର ଦାଶ, ନବକିଶୋର ଦାଶ, ଜ୍ଞାନରଞ୍ଜନ ଦାଶ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଉଛନ୍ତି। କୁମାର ଉତ୍ସବ କମିଟିର ଲିପକ କୁମାର ସାହୁ ବିବେକାନନ୍ଦ ଦାଶ, ଦକ୍ଷକୁମାରସାହୁ, ଅଭିଷେକ ଦାଶ, ପ୍ରିୟବ୍ରତ ମିଶ୍ର, ଅଜୟ ଦାଶ, ସୌମ୍ୟରଞ୍ଜନ ଦାଶ, ଦୀପକ ଭଞ୍ଜଦେଓ ସହ ଅନ୍ୟ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ସୋମବାର ଅପରାହ୍ନରେ ସର୍ବସାଧାରଣଙ୍କ ପାଇଁ ଙ୍ଖୁଡ଼ି ଭୋଗ ବ୍ୟବସ୍ଥା କରାଯାଉଛି।

ହାଟଡ଼ିହୀର ବିଭିନ୍ନ ସ୍ଥାନରେ ପବିତ୍ର ଲକ୍ଷ୍ମୀପୂଜା

ହାଟଡ଼ିହୀ,୨୬।୧୦(ସମିସ): ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷକୁ ଜଳକଙ୍କଣ ଲକ୍ଷ୍ମୀପୂଜା ଅନୁଷ୍ଠାନଟି ୪୮ ବର୍ଷରେ ପଦାର୍ପଣ କରିଛି। ହାଟଡ଼ିହୀରେ ଲକ୍ଷ୍ମୀପୂଜା ଅନୁଷ୍ଠାନଟି ୪୯ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଜଳକଙ୍କଣଠାରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ଖୁବ୍ ହୋଇଥିବା ଚରଣରଣା, ମନୋଜ ପାତ୍ର, ପଙ୍କଜ ଜେନା, ବିଜୟ ଜେନା, ନରେନ୍ଦ୍ର ସା, ଶଙ୍କର୍ଷଣ ନାୟକ, ରୂପନାରାୟଣ ଦାସ, ସୁଶାନ୍ତ ନାୟକ, ମଦନ ଦାସ, ବାବାଜୀ ଦାସ, ଅଜୟ ଜେନା, ସନାତନ ଜେନା, ମଣ୍ଟୁ ନାୟକ, ଜଗନ୍ନାଥ ନାୟକ, ଅନିଲ ନାୟକ ପ୍ରମୁଖ ପୂଜା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଏହିପରି ହାଟଡ଼ିହୀ ଲକ୍ଷ୍ମୀପୂଜାରେ ପୂଜକ ଭାବେ ଉମାକାନ୍ତ ପଣ୍ଡାଙ୍କ ପୂର୍ଣ୍ଣ ଦାୟିତ୍ୱରେ

ଦେଖାଯାଉଛି। ଜଳକଙ୍କଣ ଲକ୍ଷ୍ମୀପୂଜା କମିଟିର ସଭାପତି ଶଙ୍କର୍ଷଣ ନାୟକ ଓ ସମ୍ପାଦକ ସଦାଶିବ ଦତ୍ତ ଓ କୋଷାଧ୍ୟକ୍ଷ ସୁଶାନ୍ତ ନାୟକଙ୍କ ସହ ପୂଜା କମିଟିର ସଦସ୍ୟଙ୍କ ସହଯୋଗକ୍ରମେ ପୂଜାକାର୍ଯ୍ୟ ଚାଲିଛି। ପୂଜକ ବାବାଜୀ ଚରଣ ତିଆଡ଼ିଙ୍କ ତତ୍ତ୍ୱାବଧାନରେ ପୂଜକ ଲକ୍ଷ୍ମୀଧର ତ୍ରିପାଠୀ, ବାବୁ ଦେବତା, ମାୟାଧର ଦାସ ପ୍ରମୁଖ ପୂଜାକାର୍ଯ୍ୟର ପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ପୂଜାରେ ଭଗବାନ ନାୟକ ସଂଜ୍ଞ ଦାୟିତ୍ୱ ବହନ କରିଛନ୍ତି। କମିଟି ସଦସ୍ୟଙ୍କ ମଧ୍ୟରେ କାମପାଳ ନାୟକ, ଗୋପ ମଲ୍ଲିକ, ରୁଦ୍ରନାରାୟଣ ଜେନା, ନାରାୟଣ ସେଠୀ, ଗୋପାଳ ନାୟକ, ସୁଦାମ ପୂଜାକାର୍ଯ୍ୟ ହୋଇଥିବା ବେଳେ ବିଭୂତି ଭୂଷଣ ପତି ସଂଜ୍ଞ ଦାୟିତ୍ୱ ତୁଲାଉଥିଲେ। ପୂଜା କମିଟିର ଘନଶ୍ୟାମ ପତି, ଅକ୍ଷୟ ପତି, ମାନସ ନାୟକ, ବଳରାମ ମଲ୍ଲିକ, ଯୁଧିଷ୍ଠିର ନାୟକ, ମନୋଜ ସାହୁ, ହାପୁ ପତି, ବୁଟୁ ମାଝୀ, ନାଥ ଜେନା, ଲିଟୁ ରାଉତ, ତପନ ସାହୁ, ଗୌରହରୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହିପରି ଅଣା ଏବଂ ଛେନାପଦୀ ବଜାରର ବିଭିନ୍ନ ସ୍ଥାନରେ ଖୁବ୍ ଧୁମ୍‌ଧାମରେ ପୂଜାକାର୍ଯ୍ୟ ଚାଲିଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଜଳକଙ୍କଣ, ହାଟଡ଼ିହୀ, ଅଣା ଏବଂ ଛେନାପଦାଠାରେ ଆଜିଠାରୁ ସାତଦିନ ଧରି ଲକ୍ଷ୍ମୀପୂଜା ମେଳା ଚାଲିବା ନେଇ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

କଣ୍ଟିପାଳରେ ଗଜଲକ୍ଷ୍ମୀ ପୂଜା

ଆନନ୍ଦପୁର, ୨୬।୧୦ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ବେହେରାସାହିର ସର୍ବପୁରାତନ ଅନୁଷ୍ଠାନ ପକ୍ଷରୁ ମାଆ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଗ୍ରାମ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ମାଆଙ୍କ ମଣ୍ଡପରେ କଳସ ସ୍ଥାପନ କରି ରୀତିନୀତି ଅନୁସାରେ ପୂଜକ ବିରଞ୍ଚନ ଷଡଙ୍ଗୀ ଏବଂ ହେମନ୍ତ ଷଡଙ୍ଗୀ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ମାଆଙ୍କ ପୂଜାର୍ଚ୍ଚନା ଚାରିଦିନ ଧରି ପାଳନ କରାଯିବା ନେଇ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ମାଆଙ୍କ ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ସୁଶାନ୍ତ କୁମାର ବେହେରା, ଚନ୍ଦ୍ରଶେଖର ବେହେରା, ସନତ କୁମାର ବେହେରା, ସତ୍ୟପ୍ରକାଶ ବେହେରା ଏବଂ ସ୍ୱର୍ଗୀୟ ଶେଖର ଚନ୍ଦ୍ର ଥିବା ବେଳେ ମହେନ୍ଦ୍ର ବେହେରା ଏବଂ ବିବେକାନନ୍ଦ ବେହେରା ପୂଜା ଅନୁଷ୍ଠାନର ଦାୟିତ୍ୱ ତୁଲାଉଛନ୍ତି। ପୂଜାରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ମାଆଙ୍କ ପୂଜା ମଣ୍ଡପ ଶ୍ରଦ୍ଧାଳୁଙ୍କ ମନମୁଗ୍ଧ କରିପାରିଛି। ଏଠାରେ ଅନନ୍ତ୍ର ବର୍ଷରୁ ବ୍ୟବସ୍ଥା ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ସହିତ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତର କାର୍ଯ୍ୟକ୍ରମ ଉପଭୋଗ କରିବାକୁ ବହୁ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ପ୍ରଥମ ଦିନ ମାଆଙ୍କ ପୂଜା ସାଙ୍ଗକୁ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହେଉଥିବାରୁ କୁମାରୀଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଶେଷ ଦିନ ସନ୍ଧ୍ୟାରେ ମାଆଙ୍କୁ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥାଏ। ପଞ୍ଚଦିନଠାରୁ ମନୋରଞ୍ଜନର କାର୍ଯ୍ୟକ୍ରମରେ ନାମୀଦାମୀ ଅପେରା ପାର୍ଟିର ନାଟକ ମଞ୍ଚସ୍ଥ ହେବାର ସୂଚନା ରହିଛି। ମାଆଙ୍କ ପୂଜାରେ ଗ୍ରାମର ସମସ୍ତ ବରିଷ୍ଠ ବ୍ୟକ୍ତି ଏବଂ ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଆନନ୍ଦପୁରରେ ଶ୍ରୀଗଜଲକ୍ଷ୍ମୀ ପୂଜା ୯୧ ବର୍ଷରେ

ଆନନ୍ଦପୁର, ୨୬।୧୦(ସମିସ): ଆନନ୍ଦପୁର ଲକ୍ଷ୍ମୀ ବଜାରରେ ଶ୍ରୀଗଜଲକ୍ଷ୍ମୀଙ୍କ ପୂଜା ଚଳିତ ବର୍ଷ ୯୧ ବର୍ଷରେ ପଦାର୍ପଣ କରିଛି। ପୂଜକଙ୍କ ଷୋଡଶପଚାର ପୂଜାର୍ଚ୍ଚନା କରିବା ପରେ ଜୀବନ୍ୟାସ ଦିଆଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁ ଓ ମହିଳାମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସଭାପତି ବଳରାମ ସାହୁ, ସମ୍ପାଦକ ଦେବରାଜ ସିଂ, ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ସାମଲ, ସନାତନ ପାତ୍ର, ଅକ୍ଷୟ ପାତ୍ର, ନିତ୍ୟାନନ୍ଦ ସାମଲ, ବସନ୍ତ ସାହୁ, ମହେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଭୋଗ କାକରା, ଦହିବରା, କ୍ଷୀରପିଠା ଫଳ ଅର୍ପଣ କରାଯାଇଥିଲା।



ଲକ୍ଷ୍ମୀପୂଜା ପାଇଁ କମିଟିର ଶେଷ ପ୍ରସ୍ତୁତି ବୈଠକ

ଯୋଡ଼ା, ୨୬।୧୦ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରରେ ଦୀର୍ଘ ୭୦ରୁ ୭୫ ବର୍ଷ ଧରି ଧୁମ୍‌ଧାମରେ ପାଳିତ ହୋଇଆସୁଥିବା ମା' ଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ କମିଟି ପକ୍ଷରୁ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ପୂଜା ସହ ମେଳା ଓ ଅପେରା କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବାବେଳେ ଏହାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଶନିବାର ଅପରାହ୍ନରେ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ପୂଜା କମିଟିର କର୍ମକର୍ତ୍ତା, ସଦସ୍ୟ, ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ପୋଲିସ ପ୍ରଶାସନର ଅଧିକାରୀମାନେ ଯୋଗଦେଇଥିଲେ। ପୂଜା, ମେଳା ଓ ଅପେରା କାର୍ଯ୍ୟକ୍ରମ ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନଘଟେ, ସେଥିପାଇଁ ବିଭିନ୍ନ ପଦକ୍ଷେପ ଓ ଆୟୋଜନର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ପୂଜା କମିଟିର ସମ୍ପାଦକ ରବିନାରାୟଣ ଦାସ ପ୍ରଶାସନ ଓ ପୁଲିସ ପ୍ରଶାସନର ସହଯୋଗ କାମନା କରିଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକ ସହଯୋଗ ପ୍ରଦାନ ନେଇ ସମ୍ମତି ମିଳିଥିବା ଜଣାପଡ଼ିଛି। ପୂଜା ଅବସରରେ ଶାନ୍ତି ବଜାୟ ରଖିବା, ଭିଡ଼ ନିୟନ୍ତ୍ରଣ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନେଇ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତାମତ ରଖିଥିଲେ। ଏହି ବୈଠକରେ ଯୋଡ଼ା ପୌରପାଳିକାର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ପୂଜା କମିଟିର ସମ୍ପାଦକ ରବି ନାରାୟଣ ଦାସ, ସହସମ୍ପାଦକ କାବୁ ଜେନା, କୋଷାଧ୍ୟକ୍ଷ ଭୋଲାନାଥ ସାହୁ, ବରିଷ୍ଠ ନାଗରିକ ନାଳମଣି ମହାନ୍ତି ଓ ପୁରୁଷୋତ୍ତମ ଦାସ, ପୂର୍ବତନ ଚମ୍ପୁଆ ବିଧାୟକ ଜିତେନ୍ଦ୍ର ପଟ୍ଟନାୟକ, ଶରତ ନାୟକ ଓ ରଞ୍ଜିତ ମହାକୁଡ଼ଙ୍କ ସମେତ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଏବଂ ଯୋଡ଼ା ଥାନାଧିକାରୀ ପ୍ରଶାନ୍ତ ସାମଲ ଉପସ୍ଥିତ ଥିଲେ। ସହରବାସୀଙ୍କ ସହଯୋଗରେ ପୂଜା, ମେଳା ଓ ଅପେରା କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ କରିବା ନେଇ କମିଟି ଆଶା ପ୍ରକାଶ କରିଛି।

ଧଳାଡିହିରେ ଗଜଲକ୍ଷ୍ମୀ ପୂଜା

ବୈତରଣୀରୁ ପବିତ୍ର ଜଳକଳସ ଶୋଭାଯାତ୍ରା

ଚମ୍ପୁଆ, ୨୬।୧୦(ସମିସ): ଚମ୍ପୁଆ ଅଞ୍ଚଳର ଧଳାଡିହି ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ କଳସ ଯାତ୍ରା ଧାର୍ମିକ ଉତ୍ସାହ ଓ ଆଧ୍ୟାତ୍ମିକ ଭାବନାର ପରିବେଶ ସୃଷ୍ଟି କରିଥିଲା। ଗ୍ରାମର ବହୁ ସଂଖ୍ୟକ ମହିଳା ଏହି ଯାତ୍ରାରେ ସାମିଲ ହୋଇଥିଲେ। କଳସ ଯାତ୍ରା ପାଇଁ ମହିଳାମାନେ ଚମ୍ପୁଆର ବୈତରଣୀ ନଦୀକୁ ଯାଇ ସେଠାରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପରେ ପବିତ୍ର ଜଳରେ କଳସ ପୂର୍ଣ୍ଣ କରି ମୁଣ୍ଡରେ କଳସ ଧାରଣ କରି ଗ୍ରାମ ଅଭିମୁଖେ ଫେରିଥିଲେ। ମହିଳାମାନଙ୍କ ସାମୂହିକ ଅଂଶଗ୍ରହଣ ଓ ଭକ୍ତିପୂର୍ଣ୍ଣ ଯାତ୍ରା ଗଜଲକ୍ଷ୍ମୀ ପୂଜାର ଆକର୍ଷଣ ବଢ଼ାଇଥିଲା। କଳସ ଯାତ୍ରା ପରେ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜାପାଠ ଆରମ୍ଭ ହୋଇଥିଲା। ପୁରୋହିତ ଅଶୋକ ପଣ୍ଡା ବିଧିବିଧାନ ଅନୁଯାୟୀ ମନ୍ତ୍ରପାଠ ଓ ପୂଜାର୍ଚ୍ଚନା କରିଥିଲେ। ମା'ଙ୍କ ଆଶୀର୍ବାଦରେ ଗ୍ରାମର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରି ଶ୍ରଦ୍ଧାଳୁମାନେ ପୂଜାରେ ସାମିଲ ହୋଇଥିଲେ। ଏହି ପୂଜାରେ କର୍ତ୍ତା ଭାବେ ଧର୍ମେନ୍ଦ୍ର ପ୍ରହରାଜ, ରୋହିତ ପଶାୟତ ଓ କାଳିଆ ମହାକୁଡ଼ ଉପସ୍ଥିତ ଥିଲେ। ଏହାସହ ପୂଜା କମିଟିର ବହୁ ସଦସ୍ୟ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଗ୍ରାମବାସୀଙ୍କ ସହଯୋଗ ଓ ସାମୂହିକ ଉଦ୍ୟମରେ ଗଜଲକ୍ଷ୍ମୀ ପୂଜା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା।

ଗୋରୁ ବୋଝେଇ ୨ଟି ପିକ୍‌ଅପ୍ ଜବତ

୨୦ରୁ ଅଧିକ ଗୋରୁ ଉଦ୍ଧାର

କେନ୍ଦୁଝର, ୨୬।୧୦(ସମିସ): ରବିବାର ଜାତୀୟ ରାଜପଥ ୪୯ରେ କୁଡିଆ ଘାଟି ଏବଂ ମୋଟିଗାଁ ନିକଟରେ ଗୋ-ରକ୍ଷକ ଦଳ ପକ୍ଷରୁ ଚଢ଼ଉ କରାଯାଇ ଗୋରୁ ବୋଝେଇ ୨ଟି ପିକ୍‌ଅପ୍ ଗାଡ଼ି ଅଟକ ରଖି ପୁଲିସ ଜିମା ଦିଆଯାଇଛି। ଟାଉନ ପୁଲିସ ୨ଟି ଗାଡ଼ିରୁ ୨୦ରୁ ଅଧିକ ଗୋରୁ ଉଦ୍ଧାର କରିଛି। ଉଭୟ ଗାଡ଼ିର ଡ୍ରାଇଭର ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ସକାଳ ସମୟରେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ର ଅଞ୍ଜର ଏବଂ ମୋଟିଗାଁ ନିକଟରେ ଗୋରୁ ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନକୁ ଗୋ ରକ୍ଷକ ଦଳ ଅଟକାଇଥିଲେ। ପିକ୍‌ଅପ୍ ଗାଡ଼ି ୨ଟିରୁ ବହୁ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଜଣେ ପଶୁ ଚିକିତ୍ସକ ଆହତ ଗୋରୁଙ୍କର ଚିକିତ୍ସା କରୁଛନ୍ତି। ଗୋରୁଗୁଡ଼ିକୁ ଅନୁଗୁଳ ଜିଲ୍ଲା ଖାମାର ଅଞ୍ଚଳରୁ ଅଣାଯାଉଥିବାବେଳେ ମୟୂରଭଞ୍ଜ ଜିଲ୍ଲା ବେଟ୍‌ପେଷକୁ ନିଆଯାଉଥିବା ଜଣାପଡ଼ିଛି। ୪୯ନଂ ଜାତୀୟ ରାଜପଥରେ ବହୁ ସମୟରେ ଗୋ-ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏନେଇ ଟାଉନ ପୁଲିସ ତଦନ୍ତ ଆରମ୍ଭ କରିଛି। ଗୋ-ମାଫିଆମାନେ ଜାତୀୟ ରାଜପଥ ୪୯ ଦେଇ ବାହାର ଜିଲ୍ଲା ଏବଂ ରାଜ୍ୟକୁ ଗୋ-ଚାଲାଣ କରୁଛନ୍ତି। ଜାତୀୟ ରାଜପଥ ୪୯ ଦେଇ ଗୋରୁ ବେପାରୀମାନେ ବେଆଇନ ଭାବେ ଅସ୍ୱାସ୍ଥ୍ୟକର ଭାବେ ଗୋରୁ ଚାଲାଣ ହେଉଥିବା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି।

ଜାତୀୟ ରାଜପଥ ୪୯ ଅଞ୍ଜର ଘାଟିରେ ଦୁର୍ଘଟଣା

କେନ୍ଦୁଝର, ୨୬।୧୦(ସମିସ): ଜାତୀୟ ରାଜପଥ ୪୯ର ଅଞ୍ଜର ଘାଟିରେ ଗୋଟିଏ ଦିନରେ ଦୁଇଟି ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଗୋଟିଏ ଟ୍ରକ ଅଞ୍ଜର ଘାଟିରେ କେନ୍ଦୁଝର ଅଭିମୁଖେ ଆସିବା ବେଳେ ରାସ୍ତା ପାଖର ବାଡ଼ ଭାଙ୍ଗି ଓଲଟି ପଡ଼ିଛି। ଟ୍ରକରେ ଥିବା ବହୁ ସାମଗ୍ରୀ ଘାଟି ତଳକୁ ଖସି ପଡ଼ିଥିବାବେଳେ ଟ୍ରକଟି ଅଳ୍ପକେ ରକ୍ଷା ପାଇଛି। ଟ୍ରକରେ ଥିବା ଶହ ଶହ ବସ୍ତା ଘାଟି ତଳକୁ ପଡ଼ି ଯାଇଥିବାବେଳେ ଡ୍ରାଇଭର ଓ ହେଲପର ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡ଼ିଛି। ସେହିପରି ଘାଟି ଓହ୍ଲାଇବା ବେଳେ ବର୍ଣ୍ଣଡିରେ ଆଉ ଏକ ଟ୍ରକ ମେଡିଆନକୁ ଧକ୍କା ଦେଇ ଓଲଟି ପଡ଼ିଛି। ଏନ୍‌ଏଚ୍‌ଆଇର ଉଦ୍ଧାରକାରୀ ଦଳ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଉଛନ୍ତି। ଉକ୍ତ ଦୁର୍ଘଟଣା ସ୍ଥାନରେ ଘାଟିରୁ ଗାଡ଼ି ଓହ୍ଲାଇବାବେଳେ ଅନେକ ସମୟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବାରୁ ଏନ୍‌ଏଚ୍‌ଆଇ ପକ୍ଷରୁ ଉକ୍ତ ସ୍ଥାନରେ

ଓହ୍ଲାଇବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛି। ଏନ୍‌ଏଚ୍‌ଆଇ ପକ୍ଷରୁ ଏକ ଟେକ୍‌ନିକାଲ ଟିମ ଦ୍ୱାରା ଦୁର୍ଘଟଣାର କାରଣ ସଂପର୍କରେ ଯାଞ୍ଚ କରି ଏହାର ନିରାକରଣ ପାଇଁ ପଦକ୍ଷେପ ନେଲେ ଦୁର୍ଘଟଣାକୁ ଏଡ଼ା ଦିଆଯାଇପାରିବ ବୋଲି ମତ ପ୍ରକାଶ ପାଇଛି।

ବୈତରଣୀରେ ବିପଦପୂର୍ଣ୍ଣ ଜଳଯାତ୍ରା

କୁମଡ଼ ଘାଟରେ ନିର୍ମାଣ ହୋଇପାରୁନି ସେତୁ

ଆନନ୍ଦପୁର, ୨୬।୧୦(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଳିମାଟି ପଞ୍ଚାୟତ କୁମଡ଼ଠାରେ ବୈତରଣୀ ନଦୀ ସେତୁ ନିର୍ମାଣ ହୋଇପାରୁ ନଥିବାରୁ ବର୍ଷବର୍ଷ ଧରି ଲୋକମାନେ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ନଦୀ ପାରି ହେଉଛନ୍ତି। ବର୍ଷତମାମ ଲୋକମାନେ ଏଭଳି ଦୁର୍ଦ୍ଦଶା ଭୋଗୁଥିବା ବେଳେ ବର୍ଷା ଓ ବନ୍ୟା ସମୟରେ ଲୋକଙ୍କ କଷ୍ଟ ବଢ଼ିଯାଉଛି। ବୈତରଣୀ ନଦୀର ଏହି ଘାଟରେ ପ୍ରତିଦିନ ଶହଶହ ଲୋକ ଡଙ୍ଗାରେ ନଦୀ ପାରି ହୋଇ ନିଜ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି। କୁମଡ଼ ଘାଟ ଉପରେ ଟଭାଙ୍କୁଡ଼, ବୁଢ଼ାଙ୍କୁଡ଼, ସନ୍ତୋଷପୁର, ସିଙ୍ଗନାଳୀ, ମଣ୍ଡପଡ଼ା, ପୁଟପଡ଼ି, ଭାଲୁଡିହା, ତଳେଇପାଲ, ଗେଣ୍ଡାବସା ଓ କନ୍ତଳା ଭଳି ଅନେକ ଗାଁର ଲୋକ ନିର୍ଭର କରୁଛନ୍ତି। କୋଳିମାଟି ସମେତ ଆନନ୍ଦପୁର, ଘସିପୁରା, ଭୁବନେଶ୍ୱର ଓ କେନ୍ଦୁଝର ଅଞ୍ଚଳକୁ ଯାତାୟାତ ପାଇଁ ଏହି ଘାଟ ସ୍ଥାନୀୟ ଲୋକଙ୍କ ପାଇଁ ଏକ ପ୍ରମୁଖ ମାଧ୍ୟମ ଶାଳପଡ଼ା, ଧକୋଟା, ଆନନ୍ଦପୁରରେ କଲେଜ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ଘାଟ ଏକମାତ୍ର ଭରସା ବନ୍ୟା ଆସିଲେ ନଦୀରେ ପାଠାଯାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଉଥାନ୍ତି। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଘାଟରେ ୩ଟି ଡଙ୍ଗା ଚଳାଚଳ କରୁଛି। ଡଙ୍ଗାରେ ପାର ହେବାକୁ ଜଣପିଛା ୧୦ ଟଙ୍କା

ଏବଂ ସାଇକେଲ, ମୋଟରସାଇକେଲ ପାଇଁ ମଧ୍ୟ ୧୦ ଟଙ୍କା ଭଡ଼ା ଆଦାୟ ହେଉଛି। ନଦୀ ଉପରେ ଏକ ପୋଲ ନିର୍ମାଣ ହେଲେ ତିନୋଟି ପଞ୍ଚାୟତର ଲୋକଙ୍କ ଯାତାୟାତ ସୁଗମ ହୋଇପାରିବ। ଦୀର୍ଘଦିନର ଏହି ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି। କୁମଡ଼ ଗାଁର ରଞ୍ଜନ ନାୟକ, ବେଣୁଧର ନାୟକ, ଗୟାଧର ମୁନି, ଯାତ୍ରାକୁସୁମ ଗାଁର ନିରାକାର ନାୟକ, ରମାକାନ୍ତ ନାୟକ, ପ୍ରମୋଦ ନାୟକ, ଅକ୍ଷୟ ନାୟକ, ସନ୍ତୋଷପୁର ଗାଁର ଅନନ୍ତ ନାୟକ, ସୁଶାନ୍ତ ନାୟକ, କୃଷ୍ଣଚନ୍ଦ୍ର ନାୟକ ଓ ବୁଢ଼ାକୁଡ଼ ଗାଁର ଗଜେନ୍ଦ୍ର ବେହୁରାଙ୍କ ସମେତ ଅନ୍ୟମାନେ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି।

କୁଳଡ଼ିହା ଅଭୟାରଣ୍ୟର ବିକାଶକୁ ଗୁରୁତ୍ୱ ଦେଉନି ବନ ବିଭାଗ

ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ

ନୀଳଗିରି, ୨୫।୧୦ (ସମିସ)

ନୀଳଗିରି ଉପଖଣ୍ଡର ବଣ-ପାହାଡ଼ ଘେରା ଓ ତତ୍ ସଂଲଗ୍ନ ଜଙ୍ଗଲର ଅପରୂପ ସୌନ୍ଦର୍ଯ୍ୟମୟୀ କୁଳଡିହା ଅଭୟାରଣ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ସବୁବେଳେ ଆକର୍ଷିତ କରିଥାଏ। ବର୍ଷାଋତୁ ପାଇଁ ଗତ ଜୁନ୍ ୧୫ରୁ ଅଭୟାରଣ୍ୟ ବନ୍ଦ ରହିଥିବା ବେଳେ ଆସନ୍ତା ନଭେମ୍ବର ୧ରେ ଖୋଲିବ। ମାତ୍ର ଖୋଲିବାକୁ ଆଉ ୩-୪ ଦିନ ବାକି ଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ କୌଣସି ବିକାଶମୂଳକ କାର୍ଯ୍ୟ ବନ ବିଭାଗ ହାତକୁ ନେଉ ନ ଥିବାରୁ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୭୨.୭୫ ବର୍ଗ କି.ମି ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ନୀଳଗାଈ, ବଳିଆ କୁକୁର, ବଜ୍ରକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ-ବିଦେଶୀ ପକ୍ଷୀ ଦେଖାଯାଆନ୍ତି। ଡ୍ୟାମ୍ ପାଖ ଅଞ୍ଚଳରେ ୨୦୦ରୁ ଅଧିକ ସଂଖ୍ୟାରେ ଦେଶୀ-ବିଦେଶୀ ପକ୍ଷୀ ଦେଖିବାକୁ ମିଳେ। ସୁରକ୍ଷିତ ପର୍ଯ୍ୟଟନ ଓ ବିକାଶ ଲାଗି ଗୋହିରାଭୋଳ ଠାରେ "ରିସିଆ ପ୍ରକୃତି ନିବାସ' ଖୋଲାଯାଇଥିଲା। ରାତ୍ର ରହଣି ନିମନ୍ତେ ୯ଟି ତମ୍ବୁଘର, ନେଚର୍ସ କ୍ୟାମ୍ପ, ଶୌଚାଳୟ ଓ ଆଲୋକ ବ୍ୟବସ୍ଥା ଥିଲା। ରିସିଆ ଡ୍ୟାମ ଭିତରେ ବୋଟିଂ ବ୍ୟବସ୍ଥା ମଧ୍ୟ ରହିଥିଲା। ପୂର୍ବରୁ ବନ ବିଭାଗ ପର୍ଯ୍ୟଟକଙ୍କୁ କିପରି ଅଧିକ ଆକୃଷ୍ଟ କରିବ ଓ ରାତ୍ରୀଯାପନ ପରେ ରୋମାଞ୍ଚକର ଅନୁଭୂତି ନେଇ ଫେରିବେ ସେ ଉଦ୍ଦେଶ୍ୟରେ ଗୁରୁତ୍ୱ ଦେଉଥିଲା, କିନ୍ତୁ ଗତ କିଛି ବର୍ଷ ହେବ ବିକାଶ ଓ ପ୍ରସ୍ତୁତି ଉପରେ ଦୃଷ୍ଟି ଦେଉ ନାହିଁ। ନଭେମ୍ବର ୧ରେ ଖୋଲିବା କଥା ହେଲେ ଏଯାବତ୍ ରାସ୍ତା ମରାମତି ହୋଇନି କି ଅନ୍ୟ ବିକାଶ କାର୍ଯ୍ୟ ମଧ୍ୟ ହୋଇନାହିଁ। ଦୀର୍ଘ ୪ ବର୍ଷ ତଳେ ରାସ୍ତା ମରାମତି ହୋଇଥିଲା। ଏବେ କେତେକ ସ୍ଥାନରେ ଗଛଲତା ମାଡ଼ି ରାସ୍ତା ଲୁଚି ଯାଇଥିବା ବେଳେ ବର୍ଷା ପାଣିରେ ବହୁ ରାସ୍ତା ଧୋଇ ଯାଇଛି, ଯାହା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଗତ ବର୍ଷ ପ୍ରକୃତି ନିବାସର ତମ୍ବୁ ଛିଣ୍ଡିଯିବା, ଆସବାବପତ୍ରରେ ଉଇ ଲାଗି ନଷ୍ଟ ହେବା, ବିଷଧର ସାପ ତମ୍ବୁ ଭିତରକୁ ପଶିବା, ବହୁ ବର୍ଷ ତଳୁ ଖୋଳାଯାଇଥିବା ଟ୍ରେଞ୍ଚ ପୋତି ହୋଇଯିବାରୁ ହାତୀ-ଭାଲୁ ପରିସରକୁ ପଶି ଆସିବା, ସୋଲାର ଅଚଳ ଯୋଗୁଁ ଆଲୋକ ବ୍ୟବସ୍ଥା ନ ହେବା ଓ ବୋଟିଂ ବନ୍ଦ ହେବା ପରି ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ପର୍ଯ୍ୟଟନ ବିକାଶ ଲାଗି ଗତବର୍ଷ ପ୍ରକୃତି ନିବାସକୁ ଭାଙ୍ଗି ନୂଆ ତମ୍ବୁ ଘର କରିବା ଯୋଜନା ହୋଇଥିଲା, କିନ୍ତୁ ତାହା ଭଙ୍ଗାରେ ହିଁ ସୀମିତ ରହି ଆଜିକୁ ୧୦ ମାସ ହେଲା ପଡ଼ି ରହିଛି।

ବିଜୟା ବନ୍ଧୁମିଳନ ଉତ୍ସବ ପ୍ରସ୍ତୁତି ବୈଠକ

ନୀଳଗିରି, ୨୫।୧୦ (ସମିସ) : ନୀଳଗିରି ଡାକବଙ୍ଗଳା ପରିସରରେ ଚଳିତ ବର୍ଷ ବିଜୟା ଦଶମୀ ବନ୍ଧୁ ମିଳନ ଉତ୍ସବ-୨୦୨୬ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ବୈଠକରେ ଆସନ୍ତା ନଭେମ୍ବର ମାସ ୧୦ ରୁ ୧୫ ତାରିଖ ମଧ୍ୟରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ଏନ୍.ଏ.ସି ର ଭାରପ୍ରାପ୍ତ ଚେୟାରମ୍ୟାନ ମହେନ୍ଦ୍ର ବେହେରା, ଦେବାଶିଷ ଆଚାର୍ଯ୍ୟ, ତାପସ ମହାନ୍ତି, ସମର ଶଙ୍କର କାନୁନଗୋ, ଅକ୍ଷୟ ପାଣିଗ୍ରାହୀ, ପ୍ରବୀଣ ନାୟକ, କାର୍ତ୍ତିକ ଜେନା, ମାର୍ତ୍ତଣ୍ଡ ମହାପାତ୍ର, ମନୀନ୍ଦ୍ର ରାଉତ, ବଳରାମ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରକାଶ ମହାପାତ୍ର, କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ବେହେରା, ବିଜେପିର ସମସ୍ତ ମଣ୍ଡଳ ସଭାପତି ଏବଂ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସାର୍ଥା ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର ସଦର, ୨୫।୧୦ (ସମିସ): ସଦର ବ୍ଲକ ଅନ୍ତର୍ଗତ ସାର୍ଥା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଆଜି ୧୯୯୦ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଧୁ ମିଳନ ତଥା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଅମର କୁମାର ବେରା ଓ ରାଧାମୋହନ ମହାନ୍ତିଙ୍କ ମିଳିତ ସଂଚାଳନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ବଳରାମ ସାହୁ, ଦୋଳଗୋବିନ୍ଦ ପାଣି, ପରେଶ ନାଥ କର, ବରେନ୍ଦ୍ର କୁମାର ପ୍ରଧାନ, ହରିହର ମଣ୍ଡଳ ସମେତ ବର୍ତ୍ତମାନର ପ୍ରଧାନ ଶିକ୍ଷକ ହରିପଦ ପରିଡ଼ାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ ସଂଗ୍ରାମ ମଲ୍ଲିକ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିବାବେଳେ ସନ୍ତୋଷ କୁମାର ଜେନା ଅତିଥି ପରିଚୟ କରିଥିଲେ। ଜ୍ୟୋତିର୍ମୟ ଗିରି ଓ ଝାଡ଼େଶ୍ୱର ମଲ୍ଲିକ ସମ୍ବର୍ଦ୍ଧନା ପରିଚାଳନା କରିଥିବାବେଳେ ସରୋଜ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଞ୍ଜୟ କୁମାର ରାଉତ ଓ ସରୋଜ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରାତନ ଛାତ୍ର ଗୌରାଙ୍ଗ ମଲ୍ଲିକ, ଉତ୍ତମ କମିଲା ଓ ଗଜେନ୍ଦ୍ର ବେହେରାଙ୍କ ଦ୍ୱାରା ସଂଗୀତ ର କାର୍ଯ୍ୟକ୍ରମ ହୋଇଥିଲା । ସଂଧ୍ୟାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅରବିନ୍ଦ ଜେନା, ସୁଲୋଚନା ଜେନା ସମେତ ଅନ୍ୟ ମାନେ ପରିଚାଳନା କରିଥିଲେ। ଏଥିରେ ଉକ୍ତ ବ୍ୟାଚ୍‌ର ୮୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

କାଠ ଦୋକାନରେ ଅଗ୍ନିକାଣ୍ଡ

ବାଲେଶ୍ୱର, ୨୫।୧୦ (ସମିସ): ବାଲେଶ୍ୱର ସହରରେ ଗତ କିଛି ଦିନ ଧରି ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟୁଥିବା ବେଳେ ଶନିବାର ଭୋରରେ ସିନେମା ଛକରୁ ଟାଉନ ହଲ୍‌କୁ ଯିବା ରାସ୍ତାରେ ଥିବା ଏକ କାଠ ଦୋକାନରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କାଠ ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ନିକଟରେ ଥିବା ଅନ୍ୟ ଏକ ଦୋକାନ ମଧ୍ୟ ନିଆଁର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି। ସୂଚନା ଅନୁଯାୟୀ, ଶନିବାର ଭୋର ପ୍ରାୟ ୪ଟା ସମୟରେ କାଠ ଦୋକାନରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ଦୋକାନରେ ଗଚ୍ଛିତ ଥିବା କାଠ ଜଳିବାରୁ ନିଆଁ ଦ୍ରୁତଗତିରେ ବ୍ୟାପି ନିକଟସ୍ଥ ଅନ୍ୟ ଏକ ଦୋକାନକୁ ମଧ ଗ୍ରାସ କରିଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ବିଦ୍ୟୁତ୍ ସଟ୍‌ସର୍କିଟ୍ ଯୋଗୁଁ ନିଆଁ ଲାଗିଥାଇପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାରୁ ଦୋକାନ ମାଲିକଙ୍କୁ ବ୍ୟାପକ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି।

ନଭେମ୍ବର ୧୪ରେ ପିଏମ୍‌ଶ୍ରୀ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଜଳେଶ୍ୱର ବ୍ଲକ, ୨୫।୧୦(ସମିସ): ବାଲେଶ୍ୱର ଜିଲ୍ଲାର ରାଇବଣିଆ ଅଞ୍ଚଳର ସର୍ବ ପୁରାତନ ୧୯୫୫ ମସିହାରେ ଫକୀରମୋହନ ପାତ୍ରଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ଏହି ଚାଳ ଛପର ଘର କାଳକ୍ରମେ ଆଜି ବଡ ବଡ଼ ଅଟ୍ଟାଳିକାରେ ପରିପୂର୍ଣ୍ଣ ହୋଇ ପାରିଛି ପିଏମଶ୍ରୀ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖୁଆଡ଼ ଆଜିର ଦିନରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୫୫ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଚଳିତ ୨୦୨୬-୨୭ ବର୍ଷ ଠାରୁ +୨ କଳାରେ ୧୨୮ ସିଟରେ ଛାତ୍ର ଛାତ୍ରୀଙ୍କ ପାଇ ମଧ୍ୟ ନାମଲେଖାର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଉଛି ଓ ସେହି ନୂତନ +୨ କଳାରେ ଶିକ୍ଷା ଦାନ ପାଇ ଭିତ୍ତି ଭୂମିର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୮୬ ଲକ୍ଷ ୫୫ ହଜାର ଟଙ୍କା ଅନୁ ମୋଦନ ଆସିଅଛି। ତେଣୁ ଏହି ବିଦ୍ୟାଳୟକୁ ଆହୁରି କିପରି ଭାବରେ ଆଦର୍ଶ ବିଦ୍ୟାଳୟ ଭାବରେ ପରିଗଣିତ ହୋଇ ପାରିବ ସେ ନେଇ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର ଓ ପୁରାତନ ଛାତ୍ର ସଂସଦର ସମସ୍ତ ସଭ୍ୟ ସଭ୍ୟା ପ୍ରଚେଷ୍ଟା ଜାରି ରଖିଛନ୍ତି। ଛାତ୍ର ସଂସଦ ପି.ଏମ୍.ଶ୍ରୀ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଆଡ଼ ଥାଡ଼ ପ୍ରତିବର୍ଷ ଭଳି ଚଳିତ ବର୍ଷ ନଭେମ୍ବର ୧୪ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ଚତୁର୍ଦ୍ଦଶ ସ୍ମାରକୀ ପାଳନ୍ ସମ୍ବନ୍ଧରେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ସହିତ ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବା ସମସ୍ତ ଛାତ୍ର ଛାତ୍ର ମାନେ ସେହି ବିଦ୍ୟାଳୟ ପ୍ରତି ଭଲ ପାଇବା ଓ ବନ୍ଧୁ, ଶିକ୍ଷକ, ଗୁରୁ ଶିଷ୍ୟ ମଧ୍ୟରେ ଥିବା ସ୍ମୃତିକୁ ଉଜ୍ଜୀବିତ କରି ରଖିବାକୁ ସଦା ସର୍ବଦା ପ୍ରଚେଷ୍ଟା ଜାରି ରଖିବା ପ୍ରୟାସକୁ ପ୍ରତିବର୍ଷ ସ୍ମାରକୀ ଦିବସ ରୂପରେ ପାଳନ କରାଯାଇ ଥାଏ। ଆଜିର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ପୁରାତନ ଛାତ୍ର ସଂସଦର ସଭାପତି ଚନ୍ଦ୍ରମୋହନ କାପୁଡି, ସଂଗଠନର ସଭାପତି ବିଧାୟକ ଅଶ୍ୱନୀ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ବଳରାମ ଦାସ, ଗଣେଶ୍ୱର ହୁଇଁ, ସମ୍ପାଦକ ଲଲାଟେନ୍ଦୁ କେଶରୀ ଜେନା, କୋଷାଦକ୍ଷ ଅନନ୍ତ ମହାନ୍ତି, ପରିଚାଳନା କମିଟିର ସଭାପତି ଜଗନ୍ନାଥ ସାହୁ, ପୁରାତନ ଛାତ୍ର ଶିବ ଶଙ୍କର ସାହୁ, ବିଭୁତି ପାତ୍ର, ହରିଶଚନ୍ଦ୍ର ମହାନ୍ତ, ବରେନ୍ଦ୍ର ପାତ୍ର, କେଦାର ପାଳ, ରାଜେନ୍ଦ୍ର ମୁର୍ମୁ, ନାରାୟଣ ପାଇକରାୟ, ଦୀନକୃଷ ପାତ୍ର, ବରେନ୍ଦ୍ର ମହାନ୍ତି, ବନବିହାରୀ ହାତୀ, କେଦାର ପାତ୍ର, ସଞ୍ଜୟ ବାରିକ, ସୁଜୟ ନନ୍ଦୀ, ମାଧବ ପାତ୍ର ପ୍ରମୁଖ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ଉତ୍ସବ ପାଳନର ସୁଚିନ୍ତିତ ପରାମର୍ଶ ପ୍ରଦାନ ପ୍ରଦାନ କରିଥିଲେ।

ଏଫ୍‌ଏମ୍ ଆଲୁମିନି-୧୯୭୮ର ବନ୍ଧୁମିଳନ

ବାଲେଶ୍ୱର,୨୫।୧୦(ସମିସ): ଏଫ୍‌ଏମ୍ ଆଲୁମିନି-୭୮ର ବାର୍ଷିକ ବନ୍ଧୁମିଳନ ସ୍ଥାନୀୟ ହରିପ୍ଲାଜା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଜୟ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ୧୯୭୮ ମସିହାରେ ମାଟ୍ରିକ ପାସ କରିଥିବା ବନ୍ଧୁମାନେ ଯୋଗଦେଇ କଲେଜ ଜୀବନର ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପ୍ରଭାତ କୁମାର ପରିଡ଼ା, ଅବସରପ୍ରାପ୍ତ ଡିଏସ୍‌ପି ଚିତ୍ତ ସାମନ୍ତ, ପ୍ରଣବ ମହାପାତ୍ର ପ୍ରମୁଖ ସଂଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ ଅମୁଲ୍ୟ ଦାସ, ଅବସରପ୍ରାପ୍ତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଶୁଭେନ୍ଦୁ କୁମାର ଚାନ୍ଦ, ଗଗନ ବିହାରୀ ମହାନ୍ତି, ଅବସରପ୍ରାପ୍ତ ସିବିଆଇର ବରିଷ୍ଠ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ବିଜୟ କୁମାର ଆଚାର୍ଯ୍ୟ, ଡମ୍ବରୁଧର ରାଉତ, ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ବୀରକିଶୋର ପାଣିଗ୍ରାହୀ, ଅରୁପ କୁମାର ଦାସ, ପ୍ରଦୀପ କୁମାର ପଣ୍ଡା, ସୁବ୍ରତ କୁମାର ନାୟକ, ସ୍ୱରୂପ ପଟ୍ଟନାୟକ, ବିକାଶ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଫକୀରମୋହନ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କଲେଜ ଜୀବନ କଥା ମନେ ପକାଇଥିଲେ। ପ୍ରାରମ୍ଭରେ ପରଲୋକ ଗମନ କରିଥିବା ବନ୍ଧୁମାନଙ୍କ ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଧାନବିଲରେ ବିଷ ପକାଇଦେଲେ ଦୁର୍ବୃତ୍ତ

ସୋର,୨୫।୧୦(ସମିସ): ସୋର ଥାନା ସବିରା ପଞ୍ଚାୟତ ଭାଟପଡା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଧାନ ବିଲରେ ଘାସ ବିଷ ପକାଇବାରୁ ଧାନ ଚାଷ ନଷ୍ଟ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର କୃଷ୍ଣଚନ୍ଦ୍ର ବାରିକ ତାଙ୍କ ଜମିରେ ଧାନ ଚାଷ କରିଥିଲେ। ମାତ୍ର ଗତକାଲି ବିଲକୁ ଯାଇଥିବା ବେଳେ କିଛି ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଚାଷ ଜମିରେ ଘାସ ମରା ବିଷ ପକାଇଥିବାରୁ ଧାନ ନଷ୍ଟ ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

ମୂଳକାଇଦା ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା

ସୋର, ୨୫।୧୦(ସମିସ): ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ମୁଳକାଏଦା ଗ୍ରାମସ୍ଥ ମୁଳକାଏଦା ହାଇସ୍କୁଲର ତିନିଜଣ ଶିକ୍ଷକ ଓ ଜଣେ ଶିକ୍ଷା କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସୋର ବ୍ଲକ ଅଧକ୍ଷା ଅନୂସୟା ମଲିକ ଓ ମୁଖ୍ୟବକ୍ତା ଭାବେ ଗୁଡ ବଳଦେବ ଜୀଉ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ, ଦିଲ୍ଲୀପ କୁମାର ସାହୁ, କପିଳେନ୍ଦ୍ର ପାଣିଗ୍ରାହୀ, ଗଙ୍ଗାଧର ନାୟକ ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପାଣି, ସହକାରୀ କଳା ଶିକ୍ଷକ ମାୟାଧର ଦାସ, ହୀନ୍ଦି ଶିକ୍ଷକ ଗିରିଜା ଶଙ୍କର ସାହୁ ଓ ଶିକ୍ଷା କର୍ମଚାରୀ ଗୌରାଙ୍ଗ ଚନ୍ଦ୍ର ସାହୁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।

ଅଯୋଧ୍ୟା ପଞ୍ଚାୟତରେ ରାବଣ ପୋଡ଼ି ଉତ୍ସବ

ନୀଳଗିରି, ୨୫।୧୦ (ସମିସ): ନୀଳଗିରି ବ୍ଲକ୍ ଅନ୍ତର୍ଗତ ଅଯୋଧ୍ୟା ପଞ୍ଚାୟତରେ ପଞ୍ଚକୋଷୀ କ୍ଷେତ୍ର ମହୋତ୍ସବ କମିଟି ତରଫରୁ ଚଳିତ ବର୍ଷ ବେଶ୍ ଉତ୍ସାହ ଓ ଉଦ୍ଦୀପନା ସହ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ, ପୂର୍ବତନ ସାଂସଦ ଶ୍ରୀ ରବୀନ୍ଦ୍ର କୁମାର ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହୋତ୍ସବର ତାତ୍ପର୍ଯ୍ୟ ଏବଂ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। କମିଟିର ସଭାପତି ବାମନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରଭାକର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଚରେ ସମ୍ମାନିତ ଅତିଥି ଭାବେ ସୁଶାନ୍ତ କୁମାର ଖୁଣ୍ଟିଆ, ସରପଞ୍ଚ ତାରିଣୀ ସିଂ ଏବଂ ସମିତି ସଭ୍ୟ ସୁକଦେବ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହାଛଡ଼ା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ମଧ୍ୟ ଉପସ୍ଥିତ ଥିଲେ। ଉତ୍ସବର ପ୍ରାରମ୍ଭରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଭୁ ଶ୍ରୀରାମଙ୍କ ବିଜୟ ଏବଂ ଅଧର୍ମର ବିନାଶର ପ୍ରତୀକ ସ୍ୱରୂପ ରାବଣ ପୁତ୍ତଳାରେ ଅଗ୍ନି ସଂଯୋଗ କରାଯାଇଥିଲା।

କୁଆଁର ପୁନେଇଁ ଜହ୍ନ ଗୋ... ଫୁଲ ବଉଳ ବେଣୀ

ବାଲେଶ୍ୱର, ୨୫।୧୦(ସମିସ): କୁଆଁର ପୁନେଇଁ ଜହ୍ନ ଗୋ... ଫୁଲ ବଉଳ ବେଣୀ'। ଓଡ଼ିଆ ଘରର ଏହି ପାରମ୍ପରିକ ଗୀତ କୁମାର ପୂର୍ଣ୍ଣିମା ଆସିଲେ ମନେ ପକାଇଦିଏ ଆମ ସଂସ୍କୃତି ଓ ପରମ୍ପରାର ମଧୁର ସ୍ମୃତି। ମୋବାଇଲ୍ ଯୁଗରେ ବି ଫିକା ପଡିନି କୁମାର ପୂର୍ଣ୍ଣିମା। ବାଲେଶ୍ୱରର ଗଳିରୁ ଗାଁ ଯାଏଁ ଚାନ୍ଦ ଚକଟାର ବାସ୍ନା ଓ କୁମାରୀମାନଙ୍କ ଆଞ୍ଜୁଳିରେ ବଞ୍ଚିଛି ଆମ ସଂସ୍କୃତି। ସମୟ ବଦଳିଛି, ପିଢି ବଦଳିଛି, ହେଲେ ବଦଳିନି କୁମାର ପୂର୍ଣ୍ଣିମାର ପରମ୍ପରା। 'କୁଆଁର ପୁନେଇଁ ଜହ୍ନ ଗୋ' ଗୀତରେ ଆଜି ବି ଝଙ୍କୃତ ହେଉଛି ଓଡ଼ିଆ ଘର। ବାଲେଶ୍ୱର ଗାଁଠୁ ସହର ଯାଏଁ କୁମାରୀମାନଙ୍କ ଭିତରେ ସମାନ ଉତ୍ସାହ। କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ଆଶାରେ କୁମାରୀ ପୂଜା, ଚନ୍ଦ୍ର ପୂଜା ଓ ଆଞ୍ଜୁଳି ପ୍ରଦାନ ଏହି ପର୍ବର ମୁଖ୍ୟ ଆକର୍ଷଣ। ସକାଳୁ ନୂଆ ଲୁଗା ପିନ୍ଧି ସୂର୍ଯ୍ୟଙ୍କୁ ଖଇ ଆଞ୍ଜୁଳି, ସନ୍ଧ୍ୟାରେ ତୁଳସୀ ଚଉରା ପାଖେ ଚନ୍ଦ୍ର ପୂଜା। ଖଇ, ନଡିଆ, କଦଳୀ, ଗୁଆ, କାକୁଡି, ଜହ୍ନି, ଆଖୁ ଓ ପ୍ରସିଦ୍ଧ ଚାନ୍ଦ ଚକଟା ଭୋଗରେ ସାମିଲ ହୁଏ। ଆଗରୁ ପୁଚି ଖେଳ, ସାମୂହିକ ଗୀତ ଥିଲା, ଏବେ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ ନୂଆ ଟ୍ରେଣ୍ଡ। ଆଧୁନିକତାର ଛାପ ଓ ସମୟର ପରିବର୍ତ୍ତନ ସତ୍ତ୍ୱେ ବାଲେଶ୍ୱର ସହରରେ ମଧ ଏହି ପାରମ୍ପରିକ ପର୍ବର ଆକର୍ଷଣ ଅକ୍ଷୁଣ୍ଣ ରହିଛି। କୁମାର ପୂର୍ଣ୍ଣିମା କେବଳ ପୂଜାପାଠରେ ସୀମିତ ନୁହେଁ। ଏହା କୁମାରୀମାନଙ୍କ ମଧ୍ୟରେ ସାମୂହିକ ଆନନ୍ଦ, ମିଳାମିଶା ଓ ସାଂସ୍କୃତିକ ଭାବବିନିମୟର ଅବସର ମଧ୍ୟ। ପୂର୍ବରୁ ଗାଁ ଗହଳିରେ ପୁଚି ଖେଳ, ପାରମ୍ପରିକ ଗୀତ ଓ ସାମୂହିକ ଉତ୍ସବର ଯେଉଁ ମାହୋଲ ଦେଖିବାକୁ ମିଳୁଥିଲା, ଆଜି ତାହାର କିଛି ଅଂଶ ବଦଳିଛି। ସୋସିଆଲ ମିଡିଆରେ ପାରମ୍ପରିକ ଗୀତ ଓ ପର୍ବ ପାଳନର ଫଟୋ ପୋଷ୍ଟ କରିବା ନୂଆ ପିଢ଼ିର ଅଭିବ୍ୟକ୍ତିର ଏକ ମାଧ୍ୟମ ହୋଇଛି। ତେବେ ଆଧୁନିକ ଜୀବନଶୈଳୀର ପ୍ରଭାବ ସତ୍ତ୍ୱେ କୁମାର ପୂର୍ଣ୍ଣିମାର ସାଂସ୍କୃତିକ ଆକର୍ଷଣ ହ୍ରାସ ପାଇନାହିଁ। ବରଂ ପୁରୁଣା ପରମ୍ପରା ସହ ନୂଆ ପିଢ଼ିର ସମ୍ପର୍କକୁ ଏହି ପର୍ବ ପୁଣିଥରେ ମନେ ପକାଇଦେଉଛି।

ମାଟିଆଲପଦା ଗ୍ରାମରେ ସ୍ୱାସ୍ଥ୍ୟ ଶିବିର

ଖଇରା, ୨୫।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ମାଟିଆଲପଦା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ମାନସ ମହାନ୍ତିଙ୍କ ପ୍ରଚେଷ୍ଟା ଓ ଉଦ୍ୟମକ୍ରମେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଶିବିରରେ ମେଡ଼ିସିନ୍ ଓ ଡାଇବେଟିସ୍ ଡାକ୍ତର ଅନିଲ କୁମାର ବଗୁଡାଇ, ଚର୍ମରୋଗ ଡାକ୍ତର ଚିତ୍ତରଂଜନ ପୃଷ୍ଟି, ଆଖି ଡାକ୍ତର ରମେଶ ଚନ୍ଦ୍ର ବେହେରା ଏବଂ ଦାନ୍ତ ରୋଗ ବିଶେଷଜ୍ଞ ପ୍ରେମ ଜ୍ୟୋତି ବରାଳ, ଅର୍ଥପେଡି ଡାକ୍ତର ସୁମନ୍ତ କୁମାର ସାହୁ ଯୋଗ ଦେଇ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ଏଥିସହିତ ପରୀକ୍ଷିତ ହୋଇଥିବା ସମସ୍ତ ରୋଗୀଙ୍କୁ ବିନା ମୂଲ୍ୟରେ ଆବଶ୍ୟକୀୟ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ମୋଟ ୧୯୦ ଜଣ ରୋଗୀ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳର ଗରୀବ ଓ ଅସହାୟ ଲୋକମାନେ ଏହି ଶିବିର ଦ୍ୱାରା ବେଶ୍ ଉପକୃତ ହୋଇଥିଲେ।

ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଦୋକାନୀଙ୍କ ଦବଙ୍ଗଗିରି

ପର୍ଯ୍ୟଟକ ଲହୁଲୁହାଣ, ଖବର ପାଇବା ସତ୍ତ୍ୱେ ଆସିଲାନି ପୁଲିସ

ନୀଳଗିରି, ୨୫।୧୦ (ସମିସ): ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ବାଲେଶ୍ୱର ଜିଲ୍ଲା ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ ଗୁରୁତ୍ୱ ବହନ କରୁଥିବା ବେଳେ ପ୍ରତି ଦିନ ଶହ ଶହ ପର୍ଯ୍ୟଟକ ଆସିଥିବା ବେଳେ ପୀଠରେ ଥିବା ଦୋକାନୀ ମାନଙ୍କ ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଥିବା ବେଳେ ପର୍ଯ୍ୟଟକଙ୍କୁ ମାଡ଼ ମାରି ଲହୁଲୁହାଣ କରିବାକୁ ପଛାଉ ନାହାନ୍ତି। ଯାହା ଫଳରେ ପର୍ଯ୍ୟଟକ ପଞ୍ଚଲିଙ୍ଗେଶ୍ୱର ଆସିବା ପାଇଁ ଭୟ କରୁଛନ୍ତି। ରବିବାର ଏପରି ଏକ ଘଟଣା ପଞ୍ଚଲିଙ୍ଗେଶ୍ୱରରେ ଦେଖିବାକୁ ମିଳିଛି। ଅନୁଗୁଳ ଅଞ୍ଚଳରୁ ସଙ୍ଗୀତା ରାଣୀ ମିଶ୍ର ନିଜ ପରିବାରକୁ ଧରି ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲେ। ଠାକୁର ଦର୍ଶନ କରି ଫେରୁଥିବା ବେଳେ ତାଙ୍କର ପୁତୁରା ସୁରଜ ମିଶ୍ର ଏକ ଦୋକାନରେ ଗଣେଶ ମୂର୍ତ୍ତି ଦେଖୁ ଥିଲେ। ମାତ୍ର ପସନ୍ଦ ନ ହେବାରୁ ପଳାଇ ଆସୁଥିବା ସମୟରେ ଦୋକାନୀ ତନୁ ଓ ଶୁକୁଟା ସମେତ ୩-୪ ଜଣ ମିଶି ପୁତୁରା ସୁରଜଙ୍କୁ ପିଟା ମରା କରି ଲହୁ ଲୁହାଣ କରି ପକାଇଥିଲେ। ପରିବାର ଲୋକେ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ପିଟିଥିଲେ। ଏ ନେଇ ସଙ୍ଗୀତା ରାଣୀ ମିଶ୍ର ତୁରନ୍ତ ଈଶ୍ୱରପୁର ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ନାୟକଙ୍କୁ ଫୋନ କରିଥିବା ବେଳେ ଫାଣ୍ଡି ଅଧିକାରୀ ଫୋନ୍ ଉଠାଇ ନଥିଲେ। ପରେ ୧୧୨କୁ ମଧ୍ୟ ଫୋନ୍ କରିଥିଲେ। ମାତ୍ର କେହି ନ ଆସିବାରୁ ଶେଷରେ ନିଜ ଗାଡ଼ିରେ ସମସ୍ତେ ନୀଳଗିରି ମେଡିକାଲ୍ ଆସି ଚିକିତ୍ସିତ ହୋଇ ଥିଲେ। ପୁତୁରା ର ପିଠିରେ ଗୁରୁତର ମାଡ଼ ଚିହ୍ନ ଥିବା ବେଳେ ଗୁରୁତର ଥିବାର ଦେଖିବାକୁ ମିଳିଛି। ପରେ ସଙ୍ଗୀତା ରାଣୀ ମିଶ୍ର ଏ ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ଥାନାରେ ୪୭୯/୨୬ ରେ ମାମଲା ରୁଜୁ ହୋଇଛି। ତେବେ ବାହାର ପର୍ଯ୍ୟଟକ ପୁଲିସର ସହାୟତା ମାଗୁଥିବା ବେଳେ ପୁଲିସର ସହଯୋଗ ନ ମିଳିବା ତାହାର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠୁଛି।

ନାବାଳିକାକୁ ଦୁଷ୍କର୍ମ, ଯୁବକ ଗିରଫ

ସିମୁଳିଆ, ୨୫।୧୦ (ସମିସ): ନାବାଳିକାକୁ ଘରେ ଏକୁଟିଆ ଥିବା ଦେଖି ଘର ଭିତରେ ପଶି ତାଙ୍କୁ ଦୁଷ୍କର୍ମ କରି ଅଭିଯୋଗରେ ଜଣେ ଯୁବକକୁ ସିମୁଳିଆ ପୁଲିସ ଗିରଫ କରିଛି। ସିମୁଳିଆ ଥାନା ମାର୍କୋଣା ଥାନା ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ପୁଲିସ ୧୨ ଘଣ୍ଟା ମଧ୍ୟରେ ଯୁବକକୁ ଗିରଫ କରିଥିବାର ସୂଚନା ମିଳିଛି। ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି।

ସମ୍ପାଦକୀୟ

ସର୍ବଦା ଆହ୍ୱାନକୁ ଗ୍ରହଣ କର। ସଫଳ ହେଲେ ତୁମେ ନେତୃତ୍ୱ ନେବ ଏବଂ ବିଫଳ ହେଲେ ପଥପ୍ରଦର୍ଶକ ଭୂମିକା ନିର୍ବାହ କରିପାରିବ।
-ସ୍ୱାମୀ ବିବେକାନନ୍ଦ

ସକାଳ THE SAKALA

ଆନ୍ଧ୍ରର ଚୀନ୍‌ଗିରି

ଅରୁଣାଚଳପ୍ରଦେଶ ଉପରେ ଚୀନ୍ ଆଧିପତ୍ୟ ବିସ୍ତାର କରିବା ପାଇଁ ଯେଉଁଭଳି ଅବିରତ ଉଦ୍ୟମ ଜାରି ରଖିଛି, ଆନ୍ଧ୍ରପ୍ରଦେଶର ସେହିଭଳି ଆଭିମୁଖ୍ୟ ଓଡ଼ିଶାର କୋଟିଆ ଗ୍ରାମପୁଞ୍ଜରେ ଦୀର୍ଘବର୍ଷ ଧରି ଜାରି ରହିଛି। ଏବେ ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆର କେତେକ ଗ୍ରାମରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯିବା ପରେ ପୁଣି ଥରେ ବିବାଦ ତୀବ୍ର ହୋଇଛି। ନ୍ୟାୟିକ ଦୃଷ୍ଟିରୁ ଯାହା ଠିକ୍ ନୁହେଁ, ତାହାକୁ ରାଜନୈତିକ ପ୍ରଭାବ ଓ ଶକ୍ତି ପ୍ରୟୋଗ କରି ଠିକ୍ କରିହେବ ନାହିଁ। କୋଟିଆ ଗ୍ରାମପୁଞ୍ଜ ବିବାଦରେ ଆନ୍ଧ୍ରପ୍ରଦେଶ ବୋଧହୁଏ ଏହି ମୌଳିକ ବିଷୟଟିକୁ ପାସୋରି ଯାଉଛି।

ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱକାଳ ହେବ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତର ୨୮ କୋଟିଆ ଗ୍ରାମ ମଧ୍ୟରୁ ୨୧ଟିକୁ ନେଇ ବିବାଦ ରହିଛି। ୧୯୬୮ ମସିହାରୁ ଏହି ବିବାଦ ଆଇନଗତ ପରିସରକୁ ଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇପାରିନାହିଁ। ୨୦୦୬ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟ ରାଜ୍ୟକୁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମସିହାରେ ଓଡ଼ିଶା ପୁନର୍ବାର ଏହି ପ୍ରସଙ୍ଗରେ ଆଇନଗତ ପଦକ୍ଷେପ ନେଇଥିଲା। ତଥାପି ବିବାଦର ଅନ୍ତ ଘଟିନାହିଁ। ମାମଲାଟି ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରଧୀନ ଅଛି ଏବଂ ଓଡ଼ିଶା ସପକ୍ଷରେ ସ୍ଥିତାବସ୍ଥା ରହିଛି। ଏଭଳି ପରିସ୍ଥିତିରେ ଆନ୍ଧ୍ରପ୍ରଦେଶ ପୁଣି ଥରେ ସେଠାରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବା ଆପତ୍ତିଜନକ ନିଷ୍ପତ୍ତି।

ପ୍ରାୟତଃ କୋଟିଆରେ ଆନ୍ଧ୍ରପ୍ରଦେଶ ସରକାରୀ କର୍ମଚାରୀ, ରାଜନେତା ଏବଂ ମନ୍ତ୍ରିପରିଷଦର ସଦସ୍ୟମାନେ ଜବରଦସ୍ତ ପ୍ରବେଶ କରି ଅନଧିକାର ଘୋଷଣା ଓ ସରକାରୀ କାର୍ଯ୍ୟକ୍ରମମାନ କରୁଥିବା ଦେଖାଯାଉଛି। ଅଦାଲତ ରହିତାଦେଶ ଜାରିଥିବା ଏକ ଅଞ୍ଚଳ ଉପରେ ବାରମ୍ବାର ଅନୁପ୍ରବେଶ କରି ଏଭଳି କାର୍ଯ୍ୟ କରିବା ଆଇନତଃ ଗର୍ହିତ ହୋଇଥିବା ସତ୍ତ୍ୱେ ଆନ୍ଧ୍ର ସରକାର ଏହାକୁ ଭ୍ରୂକ୍ଷେପ ନ କରିବା ଗୁରୁତର ଅଦାଲତ ଅବମାନନା ଏବଂ ସ୍ୱାଧୀନ ଭାରତର ବିଡ଼ମ୍ବନା। ତେଣୁ ଓଡ଼ିଶା ସରକାର ପୁଣି ଥରେ ସର୍ବୋଚ୍ଚ ନ୍ୟାୟାଳୟରେ ଅଦାଲତ ଅବମାନନା ଆବେଦନ ଦାଖଲ କରିବା ସହ ସର୍ବଦଳୀୟ ଆଲୋଚନା ମାଧ୍ୟମରେ ଆଗାମୀ ପଦକ୍ଷେପ ନିର୍ଦ୍ଧାରଣ କରିବାର ପ୍ରୟାସ କରିଛନ୍ତି।

ସଂପୃକ୍ତ ବିବାଦୀୟ ଗ୍ରାମପୁଞ୍ଜର ଲୋକମାନେ କିଛି ରାଜନୈତିକ ଦଲାଲଙ୍କ ପ୍ରରୋଚନାରେ ପଡ଼ି ଦୁଇପଟରୁ ଲାଭ ଉଠାଉଛନ୍ତି ଏବଂ ଏହି ପ୍ରକ୍ରିୟାରେ ସେମାନଙ୍କର ଭାଷା, ଜାତି ଓ ରାଜ୍ୟପ୍ରେମ ଗୌଣ ହୋଇଯାଉଥିବା ଅଭିଯୋଗ ହେଉଛି। ସ୍ୱାର୍ଥ ଅଧିକାର ପାଇଲେ ସ୍ୱାଭିମାନ ନଷ୍ଟ ହୋଇଯାଏ। ତେଣୁ ପ୍ରଥମେ ସେହି ରାଜନୈତିକ ଦଲାଲ ଓ ଫାଇଦା ଉଠାଉଥିବା ଗୋଷ୍ଠୀଙ୍କୁ ଠାବ କରିବା ଆବଶ୍ୟକ। ବିଗତ ୨୦ ବର୍ଷ ମଧ୍ୟରେ କୋଟିଆରେ ଅନେକ ଆଖିଦୃଶିଆ ବିକାଶମୂଳକ କାର୍ଯ୍ୟ ହୋଇଛି। ତଥାପି ଆନ୍ଧ୍ର ସରକାର ସେଠାରେ ଯେଉଁ ପ୍ରତିଯୋଗିତାମୂଳକ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟମୂଳକ ଭାବେ ଚଳାଇଛନ୍ତି, ତାହା ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଓଡ଼ିଶାରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ।

କୋଟିଆ ବିବାଦ କେବଳ ଦୁଇରାଜ୍ୟ ମଧ୍ୟରେ ଏକ ସୀମା ବିବାଦ ନୁହେଁ; ଏହା ଓଡ଼ିଶାର ଭୌଗୋଳିକ ଅଖଣ୍ଡତା, ଆଦିବାସୀଙ୍କ ଅଧିକାର, ଆଞ୍ଚଳିକ ଅସ୍ମିତା ଓ ପ୍ରଶାସନିକ ଦକ୍ଷତା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କିନ୍ତୁ ଦୁର୍ଭାଗ୍ୟଜନକ ହେଲା, ଆମ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଦା ବିଷ୍ଣୁ ସାଜିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବହୁଦିନର ଜଟିଳ ସୀମା ବିବାଦ ସବୁକୁ ସମାଧାନ କରିବାରେ କେନ୍ଦ୍ର ସରକାର ଯେଉଁଭଳି ତତ୍ପରତା ପ୍ରକାଶ କରୁଛନ୍ତି, କୋଟିଆରେ ତାହା ଦେଖିବାକୁ ମିଳୁନାହିଁ। ଏହି ପ୍ରସଙ୍ଗରେ ରାଜନୈତିକ ସମାଧାନ ନ୍ୟାୟିକ ନିଷ୍ପତ୍ତିଠାରୁ ଅଧିକ ଗୁରୁତ୍ୱ ବହନ କରେ। ଗତ ସରକାର ଅମଳରେ ଓଡ଼ିଶା ବାରମ୍ବାର ଏ କଥା କେନ୍ଦ୍ରର ଦୃଷ୍ଟିକୁ ଆଣିଥିଲା, ସଂଘୀୟ ମଞ୍ଚରେ ଉପସ୍ଥାପନ କରିଥିଲା; କିନ୍ତୁ କିଛି ଫଳ ହୋଇନାହିଁ। ଏହା ସୂଚାଉଛି ଯେ କେନ୍ଦ୍ର ସରକାର ସୀମା ପ୍ରସଙ୍ଗରେ ଓଡ଼ିଶା ପାଇଁ ଦୋହରା ମାନଦଣ୍ଡ ପ୍ରୟୋଗ କରୁଛନ୍ତି।

ସର୍ବୋପରି ରାଜ୍ୟର ସୀମାକୁ ନେଇ ଦୁଇ ସରକାରଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ସ୍ଥାନୀୟ ଆଦିବାସୀଙ୍କୁ କେବଳ ସୀମା ବିବାଦର ଏକ ଅଂଶ ହୋଇ ରହିଯାଉଛନ୍ତି। ସେମାନଙ୍କର ଭାଷା, ସଂସ୍କୃତି, ପାରମ୍ପରିକ ଜୀବନଶୈଳୀ, ଜମି ଓ ଜଙ୍ଗଲ ଉପରେ ଥିବା ଅଧିକାର କ୍ଷୁଣ୍ଣ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀ ଯୋଜନାର ଲାଭ ପାଇବା ପାଇଁ ସେମାନେ ଯେପରି ଦ୍ୱନ୍ଦ୍ୱରେ ନ ପଡ଼ନ୍ତି, ସେଥିପାଇଁ ଏକ ସ୍ୱଚ୍ଛ ଓ ସମନ୍ୱିତ ବ୍ୟବସ୍ଥା ଖୁବ୍‌ଶୀଘ୍ର ଓଡ଼ିଶା ସରକାର ପ୍ରସ୍ତୁତ କରିବା ନିତାନ୍ତ ଆବଶ୍ୟକ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କୋଟିଆ ପ୍ରସଙ୍ଗ ପ୍ରାୟତଃ ନିର୍ବାଚନ ସମୟରେ ରାଜନୈତିକ ଚର୍ଚ୍ଚା ଜୋର ଧରୁଛି। ବିଭିନ୍ନ ରାଜନୈତିକ ଦଳ ପରସ୍ପରକୁ ଦୋଷାରୋପ କରିଆସୁଛନ୍ତି। ନିର୍ବାଚନ ପରେ ଏହି ପ୍ରସଙ୍ଗ ଗୌଣ ହୋଇଯାଉଛି। ଏହାଦ୍ୱାରା ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ କି ହେବ ନାହିଁ। ତେଣୁ ସରକାର ଓ ବିରୋଧୀ ଦଳ ନିଜ ନିଜ ରାଜନୈତିକ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱକୁ ଉଠି ମତୈକ ଭିତ୍ତିରେ ଦୀର୍ଘମିଆଦୀ ଓ ପ୍ରଭାବଶାଳୀ ଯୋଜନା ପ୍ରଣୟନ କରିବା ଆବଶ୍ୟକ। ଓଡ଼ିଶାର ଭୌଗୋଳିକ ଅଖଣ୍ଡତାର ସୁରକ୍ଷା ପାଇଁ କୋଟିଆ ବିବାଦର ସମାଧାନ ନିତାନ୍ତ ଜରୁରୀ। ତେବେ ଏହାର ସଫଳତା ନିର୍ଭର କରେ ଆଇନଗତ ଦୃଢ଼ତା, ପ୍ରଶାସନିକ ସତର୍କତା ଓ ନିରନ୍ତର କାର୍ଯ୍ୟାନୁଷ୍ଠାନ ଉପରେ। ସର୍ବୋପରି ରାଜନୈତିକ ମେଣ୍ଟ କିମ୍ବା ଦଳୀୟ ସମ୍ପର୍କ ଯେପରି ଓଡ଼ିଶାର ଆଇନଗତ ଦାବିକୁ ପ୍ରଭାବିତ ନ କରେ, ସେଥିପ୍ରତି ସରକାର ସଚେତନ ରହିବା ଦରକାର। ଆନ୍ଧ୍ରର ଚୀନ୍‌ଗିରିକୁ ପ୍ରତିହତ କରିବାକୁ ହେଲେ ଓଡ଼ିଶାରେ ରାଜନୈତିକ ଏକତା ଅପରିହାର୍ଯ୍ୟ। ●

ଗଣତନ୍ତ୍ରରେ ମହିଳାଙ୍କ ଉତ୍ତରଣ

ମାନସ କୁମାର କର

ସମୟ ଥିଲା ଆମ ସମାଜରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ ଦେଶ ଶାସନ କରିବା ପୁରୁଷମାନଙ୍କର ହିଁ କାମ। ପିତା, ସ୍ୱାମୀ କିମ୍ବା ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ ଯେଉଁ ନିର୍ବାଚନୀ ଚିହ୍ନରେ ମୋହର ମାରିବାକୁ ନିର୍ଦ୍ଦେଶ ଦେଉଥିଲେ, ପରିବାରର ମହିଳାମାନଙ୍କ ଭୋଟ ପ୍ରାୟତଃ ନିରବରେ ସେହି ଦିଗକୁ ଚାଲିଯାଉଥିଲା। ଯଦିଓ ଗଣତନ୍ତ୍ରର ନିକିତିରେ ମହିଳାଙ୍କ ଭୋଟର ମୂଲ୍ୟ ପୁରୁଷଙ୍କ ଭୋଟ ସହିତ ସମାନ ଥିଲା, ତଥାପି ସେମାନଙ୍କ ନିଜସ୍ୱ ରାଜନୈତିକ ମତାମତର ଅବଧି ଭୋଟଦାନରେ ହିଁ ଶେଷ ହୋଇଯାଉଥିଲା।

ଏବେ ସମୟ ବଦଳିଛି। ସମାଜ ଆଜି ନିଜର ଦୃଷ୍ଟିଭଙ୍ଗୀକୁ ପୁନଃପରୀକ୍ଷା କରିବାକୁ ବାଧ୍ୟ ହେଉଛି। ଘରର ଚାରିକୋଣ ଭିତରେ ଆବଦ୍ଧ ମହିଳାମାନେ ଆଜି ପ୍ରତିବାଦର ଶୋଭାଯାତ୍ରାରେ ପୁରୁଷଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଚାଲୁଛନ୍ତି। ସେମାନେ ବ୍ୟାରିକେଡ୍ ଡେଉଁଛନ୍ତି, ପୁଲିସ ଗାଡ଼ି ସମ୍ମୁଖରେ ନିର୍ଭୀକ ଭାବରେ ଠିଆ ହେଉଛନ୍ତି। ମହିଳାଙ୍କ ଭୂମିକା କେବଳ ନିର୍ବାଚନ ଦିନ ମାଗଣା ରାସନ କିମ୍ବା ରନ୍ଧନ ଗ୍ୟାସ ସିଲିଣ୍ଡରର ହିସାବ ରଖିବାରେ ଆଉ ସୀମିତ ନାହିଁ। ପ୍ରତିବାଦର ରାସ୍ତାରେ ଚାଲୁଚାଲୁ ସେମାନେ ଜାତୀୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି।

ଏହି ପରିବର୍ତ୍ତନ କେବଳ ଗୋଟିଏ ଦିନରେ ଆସିନାହିଁ। ଗତ କିଛି ବର୍ଷ ଧରି ଏହା ଧୀରେ ଧୀରେ ରୂପ ନେଇଛି। ୨୦୨୪ ସାଧାରଣ ନିର୍ବାଚନ ଏହି ପରିବର୍ତ୍ତନର ଏକ ଆକର୍ଷଣୀୟ ଚିତ୍ର ଉପସ୍ଥାପନ କରିଥିଲା। ମହିଳାମାନଙ୍କୁ ସରକାରୀ ଯୋଜନାର ଲାଭାର୍ଥୀ କରି ସେମାନଙ୍କ ସମର୍ଥନ ହାସଲ କରିବାର ପ୍ରତିଯୋଗିତା ଜୋର ଧରିଥିଲା। ଉଜ୍ଜ୍ୱଳା ଯୋଜନାଠାରୁ ଆରମ୍ଭ କରି ସୁଭଦ୍ରା ଯୋଜନାର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡିବିଟି) ଯୋଜନା ମାଧ୍ୟମରେ ମହିଳା ଭୋଟରଙ୍କୁ ନିଜ ପକ୍ଷକୁ ଆଣିବାର ଉଦ୍ୟମ ହୋଇଥିଲା। କିନ୍ତୁ ନିର୍ବାଚନ ପରବର୍ତ୍ତୀ ଲୋକନୀତି (ସିଏସଡିଏସ) ସର୍ବେକ୍ଷଣ ରାଜନୈତିକ ଦଳଗୁଡ଼ିକର ଏହି ଧାରଣାକୁ ବଦଳାଇ ଦେଇଥିଲା। ବିଜେପିକୁ ୩୭ ପ୍ରତିଶତ ପୁରୁଷ ଓ ୩୬ ପ୍ରତିଶତ ମହିଳା ଭୋଟ ଦେଇଥିଲେ। ଏହା ସ୍ପଷ୍ଟ କରିଦେଇଥିଲା ଯେ ଜନକଲ୍ୟାଣକାରୀ ଯୋଜନାର ସୁବିଧା ପାଇଲେ ମଧ୍ୟ ମହିଳାଙ୍କ ଭୋଟ କୌଣସି ରାଜନୈତିକ ଦଳର ସ୍ଥାୟୀ ସମ୍ପତ୍ତି ହୋଇଯାଏ ନାହିଁ। ସେମାନେ ନିଜର ବିବେକ, ଅନୁଭବ ଓ ରାଜନୈତିକ ବିଚାର ଅନୁସାରେ ନିଷ୍ପତ୍ତି ନେଇପାରନ୍ତି। ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ୨୦୨୪ ସାଧାରଣ ନିର୍ବାଚନରେ ମହିଳାଙ୍କ ମତଦାନ ହାର ୬୫.୭୮ ପ୍ରତିଶତ ଥିବା ବେଳେ ପୁରୁଷଙ୍କ ମତଦାନ ହାର ଥିଲା ୬୫.୫୫ ପ୍ରତିଶତ। ୨୦୧୯ ନିର୍ବାଚନରେ ମହିଳାଙ୍କ ମତଦାନ ହାର ୬୭.୧୮ ପ୍ରତିଶତ ଥିବାବେଳେ ପୁରୁଷଙ୍କ ହାର ଥିଲା ୬୭.୦୧ ପ୍ରତିଶତ। ଏହି ତଥ୍ୟ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ବଢୁଥିବା ରାଜନୈତିକ ଅଂଶଗ୍ରହଣର ଏକ ଦୀର୍ଘକାଳୀନ ପରିବର୍ତ୍ତନକୁ ସୂଚିତ କରୁଛି।

ଏବେ ଏହାର ଅନ୍ୟ ଏକ ବିରୋଧାଭାସକୁ ଦେଖିବା। ଭୋଟ ପ୍ରସଙ୍ଗ ଆସିଲେ ନିର୍ବାଚନ ଆୟୋଗଙ୍କଠାରୁ ଆରମ୍ଭ କରି ସମସ୍ତ ରାଜନୈତିକ ଦଳ ମହିଳାଙ୍କୁ ସଚେତନ ନାଗରିକ ଭାବରେ ସମ୍ମାନ ଦେବାରେ କୌଣସି ଅବହେଳା କରନ୍ତି ନାହିଁ। କିନ୍ତୁ ସେହି ମହିଳା ଯେତେବେଳେ ନିଜର ସମସ୍ୟା ଓ ଅଧିକାରକୁ ନେଇ ରାସ୍ତାକୁ ଓହ୍ଲାନ୍ତି, ସେତେବେଳେ ପୁରୁଷତାନ୍ତ୍ରିକ ମାନସିକତାର ଦୃଷ୍ଟିଭଙ୍ଗୀ ବଦଳିଯାଏ। ସେ ଆଉ ବିବେକସମ୍ପନ୍ନ ନାଗରିକ ହୋଇ ରୁହନ୍ତି ନାହିଁ; ବରଂ କାହାର ପ୍ରରୋଚନାରେ ପଡ଼ିଥିବା, ଭ୍ରମିତ କିମ୍ବା ଅପରିପକ୍ୱ ମହିଳା ଭାବରେ ଚିତ୍ରିତ ହୁଅନ୍ତି। ଏହି ଦ୍ୱିମୁଖୀ ମାନଦଣ୍ଡ କାହିଁକି? ମତ ପ୍ରକାଶ କରିବାର ଅଧିକାର କେବଳ ମତଦାନ କେନ୍ଦ୍ରରେ ସୀମିତ ନୁହେଁ; ଶାସନ ବ୍ୟବସ୍ଥାକୁ ପ୍ରଶ୍ନ କରିବା ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ମଧ୍ୟ ଗଣତାନ୍ତ୍ରିକ ଅଧିକାରର ଅବିଚ୍ଛେଦ୍ୟ ଅଂଶ।

ନାଗରିକ ଅଧିକାର ସମ୍ପର୍କିତ ପ୍ରତିବାଦ ଓ ଛାତ୍ର ଆନ୍ଦୋଳନଗୁଡ଼ିକରେ ଏହି ପରିବର୍ତ୍ତିତ ଚେତନାର ନୂଆ ଚିତ୍ର ଆଜି ଦେଖିବାକୁ ମିଳୁଛି। ଶିକ୍ଷା ବ୍ୟବସ୍ଥାର ତ୍ରୁଟିଠାରୁ ଆରମ୍ଭ କରି ଭୋଟର ତାଲିକାରେ ଅନିୟମିତତା ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ମହିଳାମାନେ ଆନ୍ଦୋଳନର ପ୍ରଥମ ଧାଡ଼ିରେ ରହୁଛନ୍ତି। 'ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସଏ)'ର ଜାତୀୟ ସଭାପତି ନେହା ବୋରାଙ୍କ ଉଦାହରଣ ନିଆଯାଇପାରେ। ଅକ୍ଟୋବର ମାସରେ ଭୋଟର ତାଲିକା ସମ୍ପର୍କିତ ପ୍ରତିବାଦ ସମୟରେ ଆନ୍ଦୋଳନର ଏକ ପ୍ରମୁଖ ଚେହେରା ଭାବରେ ସେ ଉଭା ହୋଇଥିଲେ। ସାମାଜିକ ଗଣମାଧ୍ୟମରେ ତାଙ୍କୁ (ଜାତୀୟ କ୍ରଶ୍) 'ଜାତୀୟ ଆକର୍ଷଣ' ବୋଲି ଅଭିହିତ କରାଗଲା। ପୂର୍ବରୁ ଏହିପରି ଉପାଧି ପ୍ରାୟତଃ କୌଣସି ଚଳଚ୍ଚିତ୍ର ନାୟିକାଙ୍କ ଚଳଚ୍ଚିତ୍ର ଜଗତରେ ପ୍ରବେଶ ସମୟରେ ଦିଆଯାଉଥିଲା। ମୁମ୍ବାଇରେ ରିୟା ଅହିରଙ୍କ ପୁଲିସ ଭ୍ୟାନ ସମ୍ମୁଖରେ ଠିଆ ହେବାର ଦୃଶ୍ୟ ମଧ୍ୟ ଏକ ସ୍ମରଣୀୟ ଚିତ୍ର ହୋଇ ରହିଛି। ରାସ୍ତା ଉପରେ ଜଣେ ମହିଳା, ସାମ୍ନାରେ ପୁଲିସ ଗାଡ଼ି ଏବଂ ପଛରେ ଛାତ୍ରଛାତ୍ରୀଙ୍କ ଭିଡ଼। ସେହି ଦୃଶ୍ୟରେ ନଥିଲା କୌଣସି ଚଳଚ୍ଚିତ୍ରର ସଂଳାପ କିମ୍ବା ପୃଷ୍ଠଭୂମି ସଙ୍ଗୀତ। ତଥାପି ସେହି ଭିଡିଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ସୃଷ୍ଟି କରିଥିଲା। କିନ୍ତୁ ଭିଡିଓଟି ଲୋକପ୍ରିୟ ହେବାମାତ୍ରେ ଆମ ସମାଜର ଏକ ଅଂଶ ତାଙ୍କ ସାହସକୁ ପ୍ରଶଂସା କରିବା ପରିବର୍ତ୍ତେ ତାଙ୍କର ମଡେଲ ପରିଚୟ, ପୋଷାକ ଓ ବ୍ୟକ୍ତିଗତ ଜୀବନକୁ ନେଇ ଅନୁସନ୍ଧାନ ଆରମ୍ଭ କରିଦେଲେ।

ଏହା ଆମ ସାମାଜିକ ମାନସିକତାର ଏକ ତିକ୍ତ ବାସ୍ତବତାକୁ ପଦାରେ ପକାଏ। ପ୍ରତିବାଦ କରୁଥିବା ମହିଳାଙ୍କୁ ନେଇ ସମାଜର ଯେତିକି ଅସହଜତା ନଥାଏ, ତା'ଠାରୁ ଅଧିକ ଅସହଜତା ଥାଏ ତାଙ୍କର ସ୍ୱାଧୀନତା, ସ୍ପଷ୍ଟବାଦିତା ଓ ନିର୍ଭୀକତାକୁ ନେଇ। ଜଣେ ମହିଳାଙ୍କ ହାତରେ ଯଦି ପ୍ରତିବାଦର ପ୍ଲାକାର୍ଡ ଥାଏ, ତେବେ ଆମ ସମାଜର ଏକ ଅଂଶ ତାଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ତାଙ୍କ ପୋଷାକର ହିସାବ ମାଗିବାକୁ ଅଧିକ ଆଗ୍ରହୀ ହୋଇଥାଏ। ମହିଳା ଜଣକ କ'ଣ କହୁଛନ୍ତି, ତା'ଠାରୁ ଅଧିକ ଗୁରୁତ୍ୱ ପାଏ ସେ କିପରି ପୋଷାକ ପିନ୍ଧିଛନ୍ତି। ଏହା କେବଳ ମହିଳାଙ୍କର ବ୍ୟକ୍ତିତ୍ୱ ପ୍ରତି ଅସମ୍ମାନ ନୁହେଁ, ବରଂ ତାଙ୍କର ମତପ୍ରକାଶର ସ୍ୱାଧୀନତାକୁ ସଂକୁଚିତ କରିବାର ଏକ ସାମାଜିକ ପ୍ରବୃତ୍ତି।

ସେହିପରି ସଂସଦରେ ପ୍ରତିନିଧିତ୍ୱର ପ୍ରଶ୍ନ ଆସିଲେ ପୁରୁଷପ୍ରଧାନ ମାନସିକତାର ସ୍ପଷ୍ଟ ପ୍ରତିଫଳନ ଦେଖିବାକୁ ମିଳେ। ଅଷ୍ଟାଦଶ ଲୋକସଭାର ୫୪୩ ଜଣ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୭୪ ଜଣ ମହିଳା ନିର୍ବାଚିତ ହୋଇଥିଲେ। ଏହା ମୋଟ ସଦସ୍ୟଙ୍କ ପ୍ରାୟ ୧୩.୬ ପ୍ରତିଶତ। ୨୦୧୯ ମସିହାରେ ୭୮ ଜଣ ମହିଳା ସାଂସଦ ନିର୍ବାଚିତ ହୋଇଥିବା ବେଳେ ଏଥର ସେହି ସଂଖ୍ୟା ହ୍ରାସ ପାଇଛି। 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣର ପ୍ରତିଶ୍ରୁତି ଦିଆଯାଉଥିବା ସତ୍ତ୍ୱେ ନିର୍ବାଚନରେ ପ୍ରାର୍ଥୀ ଚୟନ ସମୟରେ ଅଧିକାଂଶ ଦଳ ମହିଳାଙ୍କୁ ଯଥେଷ୍ଟ ସୁଯୋଗ ଦେଇପାରିନାହାନ୍ତି। ଏହା ଏକ ବିଡ଼ମ୍ବନା ନୁହେଁ କି? ରାଜନୈତିକ ଦଳଗୁଡ଼ିକ ଚାହାନ୍ତି ମହିଳାମାନେ ସେମାନଙ୍କ ପାଇଁ ସ୍ଲୋଗାନ ଦିଅନ୍ତୁ, ସଭାସମିତିରେ ଯୋଗ ଦିଅନ୍ତୁ ଓ ଭୋଟ ଦିଅନ୍ତୁ। କିନ୍ତୁ ଯେତେବେଳେ ନୀତି ନିର୍ଦ୍ଧାରଣ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣର ସମୟ ଆସେ, ସେତେବେଳେ ସେମାନଙ୍କୁ ଦର୍ଶକ ଆସନରେ ନିରବରେ ବସି ରହିବାକୁ ଆଶା କରାଯାଏ। ମହିଳାଙ୍କ ଅଂଶଗ୍ରହଣକୁ ସ୍ୱାଗତ କରାଯାଉଛି ସତ, କିନ୍ତୁ ନେତୃତ୍ୱର ଅଧିକାର ଦେବାରେ ଏବେ ବି ଦ୍ୱିଧା ରହିଛି।

ରାଣୀ ଲକ୍ଷ୍ମୀବାଈଙ୍କଠାରୁ ନନ୍ଦିନୀ ଶତପଥୀ, ସରୋଜିନୀ ନାଇଡୁ, ଚିପ୍କୋ ଆନ୍ଦୋଳନଠାରୁ ଶାହିନବାଗ ପର୍ଯ୍ୟନ୍ତ ଇତିହାସର ବିଭିନ୍ନ ପର୍ଯ୍ୟାୟରେ ମହିଳାମାନେ କ୍ଷମତାକୁ ଆଖିରେ ଆଖି ମିଶାଇ ପ୍ରଶ୍ନ କରୁଛନ୍ତି, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ଏବଂ ସାମାଜିକ ପରିବର୍ତ୍ତନରେ ନିଜର ଅବଦାନ ରଖୁଛନ୍ତି। ପରିବର୍ତ୍ତନ କେବଳ ଏତିକି ଯେ ଆଜିର ନୂତନ ପିଢ଼ି, ବିଶେଷକରି ଜେନ୍-ଜେଡ୍ ଯୁବପିଢ଼ିଙ୍କ ହାତରେ ସାମାଜିକ ଗଣମାଧ୍ୟମ ନାମକ ଏକ ଶକ୍ତିଶାଳୀ ମଞ୍ଚ ରହିଛି। ଏଠାରେ ବ୍ୟାରିକେଡ ଉପରେ ଠିଆ ହୋଇଥିବା ଜଣେ ମହିଳାଙ୍କ ଛବି କିଛି ମିନିଟ ମଧ୍ୟରେ ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ହୋଇପାରୁଛି। ନେପାଳର ଜେନ୍-ଜେଡ୍ ଆନ୍ଦୋଳନ ହେଉ, ଇରାନର 'ନାରୀ, ଜୀବନ, ସ୍ୱାଧୀନତା' ଆନ୍ଦୋଳନ ହେଉ କିମ୍ବା ଭାରତର ଛାତ୍ର ଆନ୍ଦୋଳନ ବିଶ୍ୱର ବିଭିନ୍ନ ଦେଶର ମହିଳାମାନେ ଏବେ ଏହା ମାନିନେବାକୁ ପ୍ରସ୍ତୁତ ନୁହନ୍ତି ଯେ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବାର ଅଧିକାର କେବଳ ପୁରୁଷଙ୍କର।

ଆଜିର ମହିଳାମାନେ କୌଣସି ରାଜନୈତିକ ବିଚାରଧାରାର ସମ୍ପତ୍ତି ନୁହନ୍ତି। ବରଂ ପ୍ରକୃତ ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଏହି ବିବିଧତା ମଧ୍ୟରେ ନିହିତ ଯେ ପ୍ରତ୍ୟେକ ମହିଳା ନିଜର ବିବେକ ଅନୁସାରେ ନିଷ୍ପତ୍ତି ନେବେ, ଯୁକ୍ତି ଓ ତଥ୍ୟ ଆଧାରରେ ନିଜର ମତ ରଖିବେ ଏବଂ ଆବଶ୍ୟକ ହେଲେ ବ୍ୟବସ୍ଥାର ନୀତି ଓ କାର୍ଯ୍ୟଧାରା ସହିତ ଅସହମତି ପ୍ରକାଶ କରିବେ। ଏହି ସ୍ୱାଧୀନତା ହିଁ ଗଣତାନ୍ତ୍ରିକ ଚେତନାର ପ୍ରକୃତ ପରିଚୟ। ତାଙ୍କର ସ୍ୱରକୁ ସମ୍ମାନ ଦେବା ହିଁ ପ୍ରକୃତ ଗଣତନ୍ତ୍ରର ସମ୍ମାନ। ●

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

ନୂତନ ପୃଥିବୀ ମାନଚିତ୍ର

ଇଂ ମାୟାଧର ସ୍ୱାଇଁ

ଗତ ସେପ୍ଟେମ୍ବର ୪ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ପୃଥିବୀର ଏକ ନୂତନ ମାନଚିତ୍ରକୁ ଗ୍ରହଣ କରିବା ପାଇଁ ଅନୁମୋଦନ କରିଛି। ଗତ ପ୍ରାୟ ୪୫୦ ବର୍ଷ ଧରି ପ୍ରଚଳିତ ହୋଇ ଆସୁଥିବା 'ମେର୍କାଟର ମାନଚିତ୍ର' ଜାଗାରେ ନୂତନ ମାନଚିତ୍ର ପ୍ରଚଳିତ ହେବ। ଏହାକୁ ପୃଥିବୀର ୧୬୪ ଟି ଦେଶ ସମର୍ଥନ କରିଥିଲେ ଏବଂ ୬ଟି ଦେଶ ଭୋଟଦାନରୁ ବିରତ ରହିଥିଲେ। ବିରୋଧ କରିଥିବା ଏକମାତ୍ର ଦେଶ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା। ଏହାର ପ୍ରତିନିଧି ନୂତନ ମାନଚିତ୍ରର ପ୍ରଚଳନକୁ ଅଦରକାରୀ ବୋଲି କହିଥିଲେ।

'ମେର୍କାଟର ମାନଚିତ୍ର'କୁ ଫ୍ଲେମିଶ୍ ମାନଚିତ୍ର ପ୍ରସ୍ତୁତକର୍ତ୍ତା ଜିରାଡସ ମେର୍କାଟର ୧୫୬୯ ମସିହାରେ ପ୍ରସ୍ତୁତ କରିଥିଲେ। ୨୦୨ ସେ.ମି. ଲମ୍ବ ଓ ୧୨୪ ସେ.ମି ଓସାରର ଏହି ମାନଚିତ୍ର ୧୮ଟି ପୃଥକ୍ କାଗଜରେ ଛାପା ଯାଇଥିଲା। ଏହି ମାନଚିତ୍ରରେ ସ୍ଥଳଭାଗଗୁଡ଼ିକର ଆପେକ୍ଷିକ ଆକାରରେ ବିକୃତି ଅଛି। ଏଥିରେ ଦୁଇମେରୁ ନିକଟରେ ଥିବା ସ୍ଥଳଭାଗଗୁଡ଼ିକୁ ଅପେକ୍ଷାକୃତ ଭାବେ ବଡ଼ ଆକାରରେ ଦର୍ଶାଯାଇଛି। ଉଦାହରଣ ସ୍ୱରୂପ, ଆଫ୍ରିକାର କ୍ଷେତ୍ରଫଳ ୩୦.୩୭ ନିୟୁତ ବର୍ଗ କି.ମି. ଏବଂ ଗ୍ରୀନଲାଣ୍ଡର କ୍ଷେତ୍ରଫଳ ୨.୧୭ ନିୟୁତ ବର୍ଗ କି.ମି.। ତଥାପି ମାନଚିତ୍ରରେ ଦୁଇଟିର ଆକାରକୁ ସମାନ ଦେଖାଯାଇଛି। 'ମେର୍କାଟର ମାନଚିତ୍ର'ର କେତେକ ସମାଲୋଚକ କହିଥାଆନ୍ତି ଯେ ଏଥିରେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ପ୍ରାଧାନ୍ୟ ଦେବା ପାଇଁ ସେଗୁଡ଼ିକୁ ଚାକ୍ଷୁସ ଭାବେ ଅତିରଞ୍ଜିତ କରାଯାଇଛି। ଆଫ୍ରିକାର ଆକାରକୁ ଭୁଲ ଭାବରେ ଉପସ୍ଥାପିତ କରାଯାଇଥିବାରୁ ସେଠାରେ ସ୍କୁଲ, କଲେଜ ଓ ଡିଜିଟାଲ ପ୍ଲାଟଫର୍ମରେ ଲୋକମାନେ ଅସ୍ୱସ୍ତିକର ଅନୁଭବ କରୁଥିଲେ। ଯଦିଓ ଏଥିରେ କୌଣସି ଦେଶର ନିଜର ଆକୃତି ବଦଳି ନାହିଁ, ଅନ୍ୟ ଦେଶ ତୁଳନାରେ ଏହାର ଆକାରକୁ କମ ଦର୍ଶାଯାଇଛି। ଏଣୁ ଆଫ୍ରିକୀୟ ସଂଘ ତରଫରୁ 'ଟୋଗୋ ମେର୍କାଟର' ମାନଚିତ୍ର ବଦଳରେ ସମସ୍ତ ଦେଶକୁ ସମାନ ଭାବରେ ଦର୍ଶାଯାଇଥିବା ନୂତନ ମାନଚିତ୍ରକୁ ବ୍ୟବହାର କରିବା ପାଇଁ ମିଳିତ ଜାତିସଂଘରେ ଏକ ସଂକଳ୍ପ ପ୍ରସ୍ତାବ ଦେଲେ, ଯାହା ପାରିତ ହୋଇଗଲା।

ନୂତନ ମାନଚିତ୍ରରେ 'ସମାନ ପୃଥିବୀ ପ୍ରକ୍ଷେପଣ'କୁ ଗୁରୁତ୍ୱ ଦିଆଯାଇଛି, ଯାହା ପ୍ରତ୍ୟେକ ଅଞ୍ଚଳର ଆକାର ଓ ଆକୃତିକୁ ଅଧିକ ଠିକ୍ ଭାବରେ ଦର୍ଶାଯାଇଛି। 'ପ୍ରକ୍ଷେପଣ' ହେଉଛି ଗୋଟିଏ ଗାଣିତିକ ଫ୍ରେମୱାର୍କ, ଯାହା ଗ୍ଲୋବରୁ ସ୍ଥାନାଙ୍କଗୁଡ଼ିକୁ ଚଟକା କରି ଆୟତାକାର ମାନଚିତ୍ରରେ ପ୍ରକାଶ କରିଥାଏ। 'ମେର୍କାଟର ମାନଚିତ୍ର'ର ଏହି ବିକୃତି ବାସ୍ତବରେ ପ୍ରତ୍ୟକ୍ଷ ଅନୁଭବରୁ ସୃଷ୍ଟି ହୋଇଛି ଏବଂ ଏହାକୁ ଠିକ୍ କରିବାର ସମୟ ଆସିଛି ବୋଲି ଆଫ୍ରିକୀୟ ଦେଶଗୁଡ଼ିକ ଦୃଢ଼ ଭାବରେ କହିଥିଲେ। ପୃଥିବୀର ସବୁଠାରୁ ନିକଟତମ ମଡେଲ ହେଉଛି ଗ୍ଲୋବ। ମାତ୍ର ମାନଚିତ୍ରରେ ବିକୃତି ଦେଖାଯିବା ସ୍ୱାଭାବିକ। କିନ୍ତୁ ଏହି ବିକୃତିକୁ ସୀମିତ ରଖିବା ଆବଶ୍ୟକ। ଏପରିକି ଫ୍ରାନ୍ସ ମଧ୍ୟ ଏହି ସଂକଳ୍ପର ସହ-ପ୍ରସ୍ତାବକ ଥିଲା ଏବଂ ଏହି ମାନଚିତ୍ରକୁ ଆଉ ବ୍ୟବହାର ନ କରିବା ପାଇଁ ଜାତିସଂଘରେ ଭୋଟ ପୂର୍ବରୁ ଘୋଷଣା କରିଥିଲା। ଜାତିସଂଘର ନୂତନ ସଂକଳ୍ପ ଯୋଗୁଁ କୌଣସି ଦେଶ ଛୋଟ କିମ୍ବା ବଡ଼ ହୋଇ ନାହିଁ ଏବଂ କୌଣସି ଦେଶର ସୀମା ବଦଳି ନାହିଁ।

'ସମାନ ପୃଥିବୀ' ମାନଚିତ୍ର ଆଫ୍ରିକାକୁ ବଢ଼ାଏ ନାହିଁ। ମାତ୍ର ଏହା ଉଚ୍ଚ-ଅକ୍ଷାଂଶରେ ଥିବା ସ୍ଥଳଭାଗଗୁଡ଼ିକର ଆକାରକୁ ଠିକ୍ ଭାବେ ଦର୍ଶାଇଥାଏ। 'ମେର୍କାଟର ମାନଚିତ୍ର'ରେ ଅକ୍ଷାଂଶ ବଢ଼ିବା ସହିତ ସ୍ଥଳଭାଗର ଆକାର ବଢ଼ିଥାଏ। ଏଣୁ ତୁଳନାତ୍ମକ ଭାବେ ଆଫ୍ରିକା ଏଥିରେ ଛୋଟ ଦେଖାଯାଏ। ମିଳିତ ଜାତିସଂଘର ସଂକଳ୍ପ 'ମେର୍କାଟର ମାନଚିତ୍ର'କୁ ନିଷେଧ କରିନାହିଁ। ଆଇନଗତ ଓ ସୁବିଧାଗତ ଦୃଷ୍ଟିରୁ ଏହା ନୌଯାତ୍ରା ଓ ବିମାନଯାତ୍ରା ପାଇଁ ଅଧିକ ଉପଯୁକ୍ତ। ମାତ୍ର ଅନ୍ୟ ସମସ୍ତକ୍ଷେତ୍ରରେ ନୂତନ ପୃଥିବୀ ମାନଚିତ୍ରକୁ ବ୍ୟବହାର କରିବା ପାଇଁ ଜାତିସଂଘର ସଂକଳ୍ପ ସୁପାରିସ କରିଛି। ସମସ୍ତ ସରକାର, ଅନ୍ତର୍ଜାତୀୟ ସଂଗଠନ, ସ୍କୁଲ, କଲେଜ, ପ୍ରକାଶକ, ସମ୍ବାଦ ଘର ଏବଂ ଡିଜିଟାଲ ପ୍ଲାଟଫର୍ମରେ ଏହାକୁ ବ୍ୟବହାର କରିବା ପାଇଁ ଜାତିସଂଘ ଆହ୍ୱାନ ଦେଇଛି। ବିଶେଷକରି ଯେଉଁଠାରେ ମାନଚିତ୍ରକୁ ବିଭିନ୍ନ ଅଞ୍ଚଳର ଆକାରକୁ ତୁଳନା ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, ସେଠାରେ ନୂତନ ମାନଚିତ୍ର ସର୍ବୋତ୍କୃଷ୍ଟ।

ବାସ୍ତବ 'ମେର୍କାଟର ପ୍ରକ୍ଷେପଣ' ଏବଂ 'ସମାନ ପୃଥିବୀ ପ୍ରକ୍ଷେପଣ' ମଧ୍ୟରୁ କୌଣସି ଗୋଟିଏକୁ ସଠିକ୍ କୁହାଯାଇ ପାରିବ ନାହିଁ। 'ମେର୍କାଟର ମାନଚିତ୍ର' 'ସ୍ଥାନୀୟ କୋଣ'କୁ ସଂରକ୍ଷଣ ରଖିଥାଏ। କିନ୍ତୁ ଏଥିରେ କ୍ଷେତ୍ରଫଳ କିମ୍ବା ଜାଗତିକ ଦୂରତା ସଂରକ୍ଷିତ ନ ଥାଏ। ଅନ୍ୟପକ୍ଷରେ 'ସମାନ ପୃଥିବୀ ପ୍ରକ୍ଷେପଣ' କ୍ଷେତ୍ରଫଳକୁ ସଂରକ୍ଷଣ ରଖିଥାଏ। କିନ୍ତୁ ସ୍ଥାନୀୟ କୋଣ, ଉପକୂଳ ଆକୃତି, ଦୂରତା ଆଦିକୁ ସଂରକ୍ଷଣ କରି ନ ଥାଏ। 'ସମାନ ପୃଥିବୀ ପ୍ରକ୍ଷେପଣ' ଭୌଗୋଳିକ ଅଞ୍ଚଳର ସମାନୁପାତରେ ମାନଚିତ୍ର ଅଙ୍କନ କରିଥାଏ, ଯାହା ଜାଗତିକ ପରିସଂଖ୍ୟାନ ଓ ମହାଦେଶୀୟ ବିସ୍ତାର ପାଇଁ ଉତ୍ତମ ଚାକ୍ଷୁସ ଆଧାର ହୋଇଥାଏ। ବିଶେଷକରି ରଙ୍ଗୀନ ମାନଚିତ୍ରରେ ଅସମାନ କ୍ଷେତ୍ରଫଳ ପାଠକ ମନରେ ତଥ୍ୟର ସାମଗ୍ରିକ ଅବଧାରଣାରେ ପରିବର୍ତ୍ତନ ଆଣିପାରେ। ମୋଟାମୋଟି ଭାବରେ କହିଲେ ଶ୍ରେଣୀଗୃହ ଅଧ୍ୟୟନ ପାଇଁ 'ସମାନ ପୃଥିବୀ ମାନଚିତ୍ର' ଏବଂ ନୌଯାତ୍ରା ଓ ବିମାନ ଯାତ୍ରା ପାଇଁ 'ମେର୍କାଟର ମାନଚିତ୍ର' ବ୍ୟବହାର କରିବା ଠିକ୍ ହେବ। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

ଲବଙ୍ଗ
(Clove Plant- Syzygium aromaticum)

ପ୍ରକୃତି-ପରିବେଶ

ଲବଙ୍ଗ ଇଣ୍ଡୋନେସିଆର ମାଲୁକୁ ଦ୍ୱୀପପୁଞ୍ଜ କିମ୍ବା ମୋଲୁକାସର ମୂଳଜାତ ଉଦ୍ଭିଦ। ୧୭ଶ ଶତାବ୍ଦୀରେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ମସଲା ବାଣିଜ୍ୟ ଉପରେ କବ୍‌ଜା କରିବା ଯୋଜନା ଫଳରେ ଲବଙ୍ଗ ଗଛଗୁଡ଼ିକ ବାଣିଜ୍ୟିକ ଫସଲ ଭାବରେ ସାରା ବିଶ୍ୱରେ ସମ୍ପ୍ରସାରିତ ହୋଇଥିଲା। ଲବଙ୍ଗକୁ ସାଧାରଣତଃ ମସଲା, ସ୍ୱାଦ ଓ ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହାର କରାଯାଏ।

ଲବଙ୍ଗ ଏକ ଘନପତ୍ର ଯୁକ୍ତ ବୁଦାମୟ, ଚିରହରିତ ବୃକ୍ଷ, ଯାହା ୮-୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ପତ୍ରଗୁଡ଼ିକ ସରଳ, ଡେମ୍ଫଯୁକ୍ତ, ଅଣ୍ଡାକାର, ବିପରୀତ, ଉଜ୍ଜ୍ୱଳ, ସବୁଜ, ଚକଚକିଆ, ନିମ୍ନ ପୃଷ୍ଠ ସୁଗନ୍ଧିତ ତୈଳ ଗ୍ରନ୍ଥରେ ଆଚ୍ଛାଦିତ। ଫୁଲଗୁଡ଼ିକୁ ଗୁଚ୍ଛ ହୋଇ ସଜେଇ ହୋଇଥାଏ। କଢ଼ଗୁଡ଼ିକ ପ୍ରାରମ୍ଭରେ ଫିକା ଚକଚକିଆ, ମାଂସଳ, ସବୁଜ ଏବଂ ପରିପକ୍ୱ ହେବା ସହିତ ଉଜ୍ଜ୍ୱଳ ଲାଲ ରଙ୍ଗର ହୋଇଯାଏ। ଫଳଟିରେ ଗୋଟିଏ କିମ୍ବା କ୍ୱଚିତ୍ ଦୁଇଟି ବିହନ ଥାଏ ଏବଂ ଏହାକୁ ପ୍ରାୟତଃ 'ମା' ଲବଙ୍ଗ' ବୋଲି କୁହାଯାଏ। ଫୁଲ ଫୁଟିବାର ପ୍ରାୟ ନଅ ମାସ ପରେ ଫଳ ପରିପକ୍ୱ ହୋଇଥାଏ। ବିଶ୍ୱର ବିଭିନ୍ନ ସ୍ଥାନରେ ଫୁଲ ଧରିବା ସମୟ ଭିନ୍ନ ଭିନ୍ନ ହୋଇଥାଏ ଏବଂ ଗଛଟି ଅତି କମରେ ଚାରି ବର୍ଷ ବୟସ ହେବା ପରେ କେବଳ ଫୁଲର ବାଣିଜ୍ୟିକ ଅମଳ ଆରମ୍ଭ ହୁଏ।

'ଚରକ ସଂହିତା' ଓ ରାମାୟଣରେ ଲବଙ୍ଗର ବ୍ୟବହାର ବିଷୟରେ ଉଲ୍ଲେଖ ଅଛି। ଏହାର ଆଣ୍ଟିଅକ୍ସିଡାଣ୍ଟ ବା ବିଶୋଧକ, ଅଣୁଜୀବ-ବ୍ୟାକ୍ଟେରିଆ-ଭୂତାଣୁ-କର୍କଟ ପ୍ରତିରୋଧକ ଗୁଣ ରହିଛି। ଦାନ୍ତ ବିନ୍ଧା, ଗଳା ଯନ୍ତ୍ରଣା, କାଶ, ଅଜୀର୍ଣ୍ଣ, ଫୁଲା, ବାନ୍ତି ସମସ୍ୟାରୁ ମୁକ୍ତି ପାଇଁ ଲବଙ୍ଗ ଅତି ଉପଯୋଗୀ। ଲବଙ୍ଗ ତେଲର ବାହ୍ୟ ପ୍ରୟୋଗରେ ମୁଣ୍ଡବିନ୍ଧା, ପେଟଯନ୍ତ୍ରଣା ଏବଂ ମାଂସପେଶୀ ଯନ୍ତ୍ରଣା ଉପଶମ ହୁଏ। ଲବଙ୍ଗ ତେଲ ଟୁଥପେଷ୍ଟ, ମାଉଥୱାସ୍, ଆଣ୍ଟିସେପ୍ଟିକ୍, ପରଫ୍ୟୁମ୍ ଓ ସାବୁନରେ ବ୍ୟବହୃତ ହୁଏ। ଅତ୍ୟାବଶ୍ୟକୀୟ ଲବଙ୍ଗ ତେଲ ଆରୋମାଥେରାପିରେ ବ୍ୟବହାର କରାଯାଇପାରେ। ଏହା ସୁଗନ୍ଧ ବୃଦ୍ଧି କରିବା ପାଇଁ ପ୍ରାୟତଃ ପାନଖିଲରେ ବ୍ୟବହାର ହୁଏ।

ଲବଙ୍ଗକୁ ତରକାରୀ, ମାରିନେଡ୍ସ (ଆମିଷ ଭିଜାଇବା ପାଇଁ ଭିନେଗାର ମିଶ୍ରିତ ଏକ ତରଳ ଉପାଦାନ), ବର୍ବ (ଏକପ୍ରକାର ରେଚକ ଉପାଦାନ), ସେଓ, ନାସପାତି ପରି ଫଳକୁ ସ୍ୱାଦ ଦିଏ। ଇଣ୍ଡୋନେସିଆରେ 'କ୍ରେଟେକ୍' ନାମକ ଏକପ୍ରକାର ସିଗାରେଟରେ ଲବଙ୍ଗ ମସଲା ବ୍ୟବହାର କରାଯାଏ। ୟୁରୋପ, ଏସିଆ ଓ ଯୁକ୍ତରାଷ୍ଟ୍ରରେ ଲବଙ୍ଗ ସିଗାରେଟ୍ ବହୁଳ ଆଦୃତ। ବିଭିନ୍ନ ପ୍ରକାରର ଖାଦ୍ୟକୁ ପଚିବାରେ ରୋକିବା ପାଇଁ ଲବଙ୍ଗ ତେଲ ବ୍ୟବହାର କରାଯାଇପାରେ। ଏତଦ୍‌ବ୍ୟତୀତ ଲବଙ୍ଗ ତେଲର ପ୍ରଭାବ ବୋରନ୍-ଆଧାରିତ କାଠ ସଂରକ୍ଷଣକାରୀ ଅପେକ୍ଷା ଅଧିକ। ଲବଙ୍ଗକୁ କମଳା ସହିତ ମିଶ୍ରଣ କରାଯାଇ ଏକ ସୁଗନ୍ଧିତ ପୋମାଣ୍ଡର ବା ଥଳି ତିଆରି କରିବା ପାଇଁ ବ୍ୟବହାର କରାଯାଇପାରିବ।

ଲବଙ୍ଗ ଅନେକ ଫାଇଟୋକେମିକାଲ୍ ବା ଜୈବ ରାସାୟନିକ ଦ୍ରବ୍ୟ ଯେପରିକି ସେସ୍କିଟରପେନ୍ସ, ମୋନୋଟରପେନ୍ସ, ହାଇଡ୍ରୋକାର୍ବନ, ଫେନୋଲିକ୍‌ରେ ଭରପୂର। ୟୁଜେନାଇଲ୍ ଆସେଟେଟ୍, ୟୁଜେନୋଲ୍ ଏବଂ ବିଟାକାରିଓଫାଇଲିନ୍ ହେଉଛି ଲବଙ୍ଗ ତେଲରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫାଇଟୋକେମିକାଲ୍। ୟୁଜେନୋଲ୍ ୭୨-୯୦% ଅତ୍ୟାବଶ୍ୟକ ତେଲକୁ ନେଇ ଗଠିତ ଏବଂ ଲବଙ୍ଗ ସୁଗନ୍ଧ ପାଇଁ ସବୁଠାରୁ ଅଧିକ ଦାୟୀ ଯୌଗିକ ଉପାଦାନ। ଭାନିଲିନ୍, କ୍ରେଟୋଗୋଲିକ୍ ଏସିଡ୍, ଟାନିନ୍ ଆଦି ମଧ୍ୟ ଏଥିରେ ରହିଛି।

ବିହନରୁ ମୁଖ୍ୟତଃ ଲବଙ୍ଗ ଗଛର ବଂଶବୃଦ୍ଧି ହୁଏ। ଗ୍ରୀଷ୍ମ ଋତୁରେ କଟା କାଣ୍ଡ ମଧ୍ୟ ନୂତନ ଚାରା ପାଇଁ ନିଆଯାଇପାରିବ। ଏକ ପରିପକ୍ୱ ବୃକ୍ଷ ବାର୍ଷିକ ୩୦ କିଲୋଗ୍ରାମରୁ ଅଧିକ ଶୁଖିଲା ଲବଙ୍ଗ କଢ଼ ଦେଇପାରେ। ପତ୍ର, ଛାଲି ସମେତ ଗଛର ଅନେକ ଅଂଶ ସୁଗନ୍ଧିତ, କିନ୍ତୁ ଏହାର କଢ଼ ସବୁଠାରୁ ମୂଲ୍ୟବାନ, ଯାହା ସାଧାରଣତଃ ହାତରେ ଅମଳ କରାଯାଏ। ମାଡାଗାସ୍କରର ପୂର୍ବ ଉପକୂଳରେ ବିକଶିତ ଆଧୁନିକ ଲବଙ୍ଗ ଚାଷର ପ୍ରଥମ ଉଲ୍ଲେଖନୀୟ ଉଦାହରଣ। ଲବଙ୍ଗ ଉତ୍ପାଦନରେ ବର୍ତ୍ତମାନର ନେତୃତ୍ୱ ନେଉଛନ୍ତି ଇଣ୍ଡୋନେସିଆ, ମାଡାଗାସ୍କର, ତାଞ୍ଜାନିଆ, ଶ୍ରୀଲଙ୍କା, ଭାରତ, ମାଲେସିଆ ଓ କୋମୋରୋସ୍। ଇଣ୍ଡୋନେସିଆ ହେଉଛି ସବୁଠାରୁ ବଡ଼ ଲବଙ୍ଗ ଉତ୍ପାଦକ। ●

ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଆଜିଠୁ ଆରମ୍ଭ କାର୍ତ୍ତିକ ବ୍ରତ

ପୁରୀ,୨୬।୧୦(ସମିସ): ସୋମବାରଠାରୁ ଆରମ୍ଭ ହେଉଛି କାର୍ତ୍ତିକ ମାସ। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳି। ଏଥିପାଇଁ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବ୍ରତଧାରୀଙ୍କ ଲାଗି ୩ଟି ରହଣି କେନ୍ଦ୍ର କରାଯାଇଛି। ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସ

ରହଣି କେନ୍ଦ୍ରରେ ପହଞ୍ଚିଲେ ହବିଷ୍ୟାଳି

ବ୍ୟତୀତ ରେଲ୍ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ରତଧାରୀଙ୍କୁ ରଖାଯାଇଛି।

ସୋମବାରଠାରୁ ଆରମ୍ଭ ହେଉଥିବା ହବିଷ ବ୍ରତ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ। ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କୁ ଏଥର ୩ଟି ରହଣି କେନ୍ଦ୍ର (ବୃନ୍ଦାବତୀ ନିବାସ, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲ୍ୱେ ଟୁରିଷ୍ଟ କମ୍ପ୍ଲେକ୍ସ)ରେ ରଖାଯାଇଛି। ହବିଷ୍ୟାଳି ଯୋଜନାରେ ୭୦ବର୍ଷବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବିବାହିତା ମହିଳାମାନେ ଏହି ବ୍ରତ ପାଇଁ ଆବେଦନ ଅନ୍‌ଲାଇନ୍ ମାଧ୍ୟମରେ କରିଥିଲେ। ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହବିଷ୍ୟାଳି ମା'ମାନେ ସେମାନଙ୍କ ନିର୍ଦ୍ଧାରିତ ହବିଷ୍ୟାଳି କେନ୍ଦ୍ରରେ ପହଞ୍ଚିଥିଲେ। ବୃନ୍ଦାବତୀ ନିବାସରେ ପୁରୀ, ଖୋର୍ଦ୍ଧା, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ହବିଷ୍ୟାଳି, ମୋଚି ସାହି କଲ୍ୟାଣ ମଣ୍ଡପରେ ଅନୁଗୁଳ, ଢେଙ୍କାନାଳ ଓ ଗଞ୍ଜାମ ଏବଂ ରେଲ୍ୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଅନ୍ୟ ସମସ୍ତ ଜିଲ୍ଲାର ହବିଷ୍ୟାଳି ମା'ମାନଙ୍କ ରହଣୀ ବ୍ୟବସ୍ଥା ରହିଛି। ବୃନ୍ଦାବତୀ ନିବାସ ହବିଷ୍ୟାଳି କେନ୍ଦ୍ରରେ ମା'ମାନେ ପହଞ୍ଚିବା ପରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଫୁଲ, ଚନ୍ଦନ ଲଗାଯାଇ ଓ ହୁଳହୁଳି ପକାଯାଇ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟା ସୁଦ୍ଧା ବୃନ୍ଦାବତୀ ନିବାସରେ ୧୦୪୪, ମୋଚି ସାହି କଲ୍ୟାଣ ମଣ୍ଡପରେ ୪୫୦ ଓ ରେଲ୍ୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୫୧୮ ଜଣ ରହିଛନ୍ତି।

ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ରବିବାର ଅଧିକାରୀମାନେ ବିଭିନ୍ନ ରହଣି କେନ୍ଦ୍ର ବୁଲି ସ୍ଥିତି ପରଖିଛନ୍ତି। କ'ଣ ସୁବିଧା, ଅସୁବିଧା ରହିଛି ବୁଝିବା ସହ ସମସ୍ତ ବ୍ୟବସ୍ଥା ବୁଲି ଦେଖିଛନ୍ତି।

ଆଜି ଧରିବେ ବ୍ରତ

ମଙ୍ଗଳବାରଠାରୁ କାର୍ତ୍ତିକ ବ୍ରତ ଆରମ୍ଭ କରିବେ ହବିଷ୍ୟାଳି। ଭୋରୁ ଉଠି ନରେନ୍ଦ୍ର ପୁଷ୍କରିଣୀ ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ଶ୍ରୀମନ୍ଦିରକୁ ଯିବେ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ସହ ବ୍ରତ ଧରିବେ। ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କୁ ପୂଜା କରି ମାସଟାଯାକ ଆଧ୍ୟାତ୍ମିକ ଭାବରେ ବାନ୍ଧି ହୋଇରହିବେ। ପ୍ରତି ସନ୍ଧ୍ୟାରେ ଆକାଶ ଦୀପ ଟାଣିବେ। ପୁଣି ଶୁଣିବେ ଭଜନ, ଭାଗବତ, ପୁରାଣ ଓ ପ୍ରବଚନ। ଗୋଟିଏଥର ମହାପ୍ରସାଦ ସେବନ କରିବେ।

ଭିଜିଲାନ୍ସ ଜାଲରେ ସୁନାବେଡ଼ା ବନ୍ୟପ୍ରାଣୀ ବରିଷ୍ଠ ସହାୟକ

୨ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ହଡ଼ପ ଅଭିଯୋଗ

ନୂଆପଡ଼ା/କୋମନା/ଭବାନୀପାଟଣା,୨୫।୧୦(ସମିସ): ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ତଥା ପ୍ରତିଷ୍ଠାନ ବିଭାଗର ଦାୟିତ୍ୱରେ ଥିବା ବାବୁଲୁ ସୁନାଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ବିରୋଧରେ ୨୦୨୩ରୁ ଏମ୍‌ଏସିପି /ଆରଏସିପି ଯୋଜନା ଅଧୀନରେ ଜାଲ୍ ବିଲ୍ ପ୍ରସ୍ତୁତ କରି ୨ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ରହିଛି। ତାଙ୍କୁ ଭବାନୀପାଟଣାସ୍ଥିତ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତର ବିଚାରପତିଙ୍କ ନିକଟରେ ହାଜର କରାଯାଇଛି। ଗତ ୬ ମାସ ଧରି ଫେରାର ଥିବା ଶ୍ରୀ ସୁନାଙ୍କୁ ଶନିବାର ରାତିରେ ବଲାଙ୍ଗିରରୁ ଓଡ଼ିଶା ଭିଜିଲାନ୍ସ ଧରିଛି। ଶ୍ରୀ ସୁନା ଏମ୍‌ଏସିପି ଓ ଆର୍‌ଏସିପି ଯୋଜନା ଅଧୀନରେ ଜାଲ୍ ବକେୟା ଦରମା ବିଲ୍ ପ୍ରସ୍ତୁତ କରିଥିଲେ। ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡର ପୂର୍ବତନ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ମୃତ କର୍ମଚାରୀଙ୍କ ପରିଚୟ ଓ ତଥ୍ୟ ବ୍ୟବହାର କରି ଏହି ଜାଲ୍ ବିଲ୍‌ଗୁଡ଼ିକୁ ପ୍ରକ୍ରିୟାକରଣ କରାଯାଇଥିଲା। ଏହା ମାଧ୍ୟମରେ ସରକାରୀ ଅର୍ଥକୁ ତାଙ୍କ ପରିବାର ସଦସ୍ୟ ପତ୍ନୀ, ଭାଇ, ଭଉଣୀ ଏବଂ ଅନ୍ୟ ଦୁଇଜଣ ଘନିଷ୍ଠ ସହଯୋଗୀଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ନିଜର ବୈଧ ଅଧିକାରଠାରୁ ଅଧିକ ନିୟମିତ ଦରମା

ବୃଦ୍ଧି ପାଇବା ପାଇଁ ସରକାରୀ ରେକର୍ଡରେ ମଧ୍ୟ ହେରଫେର କରିଥିବା ଅଭିଯୋଗ ରହିଛି। ସେ ଦୀର୍ଘ ସମୟ ଧରି ପ୍ରତି ମାସରେ ଅଧିକ ଦରମା ବିଲ୍ ପ୍ରସ୍ତୁତ କରି ଅତିରିକ୍ତ ୧୦ ଲକ୍ଷ ୫୮ ହଜାର ଟଙ୍କାରୁ ଅଧିକ ଅର୍ଥ ଉଠାଇଥିଲେ। ମୋଟ ଉପରେ ସେ ୨ କୋଟି ୬୦ ଲକ୍ଷ ୨୧ ହଜାର ୩୦୬ ଟଙ୍କା ସରକାରୀ ଅର୍ଥ ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଛି। ଏହିଘଟଣା ସମ୍ପର୍କରେ ଅଭିଯୁକ୍ତ ବାବୁଲୁ ସୁନାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ସମ୍ପୃକ୍ତ ଧାରା ଅଧୀନରେ କୋରାପୁଟ ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୨୪ ଓ ୨୫/୨୦୨୬ ରୁଜୁ କରାଯାଇ ଏହି ମାମଲାର ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ଜଣାପଡ଼ିଛି।

ଆଶୁତୋଷ ପରିଡ଼ା ପାଇଲେ 'ଶାରଳା ପୁରସ୍କାର'

ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦାମୋଦର ବେହେରାଙ୍କୁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ

ଭୁବନେଶ୍ୱର,୨୫।୧୦(ସମିସ): ଓଡ଼ିଆ କବି ଡ. ଆଶୁତୋଷ ପରିଡ଼ାଙ୍କୁ ୪୭ତମ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ ତଥା ଇମ୍ଫାକ୍ସ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟିକ କୃତି ପାଇଁ ପ୍ରଦାନ କରାଯାଇଥାଏ। ମୁଖ୍ୟ ଅତିଥି ଭାବେ ଗୀତିକାର, କବି ତଥା ଔପନ୍ୟାସିକ ଆର. ବୈରାମୁଥୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ୱରୂପ ଏକ ତାମ୍ର ଫଳକ, ପ୍ରଶସ୍ତି ପତ୍ର ଏବଂ ୭ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି। ପରଭା ପବ୍ଲିକେସନ ଦ୍ୱାରା ପ୍ରକାଶିତ ଡ. ପରିଡ଼ାଙ୍କ ପ୍ରଶଂସିତ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି।

ଏହି ଅବସରରେ ପ୍ରଦର୍ଶନ କଳା କ୍ଷେତ୍ରରେ ଅବଦାନ ପାଇଁ କିମ୍ବଦନ୍ତୀ ଓଡ଼ିଶୀ ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦୃଶ୍ୟ କଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଭାସ୍କର୍ଯ୍ୟ ଶିଳ୍ପୀ ତଥା କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରତ୍ୟେକ କଳାକାରଙ୍କୁ ପ୍ରଶସ୍ତି ପତ୍ର, ତାମ୍ର ଫଳକ ଏବଂ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରି ଇମ୍ଫାକ୍ସର ଟ୍ରଷ୍ଟି ପାରମିତା ପଣ୍ଡା, ଡ. ପରିଡ଼ାଙ୍କୁ ଅଭିନନ୍ଦନ

ଜଣାଇବା ସହ 'ବିଶ୍ୱାସ ଦେ ପୃଥିବୀ'କୁ ଆମ ସମୟର ଏକ ଗଭୀର ପ୍ରତିଫଳନ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଆର. ବୈରାମୁଥୁ ନିଜର ଅଭିଭାଷଣରେ କହିଥିଲେ "ଭାଷା ହେଉଛି ଏକ ସଂସ୍କୃତି, ଏବଂ ଏହା ଅନ୍ୟ ସଂସ୍କୃତିଗୁଡ଼ିକ ସହିତ ନିରନ୍ତର ଭାବରେ ବଞ୍ଚିରହିଥାଏ। ଜଣକର ମାତୃଭାଷା ହିଁ ତାହାର ପରିଚୟ। ଲୋକମାନେ ନିଜ ଭାଷାର ସୁରକ୍ଷା କରିବା ଉଚିତ। ଜ୍ଞାନପୀଠ ପୁରସ୍କାର ବିଜେତା ଡ. ପ୍ରତିଭା ରାୟ ଏହି ଉତ୍ସବରେ ଉଦ୍‌ଘାଟକ ଏବଂ ଅତିଥି ଭାବେ ଯୋଗଦେଇ କହିଥିଲେ, ମୁଁ ଉପନ୍ୟାସ ଲେଖିପାରେ କିନ୍ତୁ ମୁଁ କବିତା ବ୍ୟାପକ ଭାବରେ ପଢେ। କାରଣ ଏହା ହେଉଛି ସାହିତ୍ୟର ହୃଦୟ, ଏବଂ ଏହା ବିନା ସାହିତ୍ୟର ଅସ୍ତିତ୍ୱ ରହିପାରିବ ନାହିଁ।

ଆଉ ପାଳନ ହେବ ନାହିଁ ସମବାୟ ସପ୍ତାହ

ସରକାରଙ୍କ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ଭୁବନେଶ୍ୱର,୨୫।୧୦(ସମିସ): ଦେଶର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହେରୁ ପଞ୍ଚବାର୍ଷିକ ଯୋଜନା ଆରମ୍ଭରେ ପ୍ରତି ପଞ୍ଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ପ୍ରାଥମିକ ଚିକିତ୍ସାଳୟ ଏବଂ ଗୋଟିଏ ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରତିଷ୍ଠା କରିବା ପାଇଁ ପ୍ରୟାସ କରିଥିଲେ। ସମବାୟ ମାଧ୍ୟମରେ ସାମଗ୍ରୀକ ବିକାଶ ଓ ଅର୍ଥନୈତିକ ପ୍ରଗତି ହିଁ ସମ୍ଭବ ବୋଲି ନେହରୁ ସମବାୟକୁ ବିଶେଷ ଗୁରୁତ୍ୱ ଦେଇଥିଲେ। ତେଣୁ ୧୯୫୩ ମସିହାଠାରୁ ଦେଶର ସବୁ ରାଜନୈତିକ ଦଳର ନେତୃବୃନ୍ଦ, ଶୁଭେଚ୍ଛୁ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ନିଷ୍ପତ୍ତିକ୍ରମେ ସମବାୟ କ୍ଷେତ୍ରରେ ନେହରୁଙ୍କ ଅତୁଳନୀୟ ଅବଦାନ ପାଇଁ ନଭେମ୍ବର-୧୪ଠାରୁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଦେଶରେ ନିଖିଳ ଭାରତ ସମବାୟ ସପ୍ତାହ ଦୀର୍ଘ ୭୨ ବର୍ଷ ଧରି ପାଳନ କରଯାଇ ଆସୁଅଛି। ମାତ୍ର ଚଳିତ ବର୍ଷରୁ ଏହାକୁ ବନ୍ଦ ପାଇଁ ହୋଇଥିବା ନିଷ୍ପତ୍ତିକୁ ରାଜ୍ୟ କଂଗ୍ରେସ ବିରୋଧ କରିଛି।

ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଇତି ମଧ୍ୟରେ ବିଭିନ୍ନ ସମୟରେ

ବିଭିନ୍ନ ରାଜନୈତିକ ଦଳ ସରକାର ଗଠନ କରିବା ପରେ ଏହି ସମବାୟ ସପ୍ତାହଟିକୁ ବହୁ ଧୁମ୍‌ଧାମ୍‌ରେ ପାଳନ କରି ଆସିଥିଲେ। ଓଡ଼ିଶାରେ ମଧ୍ୟ ବିଜେପି ସରକାର ଆସିବା ପୂର୍ବରୁ ଏହା ପାଳନ ହେଉଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନର ବିଜେପି ସରକାର ନେହରୁଙ୍କ ଜନ୍ମଦିନ ନଭେମ୍ବର-୧୪ଠାରୁ ପ୍ରତିବର୍ଷ ପାଳନ କରାଯାଉଥିବା ସମବାୟ ସପ୍ତାହ ଚଳିତ ବର୍ଷଠାରୁ ପାଳନ ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ରାଜ୍ୟ କଂଗ୍ରେସ ତୀବ୍ର ବିରୋଧ କରିବା ସହ ଏହା ଅତ୍ୟନ୍ତ ପରଶ୍ରୀକାତରତା ଏବଂ ହୀନମନ୍ୟତାର ପରିଚୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି, ନଭେମ୍ବର ୧୪ ନେହରୁଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ପକ୍ଷରୁ ରାଜ୍ୟବ୍ୟାପୀ ସମବାୟ ସପ୍ତାହ ପାଳନ ଓ ଦେଶ ଗଠନରେ ନେହରୁଜୀଙ୍କ ସମବାୟ ବାର୍ତ୍ତାକୁ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯିବ। ଆସନ୍ତା ନଭେମ୍ବର ୧୪ ରୁ ଦେଶବ୍ୟାପି ସମବାୟ ସପ୍ତାହ ପାଳନ କରାନଗଲେ ସମବାୟବିତ ମାନେ ଦେଶର ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଜି ସୃଷ୍ଟି...

ଦିନ ଅର୍ଥାତ ୨୮ ତାରିଖ ପାଇଁ ସୁରକ୍ଷା ଦୃଷ୍ଟିରୁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଛି। ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲା ପାଇଁ ଏହି ଆଲର୍ଟ ଜାରି ହୋଇଛି। ଏହି ଜିଲ୍ଲାରେ ସବୁଠୁ ଅଧିକ ବର୍ଷା ସହ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗି, ବରଗଡ଼, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲାରେ ମଧ୍ୟ ମଧ୍ୟରୁ ପ୍ରବଳ ବର୍ଷା ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ ବୁଲେଟିନ୍‌ରେ ଜାରି କରାଯାଇଛି। ବାତ୍ୟା ସ୍ଥଳଭାଗରେ ମାଡ଼ ହେବା ପରେ ଦ୍ରୁତ ଗତିରେ ଦୁର୍ବଳ ହେବ ବୋଲି ଆକଳନ କରାଯାଉଛି। ତେଣୁ ୨୯ ତାରିଖରେ ଏହାର ପ୍ରଭାବ କମିବାର ସମ୍ଭାବନା ରହିଛି। ତେବେ ସୁରକ୍ଷା ଦୃଷ୍ଟିରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ୨୭ ଅକ୍ଟୋବର ରାତିରୁ ୨୮ ଅକ୍ଟୋବର ସକାଳ ମଧ୍ୟରେ ବାତ୍ୟାଟି କାକିନାଡ଼ାଠାରୁ ପ୍ରାୟ ୨୫ କିମି ଦକ୍ଷିଣରେ ଥିବା ୟାନାମ ନିକଟରେ ସ୍ଥଳଭାଗ ଅତିକ୍ରମ କରିପାରେ। ଏହି ଗତିପଥ ଅନୁସାରେ ବାତ୍ୟାର କେନ୍ଦ୍ର ଓଡ଼ିଶାକୁ ପ୍ରବେଶ କରିବାର ସମ୍ଭାବନା କମ୍ ରହିଛି। ସ୍ଥଳଭାଗ ଅତିକ୍ରମ ପରେ ଏହା ଦୁର୍ବଳ ହୋଇ ଓଡ଼ିଶା-ଛତିଶଗଡ଼ ସୀମାର ପଶ୍ଚିମ ପାଶ୍ୱର୍ ଦେଇ ଗତି କରିପାରେ। ତେବେ ୨୭ ଓ ୨୮ ଅକ୍ଟୋବରରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଭାରୀରୁ ଅତି ପ୍ରବଳ ବର୍ଷା ହୋଇପାରେ। ଓଡ଼ିଶାରେ ବାତ୍ୟାର ସିଧାସଳଖ ପ୍ରବଳ ପବନର ପ୍ରଭାବ କମ୍ ରହିପାରେ। କିନ୍ତୁ ବର୍ଷାର ପ୍ରଭାବ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ଭାରୀ ବର୍ଷା ହୋଇପାରେ। ସଂଲଗ୍ନ ଜିଲ୍ଲା ଓ ଅନ୍ୟାନ୍ୟ ଉପକୂଳ ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ। କେନ୍ଦ୍ରୀୟ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି। ୨୮ ଅକ୍ଟୋବରରେ ଦକ୍ଷିଣ ଓଡ଼ିଶାରେ ବର୍ଷା ଜାରି ରହିପାରେ। କେତେକ ସ୍ଥାନରେ ଭାରୀରୁ ଅତି ପ୍ରବଳ ବର୍ଷା ହୋଇପାରେ। ରାଜ୍ୟର ଅନ୍ୟାନ୍ୟ ଅନେକ ଜିଲ୍ଲାକୁ ମଧ୍ୟ ବର୍ଷା ବ୍ୟାପିପାରେ। ତେବେ ସେଠାରେ ବର୍ଷାର ପରିମାଣ ତୁଳନାଣକ ଭାବେ କମ୍ ରହିପାରେ। ୨୯ ଅକ୍ଟୋବର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା କମିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଖଣିରୁ ମାଇକ୍ରୋଚିପ୍...

ଉପକୃତ ହେଉଛନ୍ତି। ସାମାଜିକ ସୁରକ୍ଷା କ୍ଷେତ୍ରରେ ଅଟଳ ପେନ୍‌ସନ୍ ଯୋଜନାରେ ୯ କୋଟି ଲୋକ ସାମିଲ ହୋଇଥିବାବେଳେ ବୀମା ଯୋଜନାଗୁଡ଼ିକ ଗରିବ ଓ ମଧ୍ୟବିତ୍ତଙ୍କୁ ଆର୍ଥିକ ସୁରକ୍ଷା ଦେଉଛି। ପୂର୍ବ ଦଶନ୍ଧିରେ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ଲୋକଙ୍କୁ ଏହା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏବେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅଧିକ ଦକ୍ଷ, ନିର୍ଭରଯୋଗ୍ୟ ଓ ସୁରକ୍ଷିତ କରିବାର ସମୟ ଆସିଛି। ଆଧୁନିକ ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ ଲଢ଼ାଯାଉନାହିଁ; ଅର୍ଥନୀତି ଉପରେ ଆକ୍ରମଣ କରି ମଧ୍ୟ ଏକ ଦେଶକୁ ଦୁର୍ବଳ କରାଯାଇପାରେ। ତେଣୁ ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସାଇବର ଅପରାଧୀ ଓ ସାଇବର ଆତଙ୍କବାଦୀଙ୍କଠାରୁ ସୁରକ୍ଷିତ ରଖିବା ଜରୁରୀ। ଏ କ୍ଷେତ୍ରରେ ଭୁବନେଶ୍ୱରର ନୂଆ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଗତ ଦଶନ୍ଧିରେ ବ୍ୟାଙ୍କିଂ ସୁବିଧାରୁ ବଞ୍ଚିତ ଲୋକଙ୍କୁ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ଦଶନ୍ଧିରେ ଓଡ଼ିଶାର ନୂଆ ଡାଟା ସେଣ୍ଟର ଓ ଅତ୍ୟାଧୁନିକ କମ୍ପ୍ୟୁଟିଂ ବ୍ୟବସ୍ଥାର ସହଯୋଗରେ ବ୍ୟାଙ୍କିଂ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ନିର୍ଭରଯୋଗ୍ୟ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟସଭା ସାଂସଦ ମନମୋହନ ସାମଲ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ।

୮ ମନ୍ତ୍ରୀ, ୫...

ଆଇଏଏସ୍‌ଙ୍କୁ ମଧ୍ୟ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଆଇଏଏସ୍ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା ଜିଲ୍ଲାର ଦାୟିତ୍ୱ ଦିଆଯାଇଥିବା ବେଳେ ଡଃ ପୋମା ଟୁଡୁଙ୍କୁ କୋରାପୁଟ, ବିଜୟ କୁମାର ଦାଶଙ୍କୁ ଗଜପତି, ଯାଦୁଲା ବିଜୟଙ୍କୁ ମାଲକାନଗିରି, ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ନିଜ ନିଜ ଜିଲ୍ଲାରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବାତ୍ୟା ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ଏବଂ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ସମନ୍ୱୟ ଅଧିକ ସୁଦୃଢ଼ ହେବା ଲକ୍ଷ୍ୟ ରଖାଯାଇଛି।

ଅନ୍ୟପଟେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାରେ ଅଧିକ ପ୍ରଭାବ ଆଶଙ୍କା କରି ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହିତ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ କୁହାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ସହ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସମେତ ସମସ୍ତ ବ୍ଲକ, ତହସିଲ ଓ ପୌରାଞ୍ଚଳରେ ୨୪/୭ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି। ସେହିପରି ୫ ଜିଲ୍ଲାରେ ଜିଲ୍ଲାରେ ମୋଟ୍ ୨୪ଟି ଓଡ୍ରାଫ୍ ଟିମ୍ ଏବଂ ୬ଟି ଏନଡିଆରଏଫ୍ ଟିମ୍ ନିୟୋଜିତ କରାଯାଇଛି। ଦକ୍ଷିଣ ଓଡ଼ିଶାର ଏହି ୫ ଜିଲ୍ଲାରେ ପାହାଡ଼, ଜଳପ୍ରପାତ, ଡ୍ୟାମ୍ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଛି।

ସେହିପରି ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ଅକ୍ଟୋବର ୨୬ରୁ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ କାର୍ଯ୍ୟକୁ ସୁଗମ ରଖିବା ସହ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ଏନେଇ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ଏନେଇ ସମସ୍ତ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର-ତଥା-ସଚିବ ଏବଂ ନିର୍ଦ୍ଦେଶକମାନଙ୍କୁ ନିଜ ନିଜ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ପରାମର୍ଶ ଦେଇଛନ୍ତି। ବାତ୍ୟା ପରିସ୍ଥିତିରେ ଉପୁଜିପାରୁଥିବା ଯେକୌଣସି ଜରୁରୀ ଆବଶ୍ୟକତାର ତୁରନ୍ତ ମୁକାବିଲା ଏବଂ ପ୍ରଶାସନିକ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏହି ନିର୍ଦ୍ଦେଶର ଉଦ୍ଦେଶ୍ୟ ରହିଛି।

ଦିଲ୍ଲୀରେ କଂଗ୍ରେସର...

କରିବା ସହ ଯୋଗ୍ୟ ଭୋଟରଙ୍କୁ ସଚେତନ କରିବାକୁ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିବା ଆଶଙ୍କା ଓ ଅନ୍ୟାନ୍ୟ ଅନିୟମିତତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଦଳର ଅଭିଯୋଗ, ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠୁଥିବାରୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଅପସାରଣ ଆବଶ୍ୟକ। ଯଦି ତଦନ୍ତରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବା କିମ୍ବା ଆଇନ ଉଲ୍ଲଂଘନର ପ୍ରମାଣ ମିଳେ, ତେବେ ଗିରଫ ସମେତ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି। ଶୁକ୍ରବାର ନୂଆଦିଲ୍ଲୀର ଇନ୍ଦିରା ଭବନରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ହରିୟାଣାର ନେତା ଓ ପଦାଧିକାରୀଙ୍କ ସହ ବୈଠକ କରି ସମାବେଶର ପ୍ରସ୍ତୁତି ସମୀକ୍ଷା କରିଥିଲେ। ଭୋଟ ଅଧିକାରର ସୁରକ୍ଷା, ଗଣତନ୍ତ୍ରର ସୁଦୃଢ଼ୀକରଣ ଓ ସରକାରଙ୍କ ଉତ୍ତରଦାୟିତ୍ୱ ଦାବିକୁ ନେଇ ଏହି ସମାବେଶରେ ବିରୋଧୀ ଏକତା ପ୍ରଦର୍ଶନ କରିବାକୁ କଂଗ୍ରେସ ଲକ୍ଷ୍ୟ ରଖିଛି।

ବିଜେପିକୁ ହୃଦୟରୁ...

ଅନ୍ୟପକ୍ଷରେ ବିଜେପି ଏହି ରାଲିକୁ ବିରୋଧ କରି କଂଗ୍ରେସକୁ ନିଶାଣ କରିଛି। ଦୀପାବଳି ସମୟରେ ଏଭଳି ରାଲି ବ୍ୟବସାୟୀ ଓ ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ପାର୍ବଣ ଋତୁରେ ବ୍ୟବସାୟ ବୃଦ୍ଧିର ଆଶା ରହୁଥିବାରୁ ରାଜନୈତିକ କାର୍ଯ୍ୟକ୍ରମ ଯୋଗୁଁ ଲୋକଙ୍କ ଯାତାୟାତ ଓ ବାଣିଜ୍ୟିକ କାରବାର ବାଧାପ୍ରାପ୍ତ ହେବ ବୋଲି ବିଜେପି ଆଶଙ୍କା କରି କଂଗ୍ରେସକୁ ସମାଲୋଚନା କରିଛି। ବିଜେପିର ଏହି ସମାଲୋଚନାକୁ ରାହୁଲ ନିଜ ସପକ୍ଷରେ ବ୍ୟବହାର କରିଛନ୍ତି। ରାଲିକୁ ନେଇ ଶାସକ ଦଳ ଯେତେ ଆପତ୍ତି ଉଠାଉଛି; ଏହା ସେତେ ଅଧିକ ଲୋକଙ୍କୁ ଆକର୍ଷିତ କରୁଛି। ତେଣୁ ସେ ଶାସକ ବିଜେପିକୁ ଧନ୍ୟବାଦ ଜଣାଇଛନ୍ତି। କଂଗ୍ରେସର 'ଭୋଟ୍ ଚୋରି' ଅଭିଯାନ ମୂଳରେ ରହିଛି ନିର୍ବାଚନୀ ଅନିୟମିତତା ଓ ଭୋଟରଙ୍କ ଅଧିକାର ସୁରକ୍ଷା ପ୍ରସଙ୍ଗ। କଂଗ୍ରେସ ଏହି ଅଭିଯୋଗକୁ ନେଇ ନିର୍ବାଚନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ଦାବି କରିଛି। ଏହି ପରିପ୍ରେକ୍ଷୀରେ ନଭେମ୍ବର ୧ର ପ୍ରସ୍ତାବିତ ରାଲି କଂଗ୍ରେସର ଆଗାମୀ ରାଜନୈତିକ ରଣନୀତି ପାଇଁ ମଧ୍ୟ ଗୁରୁତ୍ୱ ବହନ କରୁଛି।

ଓଡ଼ିଶାରେ ସର୍ବାଧିକ...

ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ତଥ୍ୟରୁ ଏହା ଜଣାପଡ଼ିଛି। କେବଳ ଓଡ଼ିଶା ନୁହେଁ, ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୨୧ଟିରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ୩୦% ଅତିକ୍ରମ କରିଛି। ଏହି ଚିତ୍ର ଚିନି ବଜାରରେ ଦରବୃଦ୍ଧିର ଚାପକୁ ସ୍ପଷ୍ଟ କରୁଛି।

ପାର୍ବଣ ଋତୁରେ ଚିନି ଦର ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯାହା ସାଧାରଣ ଜନତାଙ୍କୁ ବହୁତ କଷ୍ଟ ଦେଉଛି। ସେପ୍ଟେମ୍ବରରେ ଅନେକ ରାଜ୍ୟରେ ଚିନି ଦର ମଧ୍ୟ ଆକାଶଛୁଆଁ ହୋଇଛି। ଜାତୀୟ ସ୍ତରରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ଚଳିତବର୍ଷ ଅଗଷ୍ଟରେ ୨୪.୨୭% ରହିଥିବାବେଳେ ସେପ୍ଟେମ୍ବରରେ ଏହା ବୃଦ୍ଧି ପାଇ ୨୯.୮୦%ରେ ପହଞ୍ଚିଛି। ବର୍ଷ ୨୦୨୪କୁ ନେଇ ପ୍ରସ୍ତୁତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ଏହା ୨୦୨୬ ଜାନୁଆରୀ ପରଠାରୁ ସର୍ବାଧିକ ହାର। ଏହି ସମୟରେ ଚିନିର ମୂଲ୍ୟ ସୂଚକାଙ୍କ ୧୩୬.୨୫କୁ ବୃଦ୍ଧି ପାଇଛି, ଯାହା ଜାନୁଆରୀ ୨୦୨୫ ପରଠାରୁ ସର୍ବୋଚ୍ଚ ସ୍ତର। ଏପ୍ରିଲ ୨୦୨୬ରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ମାତ୍ର ୧.୪୪% ଥିଲା। ଏହାର ଅର୍ଥ ହେଉଛି ଗତ ବର୍ଷ ତୁଳନାରେ ଚିନି ମୂଲ୍ୟ ବୃଦ୍ଧି ବହୁତ ଦ୍ରୁତ ଗତିରେ ହୋଇଛି। ଚିନି ମୂଲ୍ୟ ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି ଚଳିତ ବର୍ଷ ଆଖୁ ଉତ୍ପାଦନରେ ହ୍ରାସ ଏବଂ କମ୍ ବର୍ଷା। ହେଲେ ଅନେକ ବିଶେଷଜ୍ଞ ଚିନି ଦର ବୃଦ୍ଧି ପାଇଁ ଇଥାନଲ୍‌କୁ ଦାୟୀ କରୁଛନ୍ତି। ବହୁ ମାତ୍ରାରେ ଆଖୁ ଇଥାନଲ୍ ପ୍ରସ୍ତୁତି ପାଇଁ ଚାଲିଯାଉଥିବା ଯୋଗୁ ଖୁଚୁରା ବଜାରରେ ଚିନି ଦର ଉଚ୍ଚା ରହୁଛି।

୭ ବର୍ଷରେ ୧,୦୧୬...

ହରାଇଛନ୍ତି। ଗତ ସେପ୍ଟେମ୍ବର ୨୯ରେ ଜମ୍ମୁ-କଶ୍ମୀରର କଠୁଆ ଜିଲ୍ଲାରେ ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ପରିସରରେ ସିଆଇଏସ୍‌ଏଫ୍ ଯବାନ ଅବଧେଶ କୁମାର ସିଂହଙ୍କ ଗୁଳିମାଡ଼ରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସମେତ ୪ ଜଣ ସହକର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପୁଣି ଥରେ ବଳ ମଧ୍ୟରେ ଚାପ ଓ ସହକର୍ମୀଙ୍କ ମଧ୍ୟରେ ହିଂସା ସମସ୍ୟାକୁ ସାମ୍ନାକୁ ଆଣିଛି। ସିଏପିଏଫ୍ ଓ ଆସାମ ରାଇଫଲ୍ସରେ ୯୩,୧୩୯ଟି ପଦ ଖାଲି ପଡ଼ିଥିବାରୁ କାର୍ଯ୍ୟରତ ଯବାନଙ୍କ ଉପରେ ଅଧିକ ଦାୟିତ୍ୱ ପଡୁଛି। କେତେକ ଯବାନଙ୍କୁ ଦୁଇଟି ପାଳିରେ କାମ କରିବାକୁ ପଡୁଥିବାରୁ ଦୈନିକ ମାତ୍ର ୫ ଘଣ୍ଟା ଶୋଇବାର ସୁଯୋଗ ମିଳୁଛି। ଏହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ନିୟମ ଅନୁଯାୟୀ, ସିଏପିଏଫ୍ ଯବାନଙ୍କୁ ବାର୍ଷିକ ୬୦ ଦିନ ଅର୍ଜିତ ଛୁଟି ଓ ୧୫ ଦିନ ଆକସ୍ମିକ ଛୁଟି ମିଳିବାର ବ୍ୟବସ୍ଥା ରହିଛି। ତେବେ ଆବଶ୍ୟକ ସମୟରେ ଛୁଟି ନମିଳିବା ନେଇ ଅଭିଯୋଗ ରହିଛି। ଅନ୍ୟପକ୍ଷରେ, ସୀମାନ୍ତ ଓ ଦୁର୍ଗମ ଅଞ୍ଚଳରେ ନିୟୋଜନ ଯୋଗୁଁ ଅନେକ ଯବାନ ପରିବାରଠାରୁ ଦୀର୍ଘ ସମୟ ଦୂରରେ ରହୁଛନ୍ତି। ଅନେକ ଯବାନଙ୍କୁ ପଦୋନ୍ନତି ପାଇଁ ୧୮ ରୁ ୨୦ ବର୍ଷ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ଖାଲି ପଦ, କ୍ୟାଡର ସମୀକ୍ଷାରେ ବିଳମ୍ବ ଓ ପଦୋନ୍ନତି ସୁଯୋଗର ଅଭାବ ଯବାନଙ୍କ ମନୋବଳକୁ ପ୍ରଭାବିତ କରୁଛି। ଏହା ସହ ଅଧିକାରୀଙ୍କ ଦୁର୍ବ୍ୟବହାର ଏବଂ ଅଭିଯୋଗ ଜଣାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥାର ଅଭାବ ମଧ୍ୟ ସମସ୍ୟାକୁ ଜଟିଳ କରୁଥିବା କୁହାଯାଉଛି।

GOVERNMENT OF ODISHA
DEPARTMENT OF WATER RESOURCES
"e" Procurement Notice- BAID 03 OF 2026-27
32001/1102/2627
BID IDENTIFICATION NO. BAID 03 OF 2026-27

1	Name of the Work	Improvement / maintenance of irrigation canal / river embankment/ Building work for the year 2026-27.
2	Total No. of Package	19 Nos.
3	Tender Cost	Rs. 14.16 Lakhs to 84.65 Lakhs as per DTCN
4	Bid Security	Rs. 14200/- to Rs. 84700/- as per DTCN
5	Cost of Tender Paper (Online)	Rs. 6000/- to Rs. 10000/- as per DTCN
6	Period of Completion	As per DTCN
7	Availability of Tender online for bidding	From 27.10.2026 at 12.00 Noon to 05.11.2026 up to 5.30 P.M.
8	Date and place of opening	Dt. 06.11.2026 at 11.00 AM in the office of the Superintending Engineer, Baitarani Irrigation Division, Salapada
9	Tender Inviting Authority	Superintending Engineer, Baitarani Irrigation Division, Salapada

Further details can be seen from the website http://www.tendersorissa.gov.in / www.dowrodisha.gov.in Any addendum/ Corrigendum/ Cancellation to the above notice will be published in this web site only.

Superintending Engineer
Baitarani Irrigation Division,
Salapada

OIPR-32001/32439/1/26-27/0003

GOVERNMENT OF ODISHA
34001/1025/2627
OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)-MLK-17/2026-27
No. 5529 Date. 13.10.2026

1.	Name of the work:	Civil Work
2.	Total No. of Works:	01 Nos.
3.	Estimated cost:	84.75 lakhs
4.	Period of completion:	03(Three) months
5.	Date & time of availability of bid document in the portal:	From 17.00 hrs. of 28.10.2026 To 17.00 hrs. Of 09.11.2026
6.	Last date / Time for receipt of bids in the Portal:	17.00 hours of 09.11.2026
7.	Date of opening of Tender:	10.00 hours of 10.11.2026
8.	Name and address of the Officer Inviting Bid:	Superintending Engineer Malkangiri(R&B) Division

Further details can be seen from the e-procurement portal https://tendersorissa.gov.in

Superintending Engineer
Malkangiri(R&B) Division

OIPR-34001/34063/1/26-27/0015

AFFIDAVIT
I, PRIYADARSHINI SETHI, W/O TUSAR KUMAR resident of At - Near Mangala Temple, PO - Kumarpur, PS - Gurudijhatia, Dist - Cuttack - 754028, Odisha declare by this Affidavit No. 3463 Dated - 25/08/2026, that now onwards I shall be known as **STHITI PRIYADARSHINI** for all future purposes.

AFFIDAVIT
I, TUSARKANT SETHY, S/O NIRANJAN SETHY resident of At - Near Mangala Temple, PO - Kumarpur, PS - Gurudijhatia, Dist - Cuttack - 754028, Odisha declare by this Affidavit No. 3464 Dated - 25/08/2026, that now onwards I shall be known as **TUSAR KUMAR** for all future purposes.

Notice (above 18 years of age)
By virtue of an affidavit sworn before Executive Magistrate(K) Udala, Mayurbhanj , dated 23-10-2026 I, Kaberi Parida, Address At- Ward No.3, Nagpal, Udala NAC, Po/Ps- Udala, Dist- Mayurbhanj, Pin- 757041, Odisha declare that I have changed my name from Sonalika Das to Kaberi Parida. Henceforth, I shall be known as **Kaberi Parida** for all purposes.
(Kaberi Parida)

Notice (above 18 years of age)
By virtue of an affidavit sworn before Notary Public, Udala, Mayurbhanj , dated 23-10-2026 I, Archana Kisku, Address At- Girishchandrapur Po-Bangra, Ps- Khunta, Dist- Mayurbhanj, Pin- 757074, Odisha declare that I have changed my name from Archana Murmu to Archana Kisku. Henceforth, I shall be known as **Archana Kisku** for all purposes.
(Archana Kisku)

Notice (above 18 years of age)
By virtue of an affidavit sworn before Notary Public, Udala, Mayurbhanj , dated 22-10-2026 I, Muni Singh, Address At- Talkunda Po-Talkunda, Ps- Khunta, Dist- Mayurbhanj, Pin- 757074, Odisha declare that I have changed my name from Mini Sing to Muni Singh. Henceforth, I shall be known as Muni Singh for all purposes.
(Muni Singh)

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ବାରିପଦା, ୨୫ ।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ଓ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ଆଜି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭର୍ଚୁଆଲ ମାଧ୍ୟମ (ଗୁଗଲ ମିଟ୍)ରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସାମଗ୍ରିକ ପ୍ରସ୍ତୁତି, ଜନସାଧାରଣଙ୍କ ସୁରକ୍ଷା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ସୃଷ୍ଟି ହେବାକୁ ଥିବା ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ସଜାଗ ରହିବା ସହ ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି, ପାନୀୟଜଳ, ଶୁଖିଲା ଖାଦ୍ୟ, ବିଦ୍ୟୁତ ଓ ଯୋଗାଯୋଗ ବ୍ୟବସ୍ଥା ଅବ୍ୟାହତ ରଖିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲାର ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ସିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ଅଗ୍ନିଶମ ସେବା ବାହିନୀର ବରିଷ୍ଠ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ବିଲ ପାଣିରେ ପଡ଼ି ଯୁବକ ମୃତ

ସାରସକଣା, ୨୫ ।୧୦(ସମିସ): ବିଲକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିଲେନି ଯୁବକ । ବିଲ ପାଣିରେ ପଡ଼ି ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିବାବେଳେ ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ ଯୁବକ ଜଣକ ଝାରପୋଖରିଆ ଥାନା ଅନ୍ତର୍ଗତ ଶଙ୍ଖାଭଙ୍ଗା ଗ୍ରାମର ବୟାର ସିଂ (୨୬) । ଗତକାଲି ବୟାର ଖାଇସାରି ବିଲକୁ କାମ କରିବାକୁ ଯାଇଥିଲେ । ମାତ୍ର ସନ୍ଧ୍ୟା ଗଡ଼ି ରାତି ହୋଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ । ଏଥିରେ ପରିବାର ଲୋକଙ୍କ ସନ୍ଦେହ ବଢ଼ିବାରୁ ଚାରିଆଡ଼େ ଖୋଜାଖୋଜି କରିଥିଲେ । ରାତି ପ୍ରାୟ ୯ ଟା ସମୟରେ ବିଲ ପାଣି ଭିତରେ ବୟାର ପଡ଼ି ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ । ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଝାରପୋଖରିଆ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ୩୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି । ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ ପ୍ରକାଶ କରିଛି । ଯୁବକଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ଠାକୁରମୁଣ୍ଡାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା

ଠାକୁରମୁଣ୍ଡା, ୨୫।୧୦(ସମିସ): ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ଠାକୁରମୁଣ୍ଡା ରୁର୍ବାନ ପଡ଼ିଆରେ ମା' ଗଜଲକ୍ଷ୍ମୀ ପୂଜା ମହାଆଡ଼ମ୍ବର ସହ ଅନୁଷ୍ଠିତ ହୋଇଛି । ଉପରବେଳା ୪ ଘଟିକା ସମୟରେ କଣ୍ଟାମଲି ନାଳରେ ପୂଜାର୍ଚ୍ଚନା ସାରି କଳସ ଶୋଭାଯାତ୍ରା ବଜାର ପରିକ୍ରମା କରି ଆସି ରର୍ବାନ ପଡ଼ିଆ ପୂଜା ମଣ୍ଡପରେ ୫ ଘଟିକା ପରେ ପହଞ୍ଚି ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଗତ ବର୍ଷ ଅପେକ୍ଷା ଏବର୍ଷ ଶୋଭାଯାତ୍ରାଠାରୁ ଆରମ୍ଭ କରି ବଜାର ସାଜସଜ୍ଜା ବହୁ ଆକର୍ଷଣ ହୋଇଛି । ସେହିପରି ରଗୁଡିବେଡ଼ା, ଲକ୍ଷ୍ମୀପଷି, ରଙ୍ଗାମାଟିଆ, ନୂଆଗାଁ, ବୋଙ୍ଗି, ବାଲିପଷି, ଟିକରପଡ଼ା, ଡକେଇପାଳ, ଗହଣ୍ଡିଆ ଇତ୍ୟାଦି ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି ।

ନଭେମ୍ବର ୧୨ରୁ ସଂସ୍କାର ଶିଶୁ ମହୋତ୍ସବ-ମୟୂରୀ

● ବାରିପଦା ଶିଶୁ ଉଦ୍ୟାନରେ ଲାଗିବ କୁନିକୁନି ପିଲାଙ୍କ ଗହଳି

ବାରିପଦା, ୨୫ ।୧୦(ସମିସ): ସ୍ଥାନୀୟ ଶିଶୁ ଉଦ୍ୟାନ ପରିସରରେ ଆସନ୍ତା ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଦ୍ୱାଦଶ ସଂସ୍କାର ଶିଶୁ ମହୋତ୍ସବ-ମୟୂରୀ ଅନୁଷ୍ଠିତ ହେବ । ଏ ନେଇ ସ୍ଥାନୀୟ ମ୍ୟୁନିସିପାଲଟି ଗେଷ୍ଟ ହାଉସଠାରେ କାର୍ଯ୍ୟକାରୀ ସଭାପତି ଡଃ ବନଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସମ୍ପାଦକ ସଞ୍ଜୟ କୁମାର ଚୌଧୁରୀ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ମହୋତ୍ସବରେ ପିଲା ଓ ମା'ମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ସହ ପଥ ମହୋତ୍ସବ, ବାଲୁକା କଳା, ଆର୍ଟ ଗ୍ୟାଲେରୀ, ବର୍ଜ୍ୟବସ୍ତୁ ପ୍ରଦର୍ଶନୀ, ଶିଶୁ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ । ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଅକ୍ଟୋବର ୩୧ରୁ ନଭେମ୍ବର ୮ ତାରିଖ ମଧ୍ୟରେ (ଅପରାହ୍ନ ୪ଟାରୁ ୫:୩୦) ମ୍ୟୁନିସିପାଲଟି ଗେଷ୍ଟ ହାଉସରେ ପଞ୍ଜୀକରଣ କରାଯିବ । ପ୍ରତି ପ୍ରତିଯୋଗିତାରେ ସୀମିତ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ ବୋଲି ସୂଚନା ଦିଆଯାଇଛି । ବୈଠକରେ କୁମାର ରଞ୍ଜନ ପଣ୍ଡା, କୈବଲ୍ୟ ପ୍ରସାଦ ମହାପାତ୍ର, ବିବେକାନନ୍ଦ ପଟ୍ଟନାୟକ, ପ୍ରଣତି ପଟ୍ଟନାୟକ, ବୈଜୟନ୍ତୀମାଳା ପାଳ, ରେଣୁବାଳା ରଥ, ସାଇ ପ୍ରକାଶ ମହାନ୍ତି, ଡାକ୍ତର ପ୍ରକାଶ କଲିଆଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ବାରିପଦା ମଣ୍ଡଳ କାରାଗାରରେ ଅବ୍ୟବସ୍ଥା

ଅଧୀକ୍ଷକ ପଦ ଖାଲି, ଛାତରୁ ଗଳୁଛି ପାଣି

ବାରିପଦା, ୨୫ ।୧୦(ସମିସ)

● ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ
● ଅଭିଯୋଗ କଲେ ମିଳୁଛି ସେଲ୍ ଭର୍ତ୍ତିର ଧମକ

ମୟୂରଭଞ୍ଜ ଜିଲ୍ଲାର ସର୍ବପୁରାତନ ତଥା ଐତିହାସିକ ବାରିପଦା ମଣ୍ଡଳ କାରାଗାରରେ ଏବେ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି । ପୂର୍ବତନ ଅଧୀକ୍ଷକଙ୍କ ଅନ୍ୟତ୍ର ବଦଳି ପରେ ଦୀର୍ଘଦିନ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାବେଳେ ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ୧୮୮୫ରେ ନିର୍ମିତ ରାଜାରାଜୁଡ଼ା ଅମଳର ଏହି କାରାଗାରର ଦୈନନ୍ଦିନ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ବିଭିନ୍ନ ଦପ୍ତରୀ ଫାଇଲ୍ କାର୍ଯ୍ୟର ନିୟମିତ ତଦାରଖ ବାଧାପ୍ରାପ୍ତ ହେଉଛି । ଫଳରେ ଜେଲ୍ ପ୍ରଶାସନରେ ସମନ୍ୱୟର ଅଭାବ ସହ ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ରାଜ୍ୟ କାରାଗାର ବିଭାଗ ତୁରନ୍ତ ଏଠାରେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ଦେବା ସହ ଆବଶ୍ୟକ ପ୍ରଶାସନିକ ସଂସ୍କାର ଆଣିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି ।

ଅନ୍ୟପକ୍ଷରେ କାରାଗାର ଭିତରେ ଥିବା ଅନ୍ତେବାସୀଙ୍କ ମୌଳିକ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରୁଛି । ବର୍ତ୍ତମାନ ଏହି ମଣ୍ଡଳ କାରାଗାରରେ ୬୦୦ରୁ ଉର୍ଦ୍ଧ୍ୱ ବିଚାରାଧୀନ ଓ ଦଣ୍ଡାଦେଶପ୍ରାପ୍ତ ଅନ୍ତେବାସୀ ରହୁଛନ୍ତି । ମାତ୍ର ଶତାଧିକ ବର୍ଷ ପୁରୁଣା ଏହି ଜେଲ୍ କୋଠାଗୁଡ଼ିକ ଏବେ ଜର୍ଜରିତ ଅବସ୍ଥାରେ ପହଞ୍ଚିଛି । ଅଧାରୁ ଅଧିକ କୋଠରୀର ଛାତରୁ ବର୍ଷା ପାଣି ଗଳୁଥିବାରୁ ଅନ୍ତେବାସୀ ଅତି ଦୟନୀୟ ଭାବେ ଦିନ କାଟୁଛନ୍ତି । ରାଜାରାଜୁଡ଼ା ଅମଳର ଏହି ପୁରୁଣା ବାରାକ ବ୍ୟତୀତ ନୂତନ ଗୃହ ନିର୍ମାଣ କିମ୍ବା ପୁରୁଣା ଗୃହର ମରାମତି କରିବା ପାଇଁ କାରାଗାର କର୍ତ୍ତୃପକ୍ଷ କୌଣସି ଆନ୍ତରିକତା ପ୍ରକାଶ କରୁନାହାନ୍ତି । ଅନ୍ତେବାସୀଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତାକୁ ନେଇ ମଧ୍ୟ ଗମ୍ଭୀର ଅଭିଯୋଗ ଉଠିଛି । ପରିବାର ଲୋକଙ୍କ ସୂଚନାନୁଯାୟୀ, ଅନ୍ତେବାସୀ ସର୍ଦ୍ଦାର ଭାବେ ଦେବୀ ରଞ୍ଜନ କବାଟ ଥିବା ସମୟରେ ଖାଦ୍ୟପେୟର ମାନ ସନ୍ତୋଷଜନକ ଥିଲା । ମାତ୍ର ଅନ୍ୟ ସର୍ଦ୍ଦାରଙ୍କ ସମୟରେ ଅତ୍ୟନ୍ତ ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ପରଷା ଯାଉଛି । କେବଳ ମାସକୁ ଥରେ ଜିଲ୍ଲାପାଳ କିମ୍ବା ଜିଲ୍ଲା ଦୌରାଜଜ୍ ନିରୀକ୍ଷଣରେ ଆସୁଥିବା ଦିନ ହିଁ ଭଲ ଖାଦ୍ୟ ମିଳିଥାଏ । ବାକି ସମସ୍ତ ଦିନ ଅଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି ଅନ୍ତେବାସୀ । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଏହି ଅବ୍ୟବସ୍ଥା ବିରୋଧରେ କୌଣସି ଅନ୍ତେବାସୀ ମୁହଁ ଖୋଲିଲେ କର୍ତ୍ତୃପକ୍ଷ ତାଙ୍କୁ ସେଲ୍‌ଫ (ପୃଥକ୍ ନିର୍ଜନ କୋଠରୀ)ରେ ପୂରାଇ ଦଣ୍ଡ ଦେବାର ଧମକ ଦେଉଛନ୍ତି । ଏହି ଘଟଣାକୁ ନେଇ ଅନ୍ତେବାସୀଙ୍କ ପରିବାରବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ କାରାଗାରର ଜର୍ଜରିତ କୋଠରୀ ମରାମତି କରିବା, ଖାଦ୍ୟର ମାନ ସୁଧାରିବା ଓ ଖାଲି ପଡ଼ିଥିବା ଅଧୀକ୍ଷକ ପଦବୀରେ ନୂତନ ଅଧିକାରୀ ନିଯୁକ୍ତି ଦେବା ପାଇଁ ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଜୋରଦାର୍ ଦାବି ହୋଇଛି ।

କରଞ୍ଜିଆରେ ରାଇରଙ୍ଗପୁର ପୁଲିସ ଜିଲ୍ଲା ପକ୍ଷରୁ ଶ୍ରମଦାନ କାର୍ଯ୍ୟକ୍ରମ

ସ୍ୱଚ୍ଛତାର ବାର୍ତ୍ତା ଦେଲେ ପୁଲିସ ଅଧିକାରୀ ଓ ସାମ୍ବାଦିକ

କରଞ୍ଜିଆ, ୨୫।୧୦(ସମିସ): ସ୍ୱଚ୍ଛ ଓ ସୁନ୍ଦର ପରିବେଶ ଗଠନ ସହ ସାମାଜିକ ଦାୟିତ୍ୱବୋଧର ମହତ୍ତ୍ୱକୁ ଜନମାନସରେ ପହଞ୍ଚାଇବା ଲକ୍ଷ୍ୟରେ କରଞ୍ଜିଆ ସହରର ଦୋଳ ପଡ଼ିଆ ଓ ମିଳନ ପଡ଼ିଆରେ ରାଇରଙ୍ଗପୁର ପୁଲିସ ଜିଲ୍ଲା ପକ୍ଷରୁ ଏକ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ସାର୍ବଜନୀନ ସ୍ଥାନର ସ୍ୱଚ୍ଛତା ରକ୍ଷା ସହ ସମାଜ ପ୍ରତି ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଏସ୍‌ପି ଯାଦୁନାଥ ଜେନା, କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ, କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ସେମାନଙ୍କ ସହ ସାମ୍ବାଦିକମାନେ ମଧ୍ୟ ଏହି ମହତ କାର୍ଯ୍ୟରେ ସାମିଲ ହୋଇ ଶ୍ରମଦାନ କରିଥିଲେ । ଦୋଳ ପଡ଼ିଆ ଓ ମିଳନ ପଡ଼ିଆ ଭଳି ସାର୍ବଜନୀନ ସ୍ଥାନକୁ ପରିଷ୍କାର ଓ ସ୍ୱଚ୍ଛ ରଖିବା ସହ ଏହାର ସୁରକ୍ଷା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକ । ଏହି ଶ୍ରମଦାନ କାର୍ଯ୍ୟକ୍ରମ ସାମୂହିକ ଅଂଶଗ୍ରହଣର ମହତ୍ତ୍ୱକୁ ପ୍ରତିପାଦିତ କରିବା ସହ ସ୍ୱଚ୍ଛତା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ ବୋଲି ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥିଲା । ପୁଲିସ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକଙ୍କ ଏହି ମିଳିତ ପ୍ରୟାସ ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି କରିବା ସହ ସାମାଜିକ ସହଭାଗିତା ଓ ଜନସହଯୋଗର ଏକ ଉତ୍ତମ ଉଦାହରଣ ସୃଷ୍ଟି କରିଛି । ନିଜ ପରିବେଶକୁ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଆଗେଇ ଆସିଲେ ଏକ ସୁସ୍ଥ ସମାଜ ଗଠନର ଲକ୍ଷ୍ୟ ନିଶ୍ଚିତ ଭାବେ ସାକାର ହୋଇପାରିବ ।

ମୁଣ୍ଡାରୀ ବାନୀ ପରୀକ୍ଷା ଫଳ ପ୍ରକାଶ, ୧୧୩୦ ଉତ୍ତୀର୍ଣ୍ଣ

ବାରିପଦା, ୨୫ ।୧୦(ସମିସ): ଭାରତ ମୁଣ୍ଡା ସମାଜ ଦ୍ୱାରା ପରିଚାଳିତ ସେଣ୍ଟ୍ରାଲ ବୋର୍ଡ ଅଫ୍ ମୁଣ୍ଡାରୀ ସେକେଣ୍ଡାରୀ ଏଜୁ୍ୟକେସନ ଆନୁକୂଲ୍ୟରେ ଅନୁଷ୍ଠିତ ୨୦୨୫ ବର୍ଷର ମୁଣ୍ଡାରୀ ବାନୀ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି । ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୩୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଗତ ଜୁନ୍ ୭ ତାରିଖରେ ମୁଣ୍ଡାରୀ ବାନୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କେନ୍ଦ୍ରରେ ଏହି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ବହୁ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ରନାଥ ସିଂହ, ପରୀକ୍ଷା ନିୟନ୍ତ୍ରକ ଗୋବର୍ଦ୍ଧନ ସିଂହ, ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂହ, କୋଷାଧ୍ୟକ୍ଷ ବାଇଧର ସିଂହ, ଉପସଭାପତି ସୁନାରାମ ସିଂହ, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂହ, ସମ୍ପାଦକ ବସନ୍ତ ସିଂହ, ସମ୍ପାଦକ ରଘୁନାଥ ସିଂହ, ରାଜ୍ୟ ଯୁବ ସଭାପତି ସବରନ ସିଂହ ଓ ମୁଣ୍ଡାରୀ ବାନୀ ଶିକ୍ଷକ ସୁକଦେବ ସିଂହ ଓ ଲଳିତ ସିଂହ ପ୍ରମୁଖଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଏହି ପରୀକ୍ଷା ଫଳ ପ୍ରକାଶ କରାଯାଇଛି ।

ଘୋଡ଼ାବିନ୍ଧା-ହାତୀଗୋଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଉଭୟ ପାର୍ଶ୍ୱରେ ଖାଲ

ମହୁଲଡିହା, ୨୫।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଘୋଡ଼ାବିନ୍ଧାଠାରୁ ହାତୀଗୋଡ଼ାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଚଳିତ ବର୍ଷ ଲଗାଣ ବର୍ଷାରେ ଧୋଇ ହୋଇ ବଡ଼ ଗର୍ତ୍ତ ହୋଇଛି । ଏହି ଗର୍ତ୍ତ ଆସ୍ତେ ଆସ୍ତେ ପିଚୁ ରାସ୍ତାକୁ ଦୁର୍ବଳ କରୁଛି । ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଅନ୍ୟ ମନସ୍କ ହେଲେ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ରାସ୍ତା ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ସାମାନ୍ୟ ବର୍ଷାରେ ରାସ୍ତାର ଉଭୟ ପାର୍ଶ୍ୱର ମାଟି ଧୋଇଯାଉଛି । ବର୍ତ୍ତମାନ ବଡ଼ ବଡ଼ ପଥର ପକାଇ ବିପଦ ସଙ୍କେତ ଭାବେ ସୂଚନା ଦିଆଯାଇଛି । ବିପରୀତ ଦିଗରୁ ଦୁଇଟି ଚାରିଚକିଆ ଯାନ ଯିବା ଅସମ୍ଭବ ହୋଇପଡ଼ିଛି । ରାତି ସମୟରେ ଏହି ରାସ୍ତା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଛି । ତୁରନ୍ତ ବିଭାଗ ପକ୍ଷରୁ ଏହି ରାସ୍ତାର ମରାମତି କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

ଜିଲ୍ଲା ସାମ୍ବାଦିକ ସଂଘ ସମ୍ମିଳନୀ ପାଇଁ ବୈଠକ

ରାସଗୋବିନ୍ଦପୁର, ୨୫।୧୦(ସମିସ): ଚଳିତବର୍ଷର ଜିଲ୍ଲା ସାମ୍ବାଦିକ ସଂଘ ସମ୍ମିଳନୀ ରାସଗୋବିନ୍ଦପୁର ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବା ନେଇ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ଥିର କରାଯାଇଛି । ଏହାକୁ ସଫଳତାର ସହ ଆୟୋଜନ କରିବା ଉଦ୍ଦେଶ୍ୟରେ ରବିବାର ରାସଗୋବିନ୍ଦପୁରସ୍ଥ ବିନୋଦ ବିହାରୀ ମହାପ୍ରଭୁଙ୍କ ମଠ ପ୍ରାଙ୍ଗଣରେ ଏକ ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାସଗୋବିନ୍ଦପୁର ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓଝା, ବରିଷ୍ଠ ସାମ୍ବାଦିକ ତଥା ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତି, ସଂଘର ଉପସଭାପତି ସନ୍ତୋଷ କୁମାର ମହାନ୍ତି, ସମ୍ପାଦକ ସତ୍ୟବ୍ରତ ଦାସ, ପୂର୍ବତନ ସଭାପତି ମନୋରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ରଣଜିତ୍ ବାରିକ, ଲଲାଟେନ୍ଦୁ ବିଦ୍ୟାଧର ଦାସ, ଯୁବ ସାମ୍ବାଦିକ ଇନ୍ଦ୍ରଜିତ ଦାସ, ତ୍ରିଲୋଚନ ସେଠୀ, ଉତ୍କଳ କେଶରୀ ପାଲ, ସତ୍ୟବାଦୀ ପରିଡ଼ା, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଆଗାମୀ ଜିଲ୍ଲା ସାମ୍ବାଦିକ ସମ୍ମିଳନୀକୁ ରାସଗୋବିନ୍ଦପୁରରେ କିପରି ସୁଚାରୁରୂପେ ଓ ସଫଳତାର ସହ ଆୟୋଜନ କରାଯାଇପାରିବ, ସେନେଇ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସମ୍ମିଳନୀର ଆୟୋଜନ, ପ୍ରସ୍ତୁତି ଓ ଆବଶ୍ୟକୀୟ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ସାମ୍ବାଦିକ ନିଜ ନିଜର ମତ ରଖିଥିଲେ ।

ଚାନ୍ଦୁଆ ଥାନାର ୨ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଶୁଳିଆପଦା, ୨୫।୧୦(ସମିସ): ଚାନ୍ଦୁଆ ଥାନାରେ କାର୍ଯ୍ୟରତ ଥିବା କନଷ୍ଟେବ ବୃନ୍ଦାବନ ପାତ୍ରଙ୍କ ୩୩ ବର୍ଷ ଓ ଜମ୍ବିରା ଫାଣ୍ଡିରେ କାର୍ଯ୍ୟରତ ଥିବା କନଷ୍ଟେବଲ ଦୁର୍ଗାଚରଣ ମୁର୍ମୁଙ୍କ ୩୬ ବର୍ଷ ଚାକିରି ଏହିମାସ ଶେଷକୁ ଶେଷ ହେଉଥିବାରୁ ଥାନା ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଥାନା ଅଧିକାରୀ ଲକ୍ଷ୍ମଣନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆଡିସନାଲ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ, ବାରିପଦା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, କୁଳିଅଣା ଥାନା ଅଧିକାରୀ ସୁଦୀପ କୁମାର ମହାପାତ୍ର, ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ, ଜମ୍ବିରା ଫାଣ୍ଡି ଅଧିକାରୀ ସତ୍ୟରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଦୁଇ କନଷ୍ଟେବଲ ବର୍ଷ ବର୍ଷ ଧରି ନିଜର କାର୍ଯ୍ୟକୁ କର୍ତ୍ତବ୍ୟନିଷ୍ଠ, ସେବା ମନୋଭାବ ଓ ଶୃଙ୍ଖଳାର ସହ ତୁଲାଇଥିବାରୁ ସେମାନଙ୍କୁ ଥାନା ପକ୍ଷରୁ କୃତଜ୍ଞତା ଜଣାଇଥିଲେ । ଶେଷରେ ଥାନା ପକ୍ଷରୁ ୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପୁରୀ ସଂଯୋଗୀକରଣରେ ଦକ୍ଷିଣ-ପୂର୍ବ ଓ ପୂର୍ବତଟ ରେଳବାଇର ଉଦାସୀନତା

ଦୁଇ ଟ୍ରେନର ଏକା ସମୟ ନିର୍ଦ୍ଧାରଣକୁ ନେଇ ଅସନ୍ତୋଷ

ବାରିପଦା, ୨୫ ।୧୦(ସମିସ)

● ପୁରୀ ବଦଳରେ ଖୋର୍ଦ୍ଧାରୋଡ୍‌ରେ ଅଟକୁଛି ଭଞ୍ଜପୁର ଏକ୍ସପ୍ରେସ୍, ହବିଷ୍ୟାଳୀ ଅସନ୍ତୁଷ୍ଟ
● ସଂଗଠିତ ଆନ୍ଦୋଳନ ପାଇଁ ରେଳଯାତ୍ରୀ ଫୋରମର ଆହ୍ୱାନ

ଦେଶର ସର୍ବବୃହତ ଜିଲ୍ଲା ତଥା ରାଷ୍ଟ୍ରପତିଙ୍କ ଜନ୍ମମାଟି ମୟୂରଭଞ୍ଜର ରେଳ ଯାତ୍ରୀଙ୍କୁ ବାରମ୍ବାର ଉପେକ୍ଷା କରାଯାଉଥିବା ନେଇ ସାଧାରଣରେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି । ଶ୍ରୀକ୍ଷେତ୍ର ପୁରୀ ସହ ଜିଲ୍ଲାର ପ୍ରତ୍ୟକ୍ଷ ରେଳ ସଂଯୋଗୀକରଣ କ୍ଷେତ୍ରରେ ଉଭୟ ଦକ୍ଷିଣ-ପୂର୍ବ ଓ ପୂର୍ବତଟ ରେଳବାଇର ଆନ୍ତରିକତାହୀନ କାର୍ଯ୍ୟଶୈଳୀ ଏବେ ସାମ୍ନାକୁ ଆସିଛି ।

ନିକଟରେ ଅନୁମୋଦନ ଲାଭ କରିଥିବା ବାଦାମପାହାଡ଼-ପୁରୀ ଦୈନିକ ଏକ୍ସପ୍ରେସ୍ (୧୮୪୧୧/୧୮୪୧୨)ର ସମୟ ସାରଣୀକୁ ନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଟ୍ରେନ୍‌ଟି ପ୍ରାୟ ୭୦୦ କିଲୋମିଟର ଦୀର୍ଘ ବୁଲାଣି ପଥ ଦେଇ ୧୪ ଘଣ୍ଟା ଯାତ୍ରା କରୁଥିବାରୁ ଅଧିକ ଭଡ଼ା ଗଣିବାକୁ ପଡୁଛି । ଅନ୍ୟପକ୍ଷରେ ଏହାର ପୁରୀ ଛାଡ଼ିବା (ରାତି ପ୍ରାୟ ୧୧:୪୫) ଓ ପୁରୀରେ ପହଞ୍ଚିବା ସମୟ (ସକାଳ ୬:୦୦) ପୂର୍ବରୁ ଚଳାଚଳ କରୁଥିବା ଭଞ୍ଜପୁର-ପୁରୀ ଦ୍ୱିସାପ୍ତାହିକ ଏକ୍ସପ୍ରେସ୍ (୧୮୦୧୭/୧୮୦୧୮) ସହିତ ପ୍ରାୟ ଏକାଭଳି ରହିଛି । ଦିନର କୌଣସି ସୁବିଧାଜନକ ସମୟ ବଦଳରେ ପରସ୍ପର ସହ ପ୍ରତିଯୋଗିତା ଭଳି ଏକା ସମୟରେ ଦୁଇଟି ଯାକ ଟ୍ରେନ୍ ଚଳାଇବା ରେଳ କର୍ତ୍ତୃପକ୍ଷଙ୍କ ଅଦୂରଦର୍ଶିତାକୁ ପଦାରେ ପକାଇଛି । ସେହିପରି ଭଞ୍ଜପୁର-ପୁରୀ ଦ୍ୱିସାପ୍ତାହିକ ଏକ୍ସପ୍ରେସ୍ ନିୟମିତ ହେବା ଦିନଠାରୁ ଏହାର ସମୟାନୁବର୍ତ୍ତିତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅଧିକାଂଶ ସମୟରେ ଏହା ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲିବା ସହ ବାରମ୍ବାର ଖୋର୍ଦ୍ଧାରୋଡ୍ ଓ ପୁରୀ ମଧ୍ୟରେ ବାତିଲ କରାଯାଉଛି । ଏବେ ପୁରୀ ଷ୍ଟେସନ ନବୀକରଣ ଆଳରେ ଆସନ୍ତା ୨୦୨୭ ଜାନୁଆରୀ ପର୍ଯ୍ୟନ୍ତ ଏହି ଟ୍ରେନ୍‌କୁ କେବଳ ଖୋର୍ଦ୍ଧାରୋଡ୍ ପର୍ଯ୍ୟନ୍ତ ସୀମିତ କରାଯାଇଛି । ପବିତ୍ର କାର୍ତ୍ତିକ ମାସ ପାଇଁ ମୟୂରଭଞ୍ଜରୁ ହଜାର ହଜାର ଭକ୍ତ, ବୃଦ୍ଧବୃଦ୍ଧା ଓ ହବିଷ୍ୟାଳୀ ପୁରୀ ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ଶକ୍ତ ଧକ୍କା ସାଜିଛି । ବହୁ ଦୂରଗାମୀ ଟ୍ରେନ୍‌କୁ ମାଳତୀପାଟପୁର ପର୍ଯ୍ୟନ୍ତ ଚଳାଚଳ ପାଇଁ ଅନୁମତି ମିଳୁଥିବାବେଳେ ମୟୂରଭଞ୍ଜର ଏହି ଏକମାତ୍ର ସିଧାସଳଖ ଟ୍ରେନ୍‌କୁ କାହିଁକି ମାଳତୀପାଟପୁର ନିଆଯାଉନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି । ଏହି ପରିସ୍ଥିତିରେ କେବଳ ସାମାଜିକ ଗଣମାଧ୍ୟମରେ ସୀମିତ ନ ରହି ଏକ ସଂଗଠିତ ଲଢ଼େଇ ପାଇଁ ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଜିଲ୍ଲାର ସାଂସଦ, ଦୁଇ ମନ୍ତ୍ରୀ ଓ ସମସ୍ତ ବିଧାୟକଙ୍କୁ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଓ ରେଳବାଇ ବୋର୍ଡ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିବାକୁ ଫୋରମ ନିବେଦନ କରିଛି । ଏଥିସହ ୧୮୦୧୭/୧୮୦୧୮ ଭଞ୍ଜପୁର-ପୁରୀ ଏକ୍ସପ୍ରେସ୍‌କୁ ଖୋର୍ଦ୍ଧାରୋଡ୍ ବଦଳରେ ଅତିକମରେ ମାଳତୀପାଟପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଓ ବାଦାମପାହାଡ଼-ପୁରୀ ଟ୍ରେନ୍ ସମୟରେ ତୁରନ୍ତ ସଂଶୋଧନ ଆଣିବାକୁ ଦାବି ହୋଇଛି । ଗୋଟିଏ ଟ୍ରେନ୍ ରାତ୍ରକାଳୀନ ହେଲେ ଅନ୍ୟଟିକୁ ସକାଳ କିମ୍ବା ମଧ୍ୟାହ୍ନ ସମୟରେ ଗଡ଼ାଇଲେ ଯାତ୍ରୀ ଉପକୃତ ହୋଇପାରିବେ । ଆଗାମୀ ଦିନରେ ବାରିପଦା ଓକିଲ ସଂଘ, ବଣିକ ସଂଘ ଓ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରେଳବାଇକୁ ଚେତାବନୀ ପତ୍ର ପ୍ରଦାନ ସହ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରେଳ ମନ୍ତ୍ରଣାଳୟକୁ ଟ୍ୟାଗ୍ କରି ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଫୋରମ ପକ୍ଷରୁ ନିବେଦନ କରାଯାଇଛି ।

● ଶକ୍ତିମାନ ଜିମ୍‌ର ପ୍ରତିନିଧି ସମ୍ମିଳନୀ

ନିଶାମୁକ୍ତ ସମାଜ ଓ ସ୍ୱାସ୍ଥ୍ୟ ସଚେତନତା ଉପରେ ଗୁରୁତ୍ୱ

ବେତନଟୀ, ୨୫।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେତନଟୀ ଧର୍ମଶାଳା ପରିସରରେ 'ଶକ୍ତିମାନ ଜିମ୍ନାସିୟମ' ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ିଙ୍କୁ ନିଶା ନିବାରଣ ସହ ନିରୋଗ ଜୀବନଶୈଳୀ ଆଡ଼କୁ ଆକର୍ଷିତ କରିବା ଓ ସାମାଜିକ ସେବା କ୍ଷେତ୍ରକୁ ବ୍ୟାପକ କରିବା ଲକ୍ଷ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା । ଏଥିରେ ବଡ଼ସାହି ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସକ୍ରିୟ ସଦସ୍ୟ ଓ ସ୍ଥାନୀୟ ଯୁବକ ଯୋଗ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜିମ୍‌ର ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷକରି ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ବ୍ଲକ ସ୍ତରରେ ଜିମ୍‌ର ଶାଖା ସମ୍ପ୍ରସାରଣ କରିବା ସହ ଗ୍ରାମାଞ୍ଚଳର ଯୁବବର୍ଗଙ୍କ ପାଇଁ ମାଗଣା ଫିଟନେସ୍ କ୍ୟାମ୍ପ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସେବାମୂଳକ କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରଖିବାକୁ ପ୍ରସ୍ତାବ ଗୃହୀତ ହୋଇଛି ।

ଏହି କାର୍ଯ୍ୟକ୍ରମରେ ଜିମ୍ନାସିୟମର ମୁଖ୍ୟ ପରେଶ ମହାନ୍ତଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶ୍ରୀ ମହାନ୍ତ ଉପସ୍ଥିତ ସଦସ୍ୟଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଆଜିର ଯୁବପିଢ଼ି ନିଶାଦ୍ରବ୍ୟଠାରୁ ଦୂରେଇ ରହି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଏକାନ୍ତ ଆବଶ୍ୟକ । ଏହାବ୍ୟତୀତ ସଂଗଠନର ସଦସ୍ୟଙ୍କ ସୁଖଦୁଃଖରେ ସବୁବେଳେ ସହଯୋଗର ହାତ ବଢ଼ାଯିବ ଓ ଡାକ୍ତରଖାନା, ଥାନା, କୋର୍ଟ, କଚେରୀ କାମ ଭଳି ଜରୁରୀ ପରିସ୍ଥିତିରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ସେ ମତ ରଖିଥିଲେ । ସୁସ୍ଥ ସମାଜ ଗଠନ ପାଇଁ ଯୁବଶକ୍ତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କାର୍ଯ୍ୟକ୍ରମ ଜରିଆରେ କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ପାରସ୍ପରିକ ସହଯୋଗ ଓ ସାମାଜିକ ଦାୟିତ୍ୱବୋଧକୁ ମଜଭୁତ କରିବା ଦିଗରେ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରାଯାଇଛି । ଶେଷରେ ଉପସ୍ଥିତ ସମସ୍ତ ସଦସ୍ୟ ସମାଜସେବାରେ ସକ୍ରିୟ ଯୋଗଦାନ ଦେବାକୁ ସଂକଳ୍ପ ନେଇଥିଲେ ।

ବ୍ରାହ୍ମଣକୁଣ୍ଡ ଜଳପ୍ରପାତରେ ନାହିଁ ମୌଳିକ ସୁବିଧା

ଶୋଚନୀୟ ରାସ୍ତା ସାଙ୍ଗକୁ ପାନୀୟଜଳ ଓ ଆଲୋକୀକରଣ ଅଭାବ

ବାଙ୍ଗିରିପୋଷି, ୨୫ ।୧୦(ସମିସ):

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଭରା ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଆକର୍ଷଣ ପାଲଟିଛି ବାଙ୍ଗିରିପୋଷି ବ୍ଲକ୍ ଚାକିଡ଼ି ପଞ୍ଚାୟତସ୍ଥ ଐତିହାସିକ ବ୍ରାହ୍ମଣକୁଣ୍ଡ ଜଳପ୍ରପାତ। ବ୍ଲକ୍ ମୁଖ୍ୟାଳୟଠାରୁ ପ୍ରାୟ ୩୦ କିଲୋମିଟର ଦୂର ଶିମିଳିପାଳ ପାଦଦେଶରେ ଅବସ୍ଥିତ ଏହି ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ରକୁ ଏବେ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ଘଟୁଛି। ତେବେ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ଚାଲିଥିବାବେଳେ ମୌଳିକ ସୁବିଧା ଓ ଯୋଗାଯୋଗ ବ୍ୟବସ୍ଥା ଏବେ ବି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ବାଙ୍ଗିରିପୋଷିରୁ ଶ୍ୟାମସୁନ୍ଦରପୁର, କୁସୁମବନ୍ଧ ଓ ସରିଶପାଳ ଦେଇ ଜଙ୍ଗଲ ଘେରା ଅଙ୍କାବଙ୍କା ରାସ୍ତାରେ ଯିବାବେଳେ ପ୍ରଥମେ ବୁଢ଼ାବଳଙ୍ଗ ନଦୀର ମନୋରମ 'ଚିଲିକି' ଜଳପ୍ରପାତ ପଡ଼ିଥାଏ। ଦୁଇ ପାହାଡ଼ ମଝିରେ ଧଳା ପଥରର ପାହାଚ ଓ ପ୍ରକୃତିର ନିଆରା ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ଚିଲିକିଠାରୁ ମାତ୍ର ୪ କିଲୋମିଟର ଆଗକୁ ଗଲେ ପଡ଼େ ପ୍ରସିଦ୍ଧ ବ୍ରାହ୍ମଣକୁଣ୍ଡ ଜଳପ୍ରପାତ। ଦୀର୍ଘବର୍ଷ ଧରି ଲୋକଲୋଚନ ଆଢୁଆଳରେ ରହିଥିବା ଏହି ପୁରାତନ ସ୍ଥଳୀ ଗଣମାଧ୍ୟମ ଓ ସମାଜସେବୀଙ୍କ ଉଦ୍ୟମରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଦଶନ୍ଧିଏ ତଳେ ଏଠାରେ ସାମାନ୍ୟ ବସିବା ସେଡ୍ ଓ ପାହାଚ ନିର୍ମାଣ ହୋଇଥିବାବେଳେ ଏବେ ସରକାରୀ ଅନୁଦାନରେ ଗାଡ଼ି ପାର୍କିଂ ଓ ଟିକେଟ୍ କାଉଣ୍ଟର ଆଦି ଭିତ୍ତିଭୂମି ଗଢ଼ିଉଠୁଛି। ଏହି ଜଳପ୍ରପାତକୁ ଏକ ପବିତ୍ର ଦେବପୀଠ ଭାବେ ମଧ୍ୟ ଗ୍ରହଣ କରାଯାଏ। ଏହାର ଗଣ୍ଡ ମଧ୍ୟରେ ଅସଂଖ୍ୟ ଛୋଟବଡ଼ ମାଛ ରହିଛନ୍ତି। ପ୍ରଳୟଙ୍କରୀ ବନ୍ୟା ଆସିଲେ ମଧ୍ୟ ଏହି ମାଛମାନେ ଗଣ୍ଡ ଛାଡ଼ି ଯାଆନ୍ତିନାହିଁ। ସ୍ୱଚ୍ଛ ଜଳରାଶିରେ ମାଛଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ବିଶେଷ ଆକର୍ଷିତ କରିଥାଏ। ଏଠାରୁ ଫେରିବା ବାଟରେ ବାରିବେଢ଼ା ଦେଇ ପାହାଡ଼ ମଝିରେ ଥିବା 'ଆଖା ପ୍ଲାନ' ପଥର ଶୃଙ୍ଗ ଓ ଲେଦାମ ବନ୍ଧ ହିଡ଼ରୁ ଅସ୍ତଗାମୀ ସୂର୍ଯ୍ୟଙ୍କ ଦୃଶ୍ୟ ପର୍ଯ୍ୟଟନର ଅନ୍ୟତମ ଆକର୍ଷଣ। ନଭେମ୍ବରରୁ ମାର୍ଚ୍ଚ (ଶିବରାତ୍ରି) ପର୍ଯ୍ୟନ୍ତ ଏଠାରେ ପ୍ରବଳ ଭିଡ଼ ଲାଗୁଥିବାବେଳେ ଡିସେମ୍ବର ୨୫ରେ ଲକ୍ଷାଧିକ ଲୋକ ବଣଭୋଜି ପାଇଁ ଏକତ୍ରିତ ହୁଅନ୍ତି। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ସୁଦ୍ଧା ଏଠାକୁ ସଂଯୋଗ କରୁଥିବା ମୁଖ୍ୟ ପିଚୁ ରାସ୍ତା ଦିନକୁ ଦିନ ଖାଲଖମାରେ ଭରି ଦୟନୀୟ ହୋଇପଡ଼ିଛି। ଘାଟି ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା ନ ଥିବାରୁ ସଞ୍ଜ ନଇଁଲେ ଅନ୍ଧାର ଘୋଟିଯାଉଛି। ଏପରିକି ପର୍ଯ୍ୟଟନ ସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳର କୌଣସି ସୁବିଧା ନାହିଁ। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ଜିଲ୍ଲା ପ୍ରଶାସନ ତୁରନ୍ତ ରାସ୍ତା ମରାମତି କରିବା ସହ ଆଲୋକ ଓ ପାନୀୟଜଳର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସ୍ଥାନୀୟ ବୁଦ୍ଧିଜୀବୀ

ଗଜଲକ୍ଷ୍ମୀ ପୂଜାକୁ ନେଇ ଚଳଚଞ୍ଚଳ ବାରିପଦା

ବାରିପଦା, ୨୫ ।୧୦(ସମିସ): ଧନଦାତ୍ରୀ ମା' ଲକ୍ଷ୍ମୀ ଧରାବତରଣ କରିଥିବାବେଳେ ଗଜଲକ୍ଷ୍ମୀ ପୂଜାକୁ ନେଇ ବାରିପଦା ସହର ଚଳଚଞ୍ଚଳ ହୋଇଛି। ବାରିପଦା ସହର ଓ ଆଖପାଖରେ ୨୫ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା'ଙ୍କ ପୂଜା ହୋଇଛି। ସହର ସାରା ଗଜଲକ୍ଷ୍ମୀ ପୂଜାର ମହକ ଖେଳିଯାଇଛି। ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ପୁରା ସହର ଝଲସି ଉଠିଛି। ବାରିପଦା ସହର ଷ୍ଟିଲ ଗୋଲେଇ ଛକ, ରାତି ପରିବା ମାର୍କେଟ, ବଡ଼ବଜାର, କଲେଜ ଛକ, ପୁରୁଣାହାଟ ସାହି, ସହିଦ ପଡ଼ିଆ, ଓଡ଼ିଆ ପଡ଼ିଆ, ପାଲବଣି, ଷ୍ଟେସନ ବଜାର, ପାଲବଣି, ଦାରଗାଡାହି, ରଘୁନାଥପୁର, ତକତପୁର, ମୁର୍ଗାବାଡି ସମେତ ବିଭିନ୍ନ ସ୍ଥାନରେ ମଧ୍ୟ ମଣ୍ଡପ ପୂଜା ଅନୁଷ୍ଠିତ ହେଉଛି। ମା' ଗଜଲକ୍ଷ୍ମୀଙ୍କୁ ଆବାହନ ପାଇଁ ରବିବାର ଘଟ ସ୍ଥାପନ ପରେ ସନ୍ଧ୍ୟାରୁ ସହରଠୁ ପଲ୍ଲୀ ପର୍ଯ୍ୟନ୍ତ ପୂଜା ମଣ୍ଡପ ଚଳଚଞ୍ଚଳ ରହିଛି। ମଣ୍ଡପରେ ବେଦମନ୍ତ୍ର ଉଚ୍ଚାରଣରେ ସ୍ୱତନ୍ତ୍ର ଓ ଭବ୍ୟ ଆୟୋଜନରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଛନ୍ତି। ତେବେ ଶୃଙ୍ଖଳା ମଧ୍ୟରେ ପୂଜା କରିବା ପାଇଁ ପ୍ରତି ମଣ୍ଡପରେ ପୁଲିସ ମୁତୟନ କରାଯାଇଛି।

ରୋଟାରୀ କ୍ଲବ ପକ୍ଷରୁ 'ପୋଲିଓମୁକ୍ତ ବିଶ୍ୱ' ସଚେତନତା କାର୍ ରାଲି

ବାରିପଦା, ୨୫ ।୧୦ (ସକାଳ): ବିଶ୍ୱ ପୋଲିଓ ଦିବସ ଉପଲକ୍ଷେ ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ "ପୋଲିଓମୁକ୍ତ ବିଶ୍ୱ' ବାର୍ତ୍ତା ନେଇ ଏକ ବିଶାଳ ସଚେତନତା କାର୍ ରାଲି ଅନୁଷ୍ଠିତ ହୋଇଯାଇଛି। ବ୍ୟାନର, ପୋଷ୍ଟର ଓ ସଚେତନଧର୍ମୀ ସ୍ଲୋଗାନ ସମ୍ବଳିତ ୧୫ଟି କାର୍ ଯୋଗେ ରୋଟାରିଆନମାନେ ସମଗ୍ର ସହରର ମୁଖ୍ୟ ରାସ୍ତା ପରିକ୍ରମା କରିଥିଲେ। ଏ ଅବସରରେ ୧ରୁ ୫ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ନିୟମିତ ବ୍ୟବଧାନରେ "ଦୁଇ ବୁନ୍ଦା' ପୋଲିଓ ଖୁଆଇବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ରାଷ୍ଟ୍ରର ସରକାରଙ୍କ ସହଯୋଗରେ ରୋଟାରୀ ଇଣ୍ଟରନ୍ୟାସନାଲର ନିରବଚ୍ଛିନ୍ନ ପ୍ରୟାସ ଫଳରେ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶ ପୋଲିଓମୁକ୍ତ ହୋଇପାରିଛି। ତଥାପି କିଛି ପଡ଼ୋଶୀ ରାଷ୍ଟ୍ରରେ ଏବେ ମଧ୍ୟ ଏହି ରୋଗର ପ୍ରକୋପ ଥିବାରୁ ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ସତର୍କ ରହିବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।
ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ସନ୍ଦୀପ କୁମାର ଚାନ୍ଦଙ୍କ ସମେତ ବରିଷ୍ଠ ସଦସ୍ୟ ବିଭୁପ୍ରସାଦ ଦାସ, ନିରୋଜ ପଣ୍ଡା, ଅରୁଣ କୁମାର ଦାଶ, ମୋହନ ବର୍ଣ୍ଣୱାଲ, ଗଣେଶ ଦାସ, ଶ୍ୟାମଳ ପଟ୍ଟନାୟକ, ବୀଣାପାଣି ଦାଶ, ଧରିତ୍ରୀ ପ୍ରହରାଜ, କମଳ ଖଣ୍ଡେଲୱାଲ, ମହେନ୍ଦ୍ର ରାବତ ଓ ବାରିପଦା ମୟୂର ରୋଟ୍ରାକ୍ଟ କ୍ଲବର ପ୍ରତୀକ କୁମାର କର, ପ୍ରଭାସ କୁମାର ଦାସ ଓ ରୂପମ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ରାଲି ପରିଚାଳନାରେ ସହଯୋଗ କରିଥିଲେ।

ସଦ୍‌ଗୁରୁ ଯୋଗେଶ୍ୱର ଶିବମୁନିଙ୍କ ସ୍ମୃତି ଜୟନ୍ତୀ ଓ ପରିଷଦର ପ୍ରତିଷ୍ଠା ଦିବସ

ବାରିପଦା, ୨୫ ।୧୦(ସମିସ): ସ୍ଥାନୀୟ ଭଞ୍ଜପୁର (ଟାଙ୍କିସାହି)ସ୍ଥ ଶିବମୁନି କେନ୍ଦ୍ର ଯୋଗାଶ୍ରମ ପରିସରରେ ପରମ ବ୍ରହ୍ମାନନ୍ଦ ଯୋଗ ଅନ୍ତର୍ଗୁଣା ମାର୍ଗର ପ୍ରଣେତା ପରମ ପୂଜ୍ୟ ସଦ୍‌ଗୁରୁ ଯୋଗେଶ୍ୱର ଶିବମୁନିଙ୍କ ୧୦୩ ତମ ସ୍ମୃତି ସ୍ମାରକୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିସହିତ ଅଖଣ୍ଡ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି କଲ୍ୟାଣ ପରିଷଦ (ମୁନିଋଷି ସମାଜ)ର ୩୯ ତମ ପ୍ରତିଷ୍ଠା ଦିବସ ମଧ୍ୟ ଆସନ୍ତାକାଲି ଅର୍ଥାତ୍ ସୋମବାର ମହାସମାରୋହରେ ପାଳିତ ହେବ। ଆଶ୍ରମ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ ଘଟିକାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାବେଶ ଅନୁଷ୍ଠିତ ହେବ। ଏହାପରେ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ପବିତ୍ର ଧ୍ୱଜା ଉତ୍ତୋଳନ, ସ୍ମୃତି ତର୍ପଣ, ବ୍ରହ୍ମାନନ୍ଦ ଭକ୍ତିପୂତ ପୁଷ୍ପାଞ୍ଜଳି ଅର୍ପଣ ଓ ଶାନ୍ତିପାଠ ପରେ ସତସଙ୍ଗ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨ଟା ୩୦ ମିନିଟରେ ପ୍ରସାଦ ସେବନ କରାଯିବ। ସେହିପରି ପରଦିନ ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକାରେ ଯୋଗ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମକୁ ପରିଷଦର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ସୁରେଶ ମୁନି ଓ ମହାସଚିବ ଯୋଗାଚାର୍ଯ୍ୟ ଅଜୟ ମୁନିଙ୍କ ସମେତ ସହ ମହାସଚିବ ଯୋଗୀ ତ୍ରିଲୋଚନ ମୁନି, ସଚିବ ଯୋଗୀ ଗଙ୍ଗାଧର ମୁନି, ଯୋଗୀ ସପନ ମୁନି ଓ ବ୍ରହ୍ମବିତ୍ ସଂଘାତଜ୍ଞ ଯୋଗୀ ନେପାଳ ମୁନି ପ୍ରମୁଖ ପରିଚାଳନା କରୁଛନ୍ତି। ଏହି ଜ୍ଞାନଯଜ୍ଞ ତଥା ଜୟନ୍ତୀ ମହୋତ୍ସବରେ ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଯୋଗଦେବାକୁ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି।

- ଗୋପବନ୍ଧୁ ଭବନରେ ମାସିକ ସନ୍ଥ ଦିବସ ପାଳିତ

ବୁଦ୍ଧ ଜୟନ୍ତୀକୁ ବାର୍ଷିକ ସନ୍ଥ ଦିବସ ଭାବେ ପାଳନ ଦାବି

ବାରିପଦା, ୨୫ ।୧୦(ସମିସ): ତପୋଭୂମି ଭାରତବର୍ଷର ନାମ ଅତୀତରେ ଅଜନାଭ, ହିମବର୍ଷ, ଜମ୍ବୁଦ୍ୱୀପ ଓ ଆର୍ଯ୍ୟାବର୍ତ୍ତ ଥିଲା। ଯାହା ମୁନିଋଷି ତଥା ସିଦ୍ଧ ସନ୍ଥଙ୍କ ପ୍ରଭାବ ପାଇଁ ପରିଚିତ। ସେମାନଙ୍କ ତ୍ୟାଗରୁ ମୁହଁ ନ ଫେରାଇ ଦେଶରେ ବହୁ ଦିବସ ପାଳନ ହେଉଥିବାବେଳେ ବୁଦ୍ଧ ଜୟନ୍ତୀକୁ ବାର୍ଷିକ ସନ୍ଥ ଦିବସ ରୂପେ ପାଳନ କରାଯିବାକୁ ସଦ୍‌ଭାବନା ସମିତି ରାଷ୍ଟ୍ରପତିଙ୍କ ନିକଟରେ ଦାବି କରିଛି। ସାମାଜିକ ବିଷାଦ ବିରୋଧୀ ଆନ୍ଦୋଳନର ପ୍ରମୁଖ ସଂଗଠନ ସଦ୍‌ଭାବନା ସମିତି ଆନୁକୂଲ୍ୟରେ ୫୬୮ ତମ ମାସିକ ସନ୍ଥ ଦିବସ ପୂର୍ଣ୍ଣିମା ତିଥିରେ ସ୍ଥାନୀୟ ଗୋପବନ୍ଧୁ ଭବନରେ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏ ମାସରେ ଭୂମିଷ୍ଠ ମହର୍ଷି ବାଲ୍ମୀକି, ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ ସହ ସମିତି ଦ୍ୱାରା ସ୍ଥାପିତ ଓଁକାର ପ୍ରତୀକଠାରେ ପବିତ୍ର ଗୀତା, ବାଇବେଲ୍ ଓ କୋରାନ ପୂଜନ କରାଯାଇଥିଲା। ଏ ମାସରେ "ପାପ ପୁଣ୍ୟର ହିସାବ ଖାତା ନିଜ ପାଖରେ' ପ୍ରସଙ୍ଗ ରଖାଯାଇଥିଲା। ସମିତିର ପ୍ରତିଷ୍ଠାତା ମାନବ ଧର୍ମର ମାନ୍ତ୍ରିକ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ କହିଥିଲେ, ଲକ୍ଷେ ଜନମର ତପସ୍ୟା ଥିଲେ ବେରୋଜଗାରୀଙ୍କୁ ଦାନା କନା ଯୋଗାଇ ଦେଇ ମହିମ୍ନ ଅନ୍ନଦାତା ହେବାର ଯୋଗ୍ୟତା ଆସେ ଓ ଏହା କେବଳ ଭୂମିରେ ଭୂମାମାନଙ୍କ ଦ୍ୱାରା ସମ୍ଭବ। ସେବକ ଶୋଷକ ନୁହେଁ, ବରଂ "ଯେ କର୍ମ ଘେନି ଧନ୍ୟ ସେ ଧନୀ' ବକ୍ତବ୍ୟ ସ୍ଥାନ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିଚିତ୍ରାନନ୍ଦ ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବର୍ଷିୟାନ ସାମ୍ବାଦିକ ଡ ବିଜୟ କୁମାର ଅଗ୍ରୱାଲା, ନନ୍ଦ କୁମାର ମହାପାତ୍ର, ଡ ଶଶୀଧର ବିଶ୍ୱାଳ, ପ୍ରାଧ୍ୟାପକ ସୁନୀଲ କୁମାର ଜେନା, ରାଜେନ୍ଦ୍ର କୁମାର ସାମଲ, କୈବଲ୍ୟ ପ୍ରସାଦ ମହାପାତ୍ର ଓ ଏସ କେ ନିଜାମ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସତ୍ୟାନନ୍ଦ ସେଜପଡା ଧନ୍ୟବାଦ ଅର୍ପଣ କରିଥିଲେ।

'ଯେ କର୍ମ ଘେନି ଧନ୍ୟ ସେ ଧନୀ'

ଜଙ୍ଗଲରୁ କବିରାଜଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୨୫ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ କବିରାଜଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଗୋରୁମହିଷାଣୀ ଥାନା ତାଣ୍ଡିପାଣି ଗ୍ରାମର ସ୍ୱର୍ଗତ ବୁଧୁ ପିଙ୍ଗୁଆଙ୍କ ପୁଅ ରାମେଶ୍ୱର ପିଙ୍ଗୁଆ (୪୫)। ଗତକାଲି ରାତିରେ ବିଜାତଳା ବ୍ଲକ ଅନ୍ତର୍ଗତ ଖେଜୁରୀ ଓ କାକୁଡ଼ିରୁମା ଜଙ୍ଗଲ ମଧ୍ୟବର୍ତ୍ତୀ ଅଞ୍ଚଳରେ ରାମେଶ୍ୱରଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଆଜି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗୋରୁମହିଷାଣୀ ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡର ସୁରାକ ଖୋଜିବା ପାଇଁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ତେବେ କେଉଁ କାରଣରୁ ଓ କେଉଁମାନେ ଏହି ହତ୍ୟାକାଣ୍ଡ ଭିଆଇଛନ୍ତି, ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ଏ ନେଇ ଗୋରୁମହିଷାଣୀ ଥାନାରେ ୧୨୩/୨୬ରେ ଏକ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

ପୁଅ ବିରୋଧରେ ବାପା ଥାନାର ଦ୍ୱାରସ୍ଥ

କୁଆମରା,୨୫ ।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ସାଇଁକୁଳା ଗ୍ରାମର ଏକ ପରିବାରର ପୁଅର ଅକଥନୀୟ ନିର୍ଯାତନା ସହି ନ ପାରି ବାପା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନିରଞ୍ଜନ ମହାପାତ୍ର ନାମକ ଜଣେ ବ୍ୟକ୍ତି ସର୍ବଦା ନିଶାଶକ୍ତ ହୋଇ ଘରକୁ ଫେରନ୍ତି। ଘରେ ସ୍ତ୍ରୀ ଓ ପରିବାରର ଅନ୍ୟମାନଙ୍କ ସହ ଝଗଡା ଓ ଗାଲିଗୁଲଜ କରିବା ନିତିଦିନିଆ ଘଟଣା ବୋଲି ଅଭିଯୋଗରେ ବାପା ଦର୍ଶାଇଛନ୍ତି। ଏଥିପାଇଁ ଦୀର୍ଘଦିନ ଧରି ପାରିବାରିକ ଅଶାନ୍ତି ଲାଗି ରହିଥିବାବେଳେ ଦୁଇଦିନ ତଳେ ନିରଞ୍ଜନ ନିଶାଶକ୍ତ ଅବସ୍ଥାରେ ପହଞ୍ଚି ଘରେ ଥିବା ଏକ ବାଇକ୍‌କୁ ପିଟି ଭାଙ୍ଗି ଦେବା ସହ ବିଭିନ୍ନ ଜିନିଷ ପତ୍ର ନଷ୍ଟ କରିଥିଲେ। ଏ ନେଇ ବାପା କ୍ଷେତ୍ରବାସୀ ମହାପାତ୍ରଙ୍କ ଅଭିଯୋଗକ୍ରମେ ୨୭୭/୨୬ରେ ଏକ ମାମଲା ରୁଜୁ କରି କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି।

ସାନ୍ତାଳ ସାମାଜିକ ସ୍ୱଶାସନ ବ୍ୟବସ୍ଥା ସମ୍ପର୍କିତ ସଚେତନତା ବୈଠକ

ପେସା ଆଇନ ଓ ସାରନା ଧର୍ମ କୋଡ୍ ଲାଗୁ ଦାବି

ବାରିପଦା, ୨୫ ।୧୦(ସମିସ): ଶ୍ୟାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ଭାରତ ଜାକାତ ମାଝୀ ପାର୍ଗାନା ମହଲ (ଓଡ଼ିଶା ଶାଖା) ଆନୁକୂଲ୍ୟରେ ସାନ୍ତାଳ ସାମାଜିକ ସ୍ୱଶାସନ ବ୍ୟବସ୍ଥା ସମ୍ପର୍କିତ ଏକ ବ୍ଲକସ୍ତରୀୟ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାଝୀ ବାବା ଓ ନାୟକେ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସାନ୍ତାଳ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ପ୍ରାରମ୍ଭରେ ଅମର ଶହୀଦ ବୀର ତିଲକା ମାଝୀ ଓ ଅଲଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ପନତ ପାର୍ଗାନା ବାବା ମାନତାନ ବାଲକରାମ ବାସ୍କେ, ହନତ ପାର୍ଗାନା ବାବା ମାନତାନ ସୁନ୍ଦରମୋହନ ସୋରେନ, ସୂର୍ଯ୍ୟାନନ୍ଦ ସୋରେନ, ରମେଶ ହାଁସଦା ଓ ମଦନମୋହନ ଟୁଡୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ଓ ପାରମ୍ପରିକ ସ୍ୱଶାସନ ବ୍ୟବସ୍ଥାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସାନ୍ତାଳୀ ଭାଷାରେ ପ୍ରାଥମିକ ଶିକ୍ଷାଦାନ, ୨୦ରୁ ଊର୍ଦ୍ଧ୍ୱ ସାନ୍ତାଳୀ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟ ପାଠ୍ୟଖସଡ଼ାରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ଗୌରବମୟ ଜୀବନୀ ସ୍ଥାନିତ କରିବା ପାଇଁ ବୈଠକରେ ଦାବି ଉଠିଥିଲା। ଏଥିସହ ପେସା ଆଇନ-୧୯୯୬ ଅନୁଯାୟୀ ରାଜ୍ୟରେ ଯଥାଶୀଘ୍ର ନିୟମାବଳୀ ପ୍ରଣୟନ, ପାରମ୍ପରିକ ମାଝୀ ବାବା ଓ ନାୟକେ ବାବାଙ୍କୁ ସରକାରୀ ସ୍ୱୀକୃତି, ଗ୍ରାମସଭାକୁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ, ଜଙ୍ଗଲ ଅଧିକାର ଆଇନ ବଳରେ ବଳକା ଜମି ପଟ୍ଟା ବଣ୍ଟନ ଓ ଆଗାମୀ ଜନଗଣନାରେ ସାରନା ଧର୍ମ କୋଡ୍ ସାମିଲ କରିବା ପାଇଁ ସର୍ବସମ୍ମତିକ୍ରମେ ସ୍ୱର ଉତ୍ତୋଳନ କରାଯାଇଥିଲା। ଏହି ସମାବେଶରେ କେନ୍ଦୁଆ ଓ ଗୁଣ୍ଡିହୁଡି ପିଳର ପଞ୍ଚାୟତସ୍ତରୀୟ ନୂତନ କମିଟି ଗଠନ କରାଯାଇଥିଲା। ସମାଜସେବୀ ବାଗାୟ ହାଁସଦା, ସୁବାସ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶ୍ୟାମସୁନ୍ଦର ବାସ୍କେ ଧନ୍ୟବାଦ ଅର୍ପଣ କରିଥିଲେ।

ଛେଳି ଚୋରି ଅଭିଯୋଗ

ଦୁଇ ଯୁବକଙ୍କୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

ବୈଶିଙ୍ଗା, ୨୫ ।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ନାଖରା ଗ୍ରାମରେ ଛେଳି ଚୋରି ଅଭିଯୋଗ ହୋଇଛି। ଗ୍ରାମର ଆରତୀ ଜେନାଙ୍କ ଗୁହାଳରୁ ୬ଟି ଛେଳି ଚୋରି ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏ ଘଟଣାରେ ଦୁଇଜଣ ଯୁବକଙ୍କୁ ଧରି ପୁଲିସ ଜିମା ଦିଆଯାଇଥିବାବେଳେ ଗୋଟିଏ ଛେଳିକୁ ଉଦ୍ଧାର କରାଯାଇଛି। ଆରତୀ ରାତିରେ ନିୟମିତ ଭାବେ ଉଠି ଗୁହାଳରେ ଛେଳି ଯାଞ୍ଚ କରୁଥିଲେ। ଗତକାଲି ରାତି ପ୍ରାୟ ୨ଟା ସମୟରେ ସେ ଉଠି ଗୁହାଳକୁ ଯାଇ ଦେଖିବା ବେଳକୁ ୬ଟି ଛେଳି ନ ଥିବା ଜାଣିବାକୁ ପାଇଥିଲେ। ପରେ ଖୋଜାଖୋଜି କରିବା ସମୟରେ ଏକ ଧଳା ରଙ୍ଗର ହୋଣ୍ଡା ଆମେଜ୍ ଓ ଏକ ଟାଟା ମିଣ୍ଟ୍ରା ଗାଡ଼ି ସମ୍ପର୍କରେ ସୂଚନା ମିଳିଥିଲା। ହୋଣ୍ଡା ଆମେଜ୍ ଗାଡ଼ିରୁ ଛେଳି ମଳ ମିଳିଥିବାବେଳେ ଗୋଟିଏ ଛେଳିକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ରେମୁଣା ଥାନା ଅଞ୍ଚଳର ଦୁଇ ଯୁବକ ଶେଖ୍ ଆଲ୍ଲାଉଦ୍ଦିନ ଓ ତାସିମ ଖାନ୍‌ଙ୍କୁ ଧରି ପୁଲିସ ଜିମା ଦିଆଯାଇଛି। ଅନ୍ୟପକ୍ଷରେ ଆରତୀ ଜେନାଙ୍କ ଲିଖିତ ଅଭିଯୋଗ ପରେ ବୈଶିଙ୍ଗା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅନ୍ୟ ଛେଳିର ସନ୍ଧାନ ଓ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଛି।

ରାଜରାସ୍ତାରେ ଧୂଳିର ଆସ୍ତରଣ, ଜନଜୀବନ ଅସ୍ତବ୍ୟସ୍ତ

ବିଶୋଇ,୨୫ ।୧୦ (ସମିସ):

- ଘାଟି ରାସ୍ତାଠାରୁ ବଳିଗଲା ଖଡ଼ମବେଡା ରାସ୍ତାର ଦୁଃଖ
- ପଥର ଗୁଣ୍ଡ ପକାଇ କରାଯାଉଛି ପ୍ୟାଚ୍

ମୟୂରଭଞ୍ଜ ଜିଲ୍ଲା ବିଶୋଇ ଦେଇଯାଇଥିବା ୪୯ନଂ ଜାତୀୟ ରାଜପଥର ଖଡ଼ମବେଡା-ଡାକଚୋଟି ଓ ନୂଆଗାଁ ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଏହି ରାସ୍ତାର ପ୍ରଶସ୍ତୀକରଣ କାମ ମନ୍ଥର ଗତିରେ ଚାଲିଥିବାବେଳେ ଧନଜୀବନକୁ ପ୍ରଭାବିତ ହେବାକୁ ପଡୁଛି। ରାସ୍ତାରେ ବଡ଼ ବଡ଼ ଖାଲ ସହିତ ପୁଣି ଧୂଳି ଧୂସର ଆଚ୍ଛାଦିତ ରାସ୍ତା ଲୋକଙ୍କୁ ଏକପ୍ରକାର ଅଣନିଶ୍ୱାସୀ କରୁଛି।
ବିଶୋଇ ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥରେ ପ୍ରଶସ୍ତୀକରଣ କାମ ସମାପ୍ତ ହୋଇଥିବାବେଳେ ଏହି ରାଜପଥର ଖଡ଼ମବେଡା ପଞ୍ଚାୟତ ଅଫିସ କାର୍ଯ୍ୟାଳୟରୁ ଡାକଚୋଟି ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ଓ ନୂଆଗାଁଠାରେ ହାତୀ ଗଳା ପୋଲ ପାଇଁ ରାସ୍ତା ପ୍ରଶସ୍ତୀକରଣ କାମ ସ୍ଥଗିତ ଥିଲା। ଏହି ଦୁଇ ସ୍ଥାନର ଅଣଓସାରିଆ ରାସ୍ତାର ଅବସ୍ଥା ଶୋଚନୀୟ ଯୋଗୁଁ ପୂର୍ବରୁ ଅନେକ ସମୟରେ ଦୁର୍ଘଟଣା ଘଟି ଅନେକ ନିରୀହ ଜୀବନ ମଧ୍ୟ ଚାଲିଯିବା ଦେଖିବାକୁ ମିଳିଛି। ବିଗତ ୨ ବର୍ଷ ପୂର୍ବରୁ ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇ ରାସ୍ତାର ଗୋଟିଏ ପାଶ୍ୱର୍ ଖୋଳା ଯାଇ ମାଟି ପକାଯାଇଛି। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ନେଇ ପ୍ରଥମେ ସ୍ଥାନୀୟ ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲା। ମାତ୍ର ଏହି ରାସ୍ତା ପ୍ରଶସ୍ତୀକରଣ ଆରମ୍ଭର କିଛି ମାସ କ୍ଷିପ୍ର ଗତିରେ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାସ୍ତା ନିର୍ମାଣର ସମ୍ପୃକ୍ତ ଠିକା ସଂସ୍ଥା ରାସ୍ତା ନିର୍ମାଣ କରୁଛନ୍ତି ସତ, କିନ୍ତୁ ଯାନବାହନ ଯାତାୟତ କରୁଥିବା ବିକଳ୍ପ ରାସ୍ତାର ମରାମତିକୁ ଦୃଷ୍ଟି ଦେଉନାହାନ୍ତି। ରାସ୍ତାରେ ବଡ଼ ବଡ଼ ଖାଲ ସାଙ୍ଗକୁ ମାଟି ପକାଯାଇଥିବା ହେତୁ ଦୈନିକ ଶତାଧିକ ଯାନ ଚଳାଚଳ ଯୋଗୁଁ ରାସ୍ତା ୨୪ ଘଣ୍ଟା ଧୂଳି ଧୂଆଁରେ ଆଚ୍ଛାଦିତ ହୋଇରହୁଛି। ଏମିତିକି ଉକ୍ତ ଦୁଇ ସ୍ଥାନରେ ଗାଡ଼ି ଫଶି ରହି ଘଣ୍ଟା ଘଣ୍ଟା ଜାମ ଲାଗି ରହୁଛି। ଫଳରେ ଏହି ରାସ୍ତା ଦେଇ ଯାତ୍ରା କରୁଥିବା ଗାଡ଼ି ଚାଳକ ସମେତ ବସ୍ ଯାତ୍ରୀ, ବାଇକ ଆରୋହୀ ହଇରାଣ ହେଉଛନ୍ତି। ରାସ୍ତା ଧୂଳିରେ ପରିପୂର୍ଣ୍ଣ ହେବା କାରଣରୁ ଉକ୍ତ ରାସ୍ତା କଡ଼ରେ ଅବସ୍ଥିତ ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ମୁଖ୍ୟତଃ ଏକ ପ୍ରାଥମିକ ବିଦ୍ୟାଳୟ ଉକ୍ତ ରାସ୍ତା କଡ଼ରେ ଥିବା ହେତୁ ବିଦ୍ୟାଳୟର ଶିଶୁ ଧୂଳି ଧୂଆଁ ପ୍ରଦୂଷଣରେ ପ୍ରଭାବିତ ହେଉଛନ୍ତି। ସେହିପରି ଖଡ଼ମବେଡା ପଞ୍ଚାୟତ କାର୍ଯ୍ୟାଳୟ ଏହି ରାସ୍ତା କଡ଼ରେ ଥିବାହେତୁ ସବୁ ସମୟରେ ଧୂଳି ଧୂସର ଯୋଗୁଁ ଉକ୍ତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଶତାଧିକ ପଞ୍ଚାୟତବାସୀ ପ୍ରଭାବିତ ହେଉଛନ୍ତି। ସେହିପରି ରାସ୍ତା କଡ଼ରେ ଅନେକ ଆଦିବାସୀ ଲୋକଙ୍କ ଚାଷ ଜମି ଥିବା ହେତୁ ଧୂଳିରେ ଚାଷ ମଧ୍ୟ ନଷ୍ଟ ହେଉଛି। ପ୍ରଦୂଷଣମୁକ୍ତ ଧନଜୀବନ ସହିତ ପ୍ରଦୂଷଣରୁ ପ୍ରଭାବରୁ ସତର୍କତା ଅବଲମ୍ବନ ପାଇଁ ସମ୍ବିଧାନ ଧାରା-୧୮ରେ କଠୋର ନିୟମ ଥିବାବେଳେ ଏହି ସ୍ଥାନରେ ବିଭାଗୀୟ କର୍ତ୍ତୃପକ୍ଷ ଉଲ୍ଲଂଘନ କରୁଛି ବୋଲି ଇଂ ରାମଚନ୍ଦ୍ର ହାଁସଦା ପୂର୍ବରୁ ଜାତୀୟ ରାଜପଥର ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରିବା ସହିତ ସ୍ଥାନୀୟ ଜନପ୍ରତିନିଧି ଏ ନେଇ ବ୍ଲକ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଥିଲେ। ୮ ମାସ ପୂର୍ବରୁ ଖଡ଼ମବେଡା-ଡାକଚୋଟୀ ରାସ୍ତାରେ ପିଚୁ ପକାଇ ରାସ୍ତା ମଧ୍ୟ ନିର୍ମାଣ କରାଯାଇଥିଲା। ମାତ୍ର ଅତ୍ୟଧିକ ଯାନବାହନ ଯାତାୟାତ ହୋଇ ଏହି ରାସ୍ତାର ପିଚୁ ମଧ୍ୟ ଉଠିସାରି ରାସ୍ତାର ଅବସ୍ଥା ବେହାଲ ହୋଇସାରିଲାଣି। ଏହି ରାସ୍ତାର ମରାମତି ନାମରେ ରାସ୍ତାର ଖାଲୁଆ ସ୍ଥାନରେ ଲୁହାପଥର ଗୁଣ୍ଡ ମାଟି ପ୍ୟାଚ ପକାଯାଉଛି। ମାତ୍ର ପରବର୍ତ୍ତୀ ସମୟରେ ଏହି ମାଟି ପ୍ୟାଚ୍ ଉପରେ ଗାଡ଼ି ଚଳାଚଳ ହେଲେ ଧୂଳି ଧୂଆଁ ଯୋଗିଁ ସାଧାରଣ ଲୋକଙ୍କୁ ଅଣନିଶ୍ୱାସୀ ହେବାକୁ ପଡୁଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ଏନଏଚଆଇ ପିଡ଼ି ସମେତ ଜିଲ୍ଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସାଂସଦ ଓ ସାରସକଣା ବିଧାୟକଙ୍କୁ ପୂର୍ବରୁ ଉକ୍ତ ଦାବିପତ୍ର ପ୍ରେରଣ କରାଯାଇଛି। ଆଗାମୀ ଦିନରେ ଏଥିପ୍ରତି ପ୍ରଶାସନ ଓ ଜନପ୍ରତିନିଧି ଦୃଷ୍ଟି ନ ଦେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ଜଳେଶ୍ୱରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ଜଳେଶ୍ୱର,୨୬।୧୦(ସମିସ):

ଉତ୍ତର ବାଲେଶ୍ୱରର ସୀମାନ୍ତ ଜଳେଶ୍ୱର ବ୍ଲକରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପଶ୍ଚିମବଙ୍ଗରୁ ଅପରାଧୀ ମାନଙ୍କ ଚଳପ୍ରଚଳ ସୁଗମ ରହିଥିବା ବେଳେ ଶାନ୍ତ ସରଳ ଜଳେଶ୍ୱର ଅଞ୍ଚଳ ଅପରାଧିଙ୍କ ଭୂସ୍ୱର୍ଗ ପାଲଟିଛି। ଲୁଘ ଖଣିଜ ଦ୍ରବ୍ୟ ବେଆଇନ୍ ଉତ୍ତୋଳନ, ଚୋରା ଚାଲାଣ ଉପରେ ପ୍ରଶାସନ ଲଗାମ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଜଣେ ସମାଜସେବୀଙ୍କ ଗଳା କାଟି ତାର ମୂଲ୍ୟ ଦେବାକୁ ପଡ଼ିଛି। ଗତବର୍ଷ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଅଭିଭାବକଙ୍କ ଅନୁପସ୍ଥିତିରେ ପଡ଼ୋଶୀ ଦୁଷ୍କର୍ମ କରିଥିବା ବେଳେ ତାହା ଜଳେଶ୍ୱର କୁ ଲଜ୍ଜିତ କରିଥିଲା। ପୀଡ଼ିତ ପରିବାର ବାରଦୁଆର ବୁଲି ବୁଲି ନ୍ୟାୟ ମାଗୁଥିଲେ ବେଳେ ଅଭିଯୁକ୍ତ ନିର୍ଭୟରେ ବିଚରଣ କରୁଛି। ସେହି ଭଳି ଲକ୍ଷ୍ମଣନାଥ କୋର୍ଟର ଯୁବ ଆଇନଜୀବୀଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାରେ ଜଳେଶ୍ୱର ନିନ୍ଦିତ ହୋଇଛି। ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ଧମକ ଚମକ୍ ଦିଆଯାଉଛି। ପଶ୍ଚିମବାର୍ଡ ଗାଁର ଜଣେ ପ୍ରବାସୀ ଯୁବକକୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇ ନାହାଁନ୍ତି। ବ୍ରାଉନ ସୁଗର ର ହବ୍ ପାଇଁ ଜଳେଶ୍ୱର ଅପଖ୍ୟାତି ମୁଣ୍ଡାଇଥିବା ବେଳେ ନାମକୁ ମାତ୍ର ଖୁଚୁରା ବ୍ୟବସାୟୀଙ୍କୁ ଗିରଫ କରାଯାଉଛି। ସମସ୍ତ ପଞ୍ଚାୟତ ରେ ୨/୩ଟି ମଦ ଭାଟି ରହିଥିବା ବେଳେ ଅବକାରୀ ବିଭାଗ କେସ କରି ଦାୟିତ୍ୱ ସାରି ଦେଉଛନ୍ତି। ଅପମିଶ୍ରିତ ଏବଂ ବିଷାକ୍ତ ମଦ ବ୍ୟବସାୟ, ଯୋଗୁଁ ଲୋକେ ତଳି ତଳାନ୍ତ ହେଲେଣି। ଭୋଗରାଇ ର ଓରାଙ୍ଗ ଓଟାଙ୍ଗ୍ ଉଦ୍ଧାର ପ୍ରସଙ୍ଗ ରେ ଆନ୍ତର୍ଜାତିୟ ଲିଙ୍କ୍ ର ପର୍ଦ୍ଦାଫାସ ହୋଇପାରିଲା ନାହିଁ। ପ୍ରତ୍ୟେକ ଦିନ ନାବାଳିକା ଅପହରଣ, ଦେହ ବ୍ୟବସାୟୀ,ମାରପିଟ ଗଣ୍ଡଗୋଳ, ଗୋଷ୍ଠୀ ସଂଘର୍ଷ ଚର୍ଚ୍ଚାରେ ରହୁଛି। ଗୋ ମାଂସ ଚାଲାଣ,ଗୋ ଚାଲାଣ ଉପରେ ରୋକ୍ ଲାଗିବା କଥାରେ ଥିବା ବେଳେ, ସାମ୍ପ୍ରଦାୟିକ ଗଣ୍ଡଗୋଳ ମୁଣ୍ଡ ଟେକୁଛି। ହତ୍ୟା,ଲୁଟ୍,ଚୋରୀ,ଛିନ୍ତାଇ, ଚାନ୍ଦା ଆଦାୟ,ସାଇବର କ୍ରାଇମ୍ ବଢ଼ୁଥିବା ବେଳେ ସମ୍ଭାଳିବାକୁ ପ୍ରଶାସନ ପାଖରେ ସାଧନ ନାହିଁ। ସାଟେଲାଇଟ ଥାନା ଦୀର୍ଘଦିନ ଧରି ଭଡ଼ାରେ ଚାଲୁଥିବା ବେଳେ, ଅବକାରୀ ଥାନା ଚାଲନ୍ତି ନିକଟକୁ ସ୍ଥାନାନ୍ତରିତ ହୋଇ ସହରାଞ୍ଚଳ ନିଶା କାରବାରୀଙ୍କୁ ଅଭୟ ଦେଇଛି। ଐତାହାସିକ ସହରର ଦେବାଳୟ, ସ୍କୁଲ, ଅଫିସ୍, ଜନବସତି, ହସ୍ପିଟାଲ ନିକଟରେ ମଦ ଦୋକାନ ଖୋଲି, ପ୍ରଶାସନ କୁ ଫୁ' କରୁଛନ୍ତି। ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ମଦ ଦୋକାନ ଖୋଲିବା ନିଷେଧ ଥିବା ବେଳେ ପେଟ୍ରୋଲ ଟାଙ୍କୀ ନିକଟରେ ଖୋଲା ଖୋଲି ମଦ ଦୋକାନ ଓ ବାର ଚାଲୁଛି। ତଥାକଥିତ ସମାଜସେବୀ ମାନେ ଏହି ସବୁ ବ୍ୟବସାୟ କୁ ପ୍ରାରମ୍ଭରେ ବିରୋଧ କରୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସାଲିସ କରୁଛନ୍ତି। ନକଲି, ପ୍ରତିବନ୍ଧିତ ସାମଗ୍ରୀର ବେଧଡକ ଉତ୍ପାଦନ ଓ ବିକ୍ରୟ ଚାଲିଥିବା ବେଳେ ସହର ଉପକଣ୍ଠ,ଗୋବରଘାଟା ପଞ୍ଚାୟତ ଚନ୍ଦନା ଠାରେ ବେଆଇନ ପ୍ଲାଷ୍ଟିକ କାରଖାନା ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛି। ସମାଜ ସେବୀ ଦିଲ୍ଲୀପ ଗିରି,ଶିକ୍ଷକ ନେତା ଅକ୍ଷୟ ମିଶ୍ର, ମନୋରଞ୍ଜନ ଦାସ, ନାଟ୍ୟକାର ରାଧାକୃଷ୍ଣ ଗିରି, ଗବେଷକ ଶ୍ରୀକାନ୍ତ ପାତ୍ର, ଅଜିତ କୁମାର ମହାନ୍ତି,ଶରତ ଚନ୍ଦ୍ର ପରିଡା, ମୂରଲୀ ମୋହନ ପ୍ରଧାନ, ଡଃ ରମାକାନ୍ତ ଭଞ୍ଜ,ଇଂ ରତ୍ନାକର ରାୟ,ଆଇନଜୀବୀ ରାମଚନ୍ଦ୍ର ଜେନା, ବରିଷ୍ଠ ଆଇନଜୀବି ଅନିଲ ପରିଡ଼ା, ଆଇନଜୀବୀ ସତ୍ୟ ସୁନ୍ଦର ଦାସ, ଆଇନଜୀବୀ ଚନ୍ମୟ ଦାସ, କଂଗ୍ରେସ ନେତା ରାଜୀବ ପରିଡ଼ା, କଂଗ୍ରେସ ନେତା ହେମନ୍ତ ଗିରି,ସୁଦାମ ପାତ୍ର, ସମାଜସେବୀ ଆଶୋକ ଜେନା, ଶିତାଂଶୁ ସେନାପତି, ବିଜେପି ନେତା ହରିପଦ ମାନ୍ନା, ବରିଷ୍ଠ ବାମ ନେତା ଶିଶିର ହୁଇ, ଦୀପ୍ତିମାନ ଆଚାର୍ଯ୍ୟ,ଜଗଦିଶ ନନ୍ଦୀ, ସମାଜସେବୀ ହେମନ୍ତ ଜେନା, ପ୍ରାକ୍ତନ ସରପଂଚ ପଦ୍ମ ଲୋଚନ ବେହେରା, ତ୍ରିଲୋଚନ ଦାସ ଅଧିକାରୀ,ରବୀନ୍ଦ୍ର ବାରିକ ପ୍ରମୁଖ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗରେ ଘୋର ଚିନ୍ତା ପ୍ରକଟ କରିଛନ୍ତି।

କୁଆଁର ପୁନେଇଁ ଜହ୍ନ ଗୋ, ଫୁଲ ବଉଳବେଣୀ ଗୀତରେ କମ୍ପିଲା ପୁରପଲ୍ଲୀ

ମୋରଡ଼ା,୨୬।୧୦(ସମିସ): ମୋରଡ଼ା ବ୍ଲକର ବିଭିନ୍ନ ଗାଁରେ ପାଳିତ ହୋଇଛି କୁମାରୀଙ୍କ ନାଚଗୀତ ଓ ଖେଳକୁଦର ପର୍ବ "କୁମାର ପୂର୍ଣ୍ଣିମା'। ସନ୍ଧ୍ୟା ସମୟରେ କୁଆଁରୀ ପୂଜାର ସବୁଠାରୁ ଆକର୍ଷଣୀୟ ଚାନ୍ଦ ପୂଜା କରୁଥିବା ଦେଖିବାକୁ ମିଳିଛି। ସଞ୍ଜରେ ତୁଳସୀ ଚଉରା ମୂଳରେ ଜହ୍ନି ଫୁଲରେ କୋଠି ଚାଉଳ ପିଠଉରେ ଖଇ, ନଡ଼ିଆ, କଦଳୀ, ଛେନା ଓ ଗୁଡ଼ରେ ଜହ୍ନ ତିଆରି ସହ କଳସ ସ୍ଥାପନ କରି ପୂଜା କରିଛନ୍ତି କୁନି କୁନି କୁମାରୀ। ଜହ୍ନ ଉଇଁଲେ ଜହ୍ନିଫୁଲ, ଫଳ, ଖଇ ଆଦି ଆଞ୍ଜୁଳି ଟେକିଛନ୍ତି। ପରେ କୁମାର ପୂର୍ଣ୍ଣିମା ଗୀତ "କୁଆଁର ପୁନେଇଁ ଜହ୍ନ ଗୋ, ଫୁଲ ବଉଳବେଣୀ' ଗୀତଗାଇ ପୂଜାର୍ଚ୍ଚନା କରିଛନ୍ତି। ଫଳରେ କମ୍ପି ଉଠିଛି ସମଗ୍ର ପୁରପଲ୍ଲୀ। ସୂର୍ଯ୍ୟୋଦୟ ପୂର୍ବରୁ ସୂର୍ଯ୍ୟ ଦେବତାଙ୍କୁ ଆଞ୍ଜୁଳି ଟେକିଥିଲେ କୁଆଁରୀ। ବିଶ୍ୱାସ ରହିଛି ଏହି ଦିନ କୁମାରୀମାନେ କାର୍ତ୍ତିକଙ୍କ ଭଳି ସୁନ୍ଦର ବର ପାଇବା ପାଇଁ ଚନ୍ଦ୍ରଦେବତାଙ୍କୁ ପୂଜା କରିଥା'ନ୍ତି। ତେବେ ସନ୍ଧ୍ୟା ସମୟରେ ପୂଜା ସାରିବା ପରେ ଚାନ୍ଦ ଚକଟା ଖାଇଥିଲେ କୁମାରୀ ଓ ପରସ୍ପରକୁ ଖୁଆଇ ଚାନ୍ଦ ମଧ୍ୟରେ ବସିଥିଲେ। ଦିନ ସମୟରେ କୁମାରୀମାନେ ଲୁଚକାଳି, ପୁଚି ଆଦି ଖେଳ ଖେଳୁଥିବା ଦେଖିବାକୁ ମିଳିଛି।

ଜ୍ଞାନେଶ ଗାଦି ନ ଛାଡିବା ଯାଏଁ ଆନ୍ଦୋଳନ ଜାରି ରହିବ: ରୋହତାସ

ବାଲେଶ୍ୱର,୨୬।୧୦(ସମିସ): ଭାରତର ମୁଖ୍ୟ ନିର୍ବାଚନ କମିଶନରର ପଦବୀରୁ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ପର୍ଯ୍ୟନ୍ତ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଆନ୍ଦୋଳନ ଜାରି ରହିବ ବୋଲି ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ରୋହତାସ ବଶୋୟା କହିଛନ୍ତି। ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଶୋୟା ଉପରୋକ୍ତ ବକ୍ତବ୍ୟ ରଖିବା ସହ ଭୋଟ ବଞ୍ଚାଅ- ଦେଶ ବଞ୍ଚାଅ ପାଇଁ ଆହ୍ୱାନ ଦେଇଥିଲେ। ଏସ.ଆଇ.ଆର ଜରିଆରେ ଭାରତର ୧୩ କୋଟି ମତଦାତାଙ୍କ ମତଦାନ ଭଳି ମୌଳିକ ଅଧିକାରକୁ ଛଡାଇ ନିଆଯାଇଛି। ଏବେ ତମାମ ଦେଶବାସୀ ଏହା ବିରୋଧରେ ସ୍ୱର ଉଠାଇବାର ସମୟ ଆସିଛି ବୋଲି ଶ୍ରୀ ବାଶୋୟା କହିଥିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟଶିବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ବାସୁଦେବପୁରର ବିଧାୟକ ଅଶୋକ ଦାସ, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ବାଙ୍କନିଧି ବେହେରା ଓ ମାନସ ଆଚାର୍ଯ୍ୟ, ବାଲେଶ୍ୱର ସହ ପ୍ରଭାରୀ ଅଧିର ଜେନା, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଶେଷରେ ଜିଲ୍ଲା କଂଗ୍ରେସ ଓବିସି ସେଲ୍ ଅଧ୍ୟକ୍ଷ ନିଶିଥ ବାରିକ ଧନ୍ୟବାଦ ଦେଇଥିଲେ। ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ଆଶିଷ ପଟ୍ଟନାୟକ ଓ ଦେବଦତ୍ତ ଦାସ, ସଂପାଦକ ପଶୁପତି ଉପାଧ୍ୟାୟ, ସେକ୍ ଭୋଲା ପ୍ରମୁଖ ପରିଚାଳନା କରିଥିଲେ।

କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ଜଳେଶ୍ୱର,୨୬।୧୦(ସମିସ): ଜଳେଶ୍ୱର ଅଞ୍ଚଳରେ ନାବାଳିକା ଦୁଷ୍କର୍ମ ଏବଂ ବିଭତ୍ସ ହତ୍ୟା କାଣ୍ଡ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ପୁଲିସ ପ୍ରଶାସନ ର ଅଭିଯୁକ୍ତ ଙ୍କ ପ୍ରତି ଦରଦ,ରାଜ ନୈତିକ ନେତୃତ୍ୱଙ୍କ ଚାପ ଫଳରେ, ନିଷ୍ପାପ ଛାତ୍ରୀ ର ଅକାଳ ମୃତ୍ୟୁ ଘଟିଥିବା କଂଗ୍ରେସ ଅଭିଯୋଗ କରିଛି। ଦିବଂଗତ ଛାତ୍ରୀର ଆତ୍ମାର ସଦଗତି ଏବଂ ପୀଡିତ ପରିବାରକୁ ନ୍ୟାୟ ଦାବିରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ କାଳୀ ମନ୍ଦିରରେ ପ୍ରାର୍ଥନା କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରିଙ୍କ ନେତୃତ୍ୱରେ ଷ୍ଟେସନ୍ ବଜାର କାଳୀ ମନ୍ଦିର ଠାରୁ ଶତାଧିକ କର୍ମୀ ହାଟ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ନେତା ସୁଦାମ ପାତ୍ର, ନାରୀ ନେତ୍ରୀ ରାଧାରାଣୀ ପାତ୍ର, ଗୋପାଳ କୃଷ୍ଣ ଜେନା, ସୌଭିକ ଜେନା, ଦୁର୍ଗା ଶଙ୍କର ଦାସ, ଅବଦୁଲ୍ ଇମତାଜ ଖାନ୍, ଅଫସର ଅଲ୍ଲୀ, ଜନ୍ମଜେୟ ଜେନା, ପଦ୍ମଲୋଚନ ବେହେରା, ବିନୟ କୁମାର ନନ୍ଦୀ, ସୁମତି ମୁର୍ମୁ, କମଳାକାନ୍ତ ମୁର୍ମୁ, ସ୍ୱରୂପା ନନ୍ଦ ପ୍ରଧାନ, ମାମୁନି ଜେନା ପ୍ରମୁଖ ମହମବତୀ ଶୋଭାଯାତ୍ରାରେ ସାମିଲ୍ ଥିଲେ।

ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଜୟନ୍ତୀ

ବାଲେଶ୍ୱର,୨୬।୧୦(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ୯୯ତମ ଜୟନ୍ତୀ କବିତୀର୍ଥ ଶାନ୍ତିକାନନରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଇଂରାଜୀ ଗବେଷଣା ପରିଷଦ ସଭାପତି ଡ. ସାନ୍ତ୍ୱନା ହାଲଦାର, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଗୀତାଶ୍ରୀ ରାୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ଦେ ଯୋଗ ଦେଇଥିଲେ। ଏହି ଅବସରରେ ଡ. ହାଲଦାରଙ୍କ ଲିଖିତ ଇଂରାଜୀ ପୁସ୍ତକ "ଜୟନ୍ତ ମହାପାତ୍ର, ଦି ଇଟରନାଲ ଟ୍ରାଭେଲର' ଏବଂ ଡ. ଛାୟାକାନ୍ତ ଷଡ଼ଙ୍ଗୀ ଓ ଡ. ବିଜୟ କୁମାର ଦେଙ୍କ ଲିଖିତ ଇଂରାଜୀ ପୁସ୍ତକ "କ୍ରିଟିକାଲ ପାର୍‌ସପେକ୍ଟିଭ୍‌ସ ଅନ୍ ଦି ପୋଏଟ୍ରି ଅଫ୍ ଜୟନ୍ତ ମହାପାତ୍ର'କୁ କୁଳପତି ପ୍ରଫେସର ତ୍ରିପାଠୀ ଉନ୍ମୋଚନ କରିଥିଲେ। ଡ. ହାଲଦାର ତାଙ୍କ ଲେଖକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଡ. ରାୟ ତାଙ୍କ କବିତାର ପ୍ରମୁଖ ଆକର୍ଷଣୀୟ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ଡ. ଦେ ଜୟନ୍ତଙ୍କ କବିତାର ମାନବିକ ସମ୍ବେଦନଶୀଳତା ଉପରେ ବକ୍ତବ୍ୟ ରଖିଥିଲେ। ଡ. ଷଡ଼ଙ୍ଗୀଙ୍କ ଦ୍ୱାରା କବି ମହାପାତ୍ରଙ୍କ କବିତା ଉପରେ ଲିଖିତ ପୁସ୍ତକ ଉପରେ ଆଲୋକପାତ କରିଥିଲେ। ଯୁଗ୍ମ ସଂପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

● ପୂର୍ତ୍ତ ଓ ଗୃହ ବିଭାଗ ବେଫିକର୍

ରାସ୍ତାଘାଟ ଓ କୋଠାବାଡ଼ି ନିର୍ମାଣରେ ମନ୍ଥରତା

ଆନନ୍ଦପୁର, ୨୬।୧୦ (ସମିସ): ସରକାରୀ ମାର୍ଗଦର୍ଶିକାରେ ବିଭିନ୍ନ ବିଭାଗ ଚାଲୁଥିବା ବେଳେ ପୂର୍ତ୍ତ ବିଭାଗରେ ବେଫିଗରୀ ଶାସନ ଯୋଗୁଁ ସରକାରୀ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ସ୍ୱାଭାବିକ ପ୍ରକ୍ରିୟାରେ ବିଭିନ୍ନ ଦପ୍ତରୀର କାର୍ଯ୍ୟ ଚାଲୁ ନଥିବାରୁ ଆନନ୍ଦପୁର ଉପଖଣ୍ଡରେ ପୂର୍ତ୍ତ ଓ ଗୃହ ବିଭାଗର ନିର୍ମାଣାଧୀନ ରାସ୍ତାଘାଟ ଓ କୋଠାବାଡି କାର୍ଯ୍ୟ ସମ୍ପୂର୍ଣ ହେବାରେ ମନ୍ଥରତା ଦେଖାଦେଇଛି। ରାଜ୍ୟରେ ସୁଶାସନ ଚାଲିଥିବା ସରକାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ସ୍ୱାଭାବିକ ପ୍ରକ୍ରିୟାରେ ପୂର୍ତ୍ତ ବିଭାଗ ଚାଲୁ ନଥିବା ସାଧାରଣରେ ଅଭିଯୋଗ ହୋଇଛି। କିଛି କର୍ମଚାରୀଙ୍କ ଯୋଗୁଁ ଏହି କାର୍ଯ୍ୟାଳୟର ବିଭିନ୍ନ ଦପ୍ତରୀରେ ହାତଗୁଞ୍ଜା ନଦେଲେ ଫାଇଲ ଖୋଲୁ ନାହିଁ। ବିଭିନ୍ନ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ବିଭିନ୍ନ ଆଳ ଦେଖାଇ ଅର୍ଥ ଆଦାୟ କରାଯାଉଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ପିସି ପରିମାଣ କମ ହେଲେ ବିଲ ପାସ କରିବା ବିଳମ୍ବ ହେଉଛି। ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଏଷ୍ଟିମେଟର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ତାଙ୍କୁ

ଆରଟିଆଇ ପିଆଇଓ ଭାବେ ବସାଇ ଦିଆଯାଇଛି। ଅପରପକ୍ଷରେ ଡିଏମଏଫରୁ ନିଯୁକ୍ତି ପାଇଥିବା ଏପିଏମଙ୍କୁ ଏଷ୍ଟିମେଟର ଦାୟିତ୍ୱ ଦିଆଯିବା ଭଳି ସରକାରୀ ନିର୍ଦ୍ଦେଶନାମା ଉଲ୍ଲଂଘନ ତଦନ୍ତସାପେକ୍ଷ। ଏନେଇ ପୂର୍ବ ଓ ଗୃହବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଦପ୍ତରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାକୁ ଖଣ୍ଡନ କରିଥିଲେ। ତେବେ, ଅଭିଯୋଗର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ ହୋଇଥିଲେ ମଧ୍ୟ ଏହା ନାଲିଫିତାରେ ରହିଯାଇଛି। ପୂର୍ତ୍ତ ଓ ଗୃହ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବା ଜରୁରୀ ହୋଇପଡିଛି ବୋଲି ଦାବି ହୋଇଛି।

ଜିଲ୍ଲାପାଳଙ୍କ ଇକୋ-ରିଟ୍ରିଟ୍ ପ୍ରକଳ୍ପ ସ୍ଥଳ ପରିଦର୍ଶନ

ବାଙ୍ଗିରିପୋଷି, ୨୬ ।୧୦(ସମିସ): ବାଙ୍ଗିରିପୋଷି ବ୍ଲକର କୁସୁମବନ୍ଧସ୍ଥ ଇକୋ-ରିଟ୍ରିଟ୍ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ। ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ ଓ ମୌଳିକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ବାରିପଦା ଉପଜିଲ୍ଲାପାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀଙ୍କ ସମେତ ପୂର୍ତ୍ତ ବିଭାଗ, ଟିପିଏନ୍‌ଓଡିଏଲ୍ ଓ ରାଜସ୍ୱ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ଶିବିର ଉଦ୍‌ଯାପିତ

କରଞ୍ଜିଆ, ୨୬ ।୧୦(ସମିସ): ୧୪ ଓଡ଼ିଶା ବାଟାଲିଆନ ଆନୁକୂଲ୍ୟରେ ସ୍ଥାନୀୟ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ୧୦ ଦିନିଆ ଏନ୍‌ସିସି ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏଡିଏମ୍ ଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାଡ଼ଗେ, ସୁବେଦାର ମେଜର ମହମ୍ମଦ ସୟଦ ଯୋଗଦେଇ କ୍ୟାଡେଟ୍‌ଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ପରେଡ ପ୍ରତିଯୋଗିତା ପାଇଁ ଯୋଗ୍ୟ କ୍ୟାଡେଟ୍‌ଙ୍କୁ ଚୟନ କରିବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ, ଉପଜିଲ୍ଲାପାଳ ଡା. ଦୟାସିନ୍ଧୁ ପରିଡ଼ା ପ୍ରମୁଖ ବିଶେଷ ସହଯୋଗ ପ୍ରଦାନ କରିଥିଲେ। ଶିବିରରେ ମୟୂରଭଞ୍ଜ ଓ କେନ୍ଦୁଝର ସମେତ ସମ୍ବଲପୁର, ବୁର୍ଲା, ରାଉରକେଲା, ବଲାଙ୍ଗୀର ଓ ଭବାନୀପାଟଣାର ୨୦ଟି ବିଦ୍ୟାଳୟ ଓ ୧୯ଟି ମହାବିଦ୍ୟାଳୟରୁ ୪୯୨ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୩୩୨ ଜଣ ଛାତ୍ର ଓ ୧୪୦ ଜଣ ଛାତ୍ରୀ ସାମିଲ ଥିଲେ। ଏହି ୧୦ ଦିନିଆ ପ୍ରଶିକ୍ଷଣ ଶିବିରରେ କ୍ୟାଡେଟ୍‌ଙ୍କୁ ଡ୍ରିଲ୍, ଅସ୍ତ୍ର ପରିଚାଳନା, ସାଧାରଣ ସଚେତନତା, ସ୍ୱଚ୍ଛତା, ସାମାଜିକ ସେବା, ବନ୍ଧୁକ ଚାଳନା ତାଲିମ ସହିତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ କ୍ୟାଡେଟ୍‌ଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ କେ. ଭେଙ୍କଟରାବଣ ଓ ତାଙ୍କ ସହକର୍ମୀ ପରିଚାଳନା କରିଥିଲେ।

● ଜମ୍ବୁବତୀ-ଭୀମସେନ ସ୍ମୃତି ସମ୍ମାନ ଉତ୍ସବ

'ପିତାମାତାଙ୍କ ପୂଜନ ହିଁ ଜୀବନର ଶ୍ରେଷ୍ଠ ସାଧନା'

ଯାଜପୁର,୨୬।୧୦(ସମିସ): "ପିତାମାତାଙ୍କ ପୂଜନ ହିଁ ଜୀବନର ଶ୍ରେଷ୍ଠ ସାଧନା' ବୋଲି କହିଛନ୍ତି କମିଶନରେଟ ପୁଲିସ୍, ଭୁବନେଶ୍ୱର ମୁଖ୍ୟାଳୟ ଡେପୁଟି କମିଶନର ବିଷ୍ଣୁପ୍ରସାଦ ପତି। ଯାଜପୁର ବ୍ଲକ୍ ଅନ୍ତର୍ଗତ ଛତିଶଦେବିଲ ଗ୍ରାମପଞ୍ଚାୟତର ଋଷିପୁର ଗ୍ରାମର ଜମ୍ବୁବତୀ-ଭୀମସେନ ସ୍ମୃତି ପରିଷଦ ପକ୍ଷରୁ ଜମ୍ବୁବତୀ-ଭୀମସେନ ପଞ୍ଚମ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏପରି ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଐତିହ୍ୟ ଓ ସଂସ୍କୃତି ଗବେଷକ ଶୁଭେନ୍ଦୁ ଭୂୟାଁ ଯୋଗଦେଇ, ବର୍ତ୍ତମାନ ଅବକ୍ଷୟମୁଖୀ ସମାଜରେ ଜ୍ୟେଷ୍ଠମାନଙ୍କ ପ୍ରତି ସମ୍ମାନ ଏବଂ ଭବିଷ୍ୟତ ପିଢ଼ି ଲାଗି ମାନବୀୟ ମୂଲ୍ୟବୋଧର ରକ୍ଷା ଲାଗି ଏଭଳି କାର୍ଯ୍ୟକ୍ରମ ପ୍ରେରଣାଦାୟୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୁଜନପୁର ସେବା ସମବାୟ ସମିତିର ସଭାପତି କୁଳମଣି ବିଶ୍ୱାଳ ଯୋଗଦେଇ କହିଥିଲେ, ଏପରି କାର୍ଯ୍ୟକ୍ରମ ସମାଜ ଲାଗି ଉଦାହରଣ ସୃଷ୍ଟି କରିଛି। ସ୍ମୃତି ପରିଷଦର ସଭାପତି ସରୋଜ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସଞ୍ଜୀବ ବିଶ୍ୱାଳ ବିବରଣୀ ପାଠ କରିବା ପରେ ଅତିଥି ମାନେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ସମବାୟ ନିବନ୍ଧକ କଳିଙ୍ଗଚନ୍ଦ୍ର ବିଶ୍ୱାଳ, ୩ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବିଜୟ କୁମାର ଜେନା, ବାବାଜୀଚରଣ ବିଶ୍ୱାଳ, ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଅରୁଣକୁମାର ବିଶ୍ୱାଳ ଓ ଅବସରପ୍ରାପ୍ତ ରାଜସ୍ୱ ପର୍ଯ୍ୟବେକ୍ଷକ ବାଣେଶ୍ୱର ବିଶ୍ୱାଳଙ୍କୁ ଉପଢୌକନ, ସ୍ମୃତିଫଳକ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାଶେଷରେ ନୀଳମଣି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁବନେତା ସଂଗ୍ରାମ ପାତ୍ର, ବିଶ୍ୱଜିତ ବିଶ୍ୱାଳ, ବାବନ ଚରଣ ବିଶ୍ୱାଳ, ମାନ୍ୟଗଣ୍ୟବ୍ୟକ୍ତି, ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅନନ୍ୟା ଅନ୍ୟତମା ବିଶ୍ୱାଳ, ସାଗରିକା ବିଶ୍ୱାଳ, ଜୟଶ୍ରୀ ବିଶ୍ୱାଳ, ନେହା ବଳ, ଅନୁସ୍କା ବିଶ୍ୱାଳ, ସ୍ୱାହା ବଳ ଓ କ୍ରିଷ୍ଣାକୁମାରୀ ବିଶ୍ୱାଳ ପ୍ରମୁଖ ମାନପତ୍ର ପାଠ କରିଥିଲେ।

ବସ୍ ଟାଇମିଂକୁ ନେଇ ଯୋଡ଼ାରେ ଉତ୍ତେଜନା

● ମାଲିକଙ୍କୁ ମାଡ଼ ଅଭିଯୋଗ

ଯୋଡ଼ା, ୨୬ ।୧୦ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବସ୍‌ଷ୍ଟାଣ୍ଡରେ ବସ୍ ଚଳାଚଳ ସମୟକୁ ନେଇ ଦେଖାଦେଇଛି ବିବାଦ। ନିର୍ଦ୍ଧାରିତ ସମୟରେ ବସ୍ ଛାଡ଼ିବାକୁ କେନ୍ଦ୍ର କରି ଡ୍ରାଇଭରଙ୍କୁ ଗାଳିଗୁଲଜ, ବସ୍ ମାଲିକଙ୍କୁ ମାଡ଼ ମାରିବା ଓ ବସ୍‌ରେ ଭଙ୍ଗାରୁଜା କରିବା ଭଳି ଅଭିଯୋଗ ଯୋଡ଼ା ଥାନାରେ ପହଞ୍ଚିଛି। ଏନେଇ ବସ୍ ମାଲିକ ଦୀପକ କୁମାର ମହାନ୍ତ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଓଡ଼ି-୦୯-ଏ-୯୨୭୭ ନମ୍ବର ବିଶିଷ୍ଟ 'ରଞ୍ଜିତା' ବସ୍‌କୁ ଝୁମ୍ପୁରା ବ୍ଲକର ହାଣ୍ଡିଭଙ୍ଗାରୁ କୋଇଡ଼ା ବ୍ଲକର ରେଙ୍ଗାଲିଡ଼ା ଗ୍ରାମ ପର୍ଯ୍ୟନ୍ତ ଚଳାଚଳ ପାଇଁ ସ୍ଥାୟୀ ପରମିଟ୍ ମିଳିଛି। ବସ୍‌ଟି ପ୍ରତିଦିନ ଏହି ରୁଟ୍‌ରେ ଯାତ୍ରୀ ପରିବହନ କରୁଥିବା ବେଳେ ରବିବାର ମଧ୍ୟ ନିର୍ଦ୍ଧାରିତ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଯୋଡ଼ା ବସ୍‌ଷ୍ଟାଣ୍ଡରୁ ଯାତ୍ରା ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିଲା। ଏହି ସମୟରେ କିଛି ବ୍ୟକ୍ତି ବସ୍‌ଟିକୁ ଅଟକାଇ ଡ୍ରାଇଭରଙ୍କୁ ଗାଳିଗୁଲଜ କରିଥିବା ବସ୍ ମାଲିକ ଅଭିଯୋଗ କରିଛନ୍ତି। ଖବର ପାଇ ଦୀପକ ମହାନ୍ତ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ପରେ ବସ୍‌ଟି ଯାତ୍ରୀଙ୍କୁ ନେଇ ଆଗକୁ ବଢ଼ିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିବା ସହ ସାର୍ଟ ଚିରିଦେଇଥିବା ଏବଂ ବସ୍‌ରେ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଘଟଣାକୁ ନେଇ ବସ୍ ମାଲିକ ଯୋଡ଼ା ଥାନାରେ ଲିଖିତ ଏତଲା ଦାଖଲ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ଘଟଣାର ବିଭିନ୍ନ ଦିଗ ଯାଞ୍ଚ କରୁଛି। ବସ୍ ଚଳାଚଳ ସମୟକୁ ନେଇ ଏଭଳି ବିବାଦ ଯାତ୍ରୀ ପରିବହନ ବ୍ୟବସ୍ଥାରେ ଶୃଙ୍ଖଳା ଓ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି। ତେବେ ପୁଲିସ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ।

ଧର୍ମପ୍ରାଣା ମହିଳାଙ୍କ ଦେହାନ୍ତ

ଆନନ୍ଦପୁର, ୨୬।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ୭ ନଂ ୱାର୍ଡ ନିବାସୀ ତଥା ଶ୍ରୀଦଧିବାମନଜୀଉଙ୍କ ମାଳାକାର ସ୍ୱର୍ଗତ ପୁରୋସ୍ତମ ରଣାଙ୍କ ଧର୍ମପତ୍ନୀ କମଳା ରଣା (୮୪)ଙ୍କର ଦେହାନ୍ତ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ହୋଇ ନିଜ ଘରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁବେଳକୁ ପରିବାର ବର୍ଗ ସମସ୍ତ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବୈତରଣୀ ନଦୀକୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ତାଙ୍କର ପୁଅ ରବୀନ୍ଦ୍ର କୁମାର ରଣା ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଆନନ୍ଦପୁର ଅଞ୍ଚଳରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

ସୋସିଆଲ ମିଡିଆ ଆଗରେ ଫିକା ପଡ଼ିଛି କୁମାରୀଙ୍କ 'ପୁଚିଖେଳ'

ବଡ଼ସାହି,୨୬।୧୦(ସମିସ):

ରବିବାର ମା' ଲକ୍ଷ୍ମୀଙ୍କ ପୂଜା ଓ କୁମାରଉତ୍ସବ ଗାଁଠାରୁ ଆରମ୍ଭ କରି ସହର ଯାଏଁ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଏହି ଦିନ କୁମାରୀ ଝିଅ ଓଷା କରିବା ସହିତ ଚାନ୍ଦ ବନ୍ଦାପନା ପରେ ସାଙ୍ଗ ସାଥୀଙ୍କ ସହିତ ପୁଚି ଖେଳର ମଜା ନିଅନ୍ତି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେମାନେ କୁଆଁର ପୁନେଇ ଜହ୍ନ ଗୋ ... ଫୁଲ ବଉଳବେଣୀ ଗୀତରେ ନିଜକୁ ହଜାଇ ଦେଇଥା'ନ୍ତି। ମାତ୍ର ଏବେ କିନ୍ତୁ ଗାଁମାନଙ୍କରେ ନା ଶୁଣାଯାଉଛି ଫୁଲ ବଉଳବେଣୀ ଗୀତ, ନା ଦେଖିବାକୁ ମିଳୁଛି ପୁଚି ଖେଳ। ଚାନ୍ଦ ବନ୍ଦାପନାର ଗୁରୁତ୍ୱ ମଧ୍ୟ କମିବାକୁ ବସିଛି । ସହରୀ ସଭ୍ୟତା ଓ ଆଧୁନିକତାର ମୋହରେ ଏହି କୁମାର ଉତ୍ସବ ପାଳନ ଫିକା ପଡ଼ିଛି। ସତେ ଯେପରି ଧିରେ ଧିରେ ଲୁଚିଯାଉଛି କୁମାର ପୂର୍ଣ୍ଣିମାର ଚାନ୍ଦ ଓ ନିଷ୍ପ୍ରଭ ହୋଇଯିବାକୁ ବସିଛି କୁମାର ପୁନେଇ ପର୍ବ। ଆଗରୁ କୁମାରୀ ଝିଅମାନେ କୁଆଁର ପୁନେଇ ଆସିଲେ, ଏହା କିପରି ପାଳନ କରିବେ ସେଥିପାଇଁ ବେଶ ତତ୍ପର ହୋଇ ଉଠୁଥିବାବେଳେ ଏବେ କିନ୍ତୁ ଆଧୁନିକତାର ଦ୍ୱାହି ଦେଇ ହେଉ କିମ୍ବା ବ୍ୟସ୍ତତା ପାଇଁ ହେଉ ସେମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଇଛି। ଆଧୁନିକ ସଭ୍ୟତା ସହିତ ତାଳ ଦେଇ ସେମାନେ ମଧ୍ୟ ପୁରୁଣାକାଳିଆ ରୀତିନୀତିକୁ ଆଉ ମାନିବାକୁ ନାରାଜ। କୁମାର ଓ କୁମାରୀ ମୋବାଇଲ ଧରି ବିଭିନ୍ନ ସୋସିଆଲ ମିଡିଆରେ ସମୟ ବିତାଉଥିବାବେଳେ ପୁଚିଖେଳ, ଚାନ୍ଦ ବନ୍ଦାପନା ଓ ଫୁଲ ବଉଳବେଣୀ ଗୀତ ବୋଲିବାକୁ କାହା ପାଖରେ ସମୟ ନାହିଁ। ଏ ସମ୍ପର୍କରେ ଛାତ୍ରୀ ବିଦୁସ୍ମିତା ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ଆମେ ଛୁଆ ବେଳେ କୁଆଁର ପୂର୍ଣ୍ଣିମା ଦିନ ଚାନ୍ଦ ବନ୍ଦାପନା ପରେ ସାଙ୍ଗମାନଙ୍କ ସହିତ ପୁଚି ଖେଳିବା ଓ ତାଙ୍କ ମେଳରେ ଗୀତ ବୋଲିବାକୁ ବେଶ ଭଲ ପାଉଥିଲୁ। ଏବେ ଚାନ୍ଦ ବନ୍ଦାପନା ଛଡ଼ା ଆଉ କିଛିନାହିଁ। ଏବେ ସେ ସବୁ କରିବାକୁ କେହି ଝିଅ ପସନ୍ଦ କରୁନାହାନ୍ତି। +୩ କଳା ଛାତ୍ରୀ ଏଲିନ ମହାନ୍ତି କୁହନ୍ତି, ଆମେ ଚାନ୍ଦ ବନ୍ଦାପନା ପରେ ସାଙ୍ଗମାନଙ୍କ ଘର ବୁଲିବା ସହିତ ପିଠା ଖାଇବା ଓ ବିଭିନ୍ନ ଲକ୍ଷ୍ମୀପୂଜା ମଣ୍ଡପ ବୁଲି ସମୟ କାଟିଥାଉ। ଏ ସବୁର ଆବଶ୍ୟକତା ରହିଛି ଓ ଏହାକୁ ସହରୀ ସଭ୍ୟତା ଓ ଆଧୁନିକତାର ଦ୍ୱାହି ଦେଇ ଏଡ଼ାଇ ହେବନାହିଁ ବୋଲି ୭୦ ବର୍ଷର ବୃଦ୍ଧା ନମିତା ଜେନା କହିଛନ୍ତି। ଚାନ୍ଦ ବନ୍ଦାପନା କରି କୁମାରୀ ଚନ୍ଦ୍ର ପରି ସୁନ୍ଦର ସ୍ୱଭାବ ଓ ସ୍ୱଚ୍ଛ ମନ ଥିବା ସ୍ୱାମୀ ପାଇଁ ପ୍ରାର୍ଥନା କରିଥା'ନ୍ତି ବୋଲି ଲୋକ କଥା ରହିଛି। ଏତଦବ୍ୟତୀତ କୁମାରୀମାନେ ଏହି ପୂଜା ଓ ଓଷା କରି ଲକ୍ଷ୍ମୀଙ୍କଠାରୁ ଧନ, ସୌଭାଗ୍ୟ ଓ ସମ୍ପଦ କାମନା କରିଥା'ନ୍ତି। ସେହିପରି ଗୃହିଣୀ ସୁଭଦ୍ରା ମହାପାତ୍ରଙ୍କ ମତରେ ଏହି ଦିନରେ ଚନ୍ଦ୍ର ଓ ତାଙ୍କ ଭଉଣୀ ଲକ୍ଷ୍ମୀଙ୍କୁ ପୂଜା କରାଯାଇ ରୋଗରୁ ମୁକ୍ତି ଓ ଧନ ପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ। ବଡସାହି ବ୍ଲକ୍ ଅଞ୍ଚଳରେ ଲକ୍ଷ୍ମୀପୂଜା ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ପାଳନ ହେଉଥିବାବେଳେ କୁମାରୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି।

ହଜିଯିବାକୁ ବସିଛି 'କୁଆଁର ପୁନେଁଇ ଜହ୍ନ ଗୋ, ଫୁଲ ବଉଳବେଣୀ' ଗୀତ

ଆଜିର ରାଶିଫଳ

ମେଷ: ବରିଷ୍ଠ ଅଧିକାରୀ କାର୍ଯ୍ୟରେ ଖୁସି ହେବେ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ। କଥାରେ ମଧୁରତା ରଖିବେ।

ବୃଷ: ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

ମିଥୁନ: ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

କର୍କଟ: ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

ସିଂହ: ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। ବ୍ୟବସାୟରେ ଲାଭ ହେବ।

କନ୍ୟା: ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

ତୁଳା: ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

ବିଛା: ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

ଧନୁ: ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

ମକର: ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

କୁମ୍ଭ: ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

ମୀନ: ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୮୬୩- ଫୁଟବଲ୍ ଆସୋସିଏସନ୍‌ର ଗଠନ ଲଣ୍ଡନରେ ହୋଇଥିଲା।
- ୧୯୫୧- ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍ ବ୍ରିଟେନର ପ୍ରଧାନମନ୍ତ୍ରୀ ହେଲେ।
- ୧୯୬୨- ଚୀନ୍‌ରେ ପ୍ରଥମ ଥର ପାଇଁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଗଲା।
- ୧୯୯୯-ସର୍ବୋଚ୍ଚ ନ୍ୟାୟାଳୟ ଆଜୀବନ କାରାଦଣ୍ଡ ଅବଧି ୧୪ ବର୍ଷ କରିଲେ।
- ୨୦୧୨- ମିଆଁମାରରେ ହିଂସା କାରଣରୁ ୬୪ ଲୋକଙ୍କ ମୃତ୍ୟୁ।।

ଆସିବ 'ଜେଲର୍ ୩'

ସୁପରଷ୍ଟାର ରଜନୀକାନ୍ତଙ୍କ ଆକ୍ସନ୍-କମେଡି ଚଳଚ୍ଚିତ୍ର 'ଜେଲର୍ ୨' ବକ୍ସ ଅଫିସ୍‌ରେ ଧମାକା କରୁଛି। ନେଲସନ୍ ଦିଲୀପକୁମାରଙ୍କ ନିର୍ଦ୍ଦେଶିତ ଏହି ସିନେମା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବାରେ ସଫଳ ହୋଇଛି। ହେଲେ 'ଜେଲର୍ ୨'ର ଶେଷ ଭାଗରେ 'ଜେଲର୍ ୩' ଆସିବା ନେଇ ସୂଚନା ଦିଆଯାଇଛି ବୋଲି ସାମାଜିକ ଗଣମାଧ୍ୟମରେ ଏବେ ଜୋରଦାର ଚର୍ଚ୍ଚା ହେଉଛି। ଚଳଚ୍ଚିତ୍ରର ଶେଷ ଭାଗରେ ଏକ ବଡ଼ ଧରଣର ମୋଡ଼ ଦେଖିବାକୁ ମିଳିଛି, ଯାହା ଆଗାମୀ କାହାଣୀର ସୂଚନା ଦେଉଥିବା କୁହାଯାଉଛି। କାହାଣୀ ଅନୁଯାୟୀ, ନିଜ ପୁଅର ମୃତ୍ୟୁ ଅପରାଧରେ ଟାଇଗର ମୁଥୁବେଲ ପାଣ୍ଡିଆନ (ରଜନୀକାନ୍ତ)ଙ୍କୁ ପୋଲିସ ଗିରଫ କରି ନେଇଯାଉଛି। ଠିକ୍ ସେହି ସମୟରେ ପୋଲିସ ଜିପ୍ ଭିତରେ ଏକ କଲ୍ ଆସୁଛି। ଏହି କଲ୍‌ଟି ହେଉଛି 'କାନ୍ହା'ଙ୍କର। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଟାଇଗର ଏବଂ କାନ୍ହାଙ୍କ ମଧ୍ୟରେ ଯେଉଁ ପୋଲିସ ଅଫିସର ଜଣକ ସୂତ୍ରଧର ସାଜି ଫୋନ ବଢ଼ାଇ ଦେଉଛନ୍ତି, ସେ ହେଉଛନ୍ତି ବିଜୟ ସେତୁପତି। ଏହି ଗୋଟିଏ ଦୃଶ୍ୟ ହିଁ ସ୍ପଷ୍ଟ କରିଦେଇଛି ଯେ, 'ଜେଲର୍ ୩'ର କାହାଣୀ ପ୍ରସ୍ତୁତ ହୋଇ ସାରିଛି। ଯଦିଓ ସନ୍ ପିକ୍ଚର୍ସ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ କିଛି ଘୋଷଣା କରାଯାଇନାହିଁ, ତଥାପି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, 'ଜେଲର୍' ସିରିଜ୍‌ର ତୃତୀୟ ଫିଲ୍ମ ଭାରତୀୟ ସିନେମାର ସବୁଠାରୁ ବଡ଼ ମଲ୍ଟିଷ୍ଟାରର ଫିଲ୍ମ ହେବାକୁ ଯାଉଛି। ନେଲସନ୍ ଦିଲୀପକୁମାର ବର୍ତ୍ତମାନ କାହାଣୀକୁ ଅଧିକ ଦମଦାର କରିବାରେ ଲାଗିଛନ୍ତି। ଚଳଚ୍ଚିତ୍ରର ପ୍ରିପ୍ରଡକ୍ସନ୍ କାମ ଏବଂ କଳାକାରମାନଙ୍କର ଡେଟ୍‌ସକୁ ଦୃଷ୍ଟିରେ ରଖି ଏହାର ମୁଖ୍ୟ ସୁଟିଂ ୨୦୨୮ ମସିହା ପ୍ରାରମ୍ଭରେ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। 'ଜେଲର୍ ୨'ର କ୍ରେଜ୍ ଦେଖିବା ପରେ ଏହା ସୁନିଶ୍ଚିତ ଯେ, ଯେତେବେଳେ 'ଜେଲର୍ ୩' ପରଦାକୁ ଆସିବ, ତାହା ବକ୍ସ ଅଫିସ୍‌ର ସମସ୍ତ ରେକର୍ଡ ଭାଙ୍ଗିବାର କ୍ଷମତା ରଖିବ।

ସକାଳ ଔଷଧ ରାତିରେ ଖାଉଥିଲେ...

ଯଦି କେହି ସକାଳ ଔଷଧ ଖାଇବାକୁ ଭୁଲିଯାଇଥାନ୍ତି କିମ୍ବା ମନେ ନ ଥାଏ, ତେବେ ସେ ଏକକାଳୀନ ସକାଳ ଓ ସନ୍ଧ୍ୟା ଔଷଧ ଖାଇଥାନ୍ତି। ଅବଶ୍ୟ ଅନେକ ଲୋକ ଏମିତି କରନ୍ତି। ତେବେ ଡବଲ ଡୋଜ୍ କେତେ ଦୂର ସ୍ୱାସ୍ଥ୍ୟ ପାଇଁ ଠିକ୍, ସେସମ୍ପର୍କରେ ଅନେକ ଜାଣନ୍ତି ନାହିଁ। ଗାଜିଆବାଦର ଜିଲ୍ଲା ଏମଏମଜି ହସ୍‌ପିଟାଲର ଫାର୍ମାସି ବିଭାଗର ନରେନ୍ଦ୍ର ଶର୍ମା କହନ୍ତି, ସକାଳ ଔଷଧ ଖାଇବାକୁ ଭୁଲିଯାଇଥିଲେ ଏବଂ ଏକକାଳୀନ ଦୁଇଟି ଔଷଧ ସନ୍ଧ୍ୟାରେ ଖାଇବା କ୍ଷତିକାରକ। ଔଷଧ ହିସାବ ସମାନ କରିବା ଚକ୍କରରେ ଡବଲ ଡୋଜ୍ ନେବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ। ମୁଖ୍ୟତଃ ରକ୍ତଚାପ, ମଧୁମେହ, ବ୍ଲଡ୍ ଥିନର୍ ଭଳି ଔଷଧ ଦିନରେ ଦୁଇଥର ଖାଇବାକୁ ପଡ଼ିଥାଏ। ତେବେ ସକାଳ ଔଷଧ ଖାଇବାକୁ ଭୁଲିଯାଇଥିଲେ ଏବଂ ସନ୍ଧ୍ୟାରେ ଡବଲ ଡୋଜ୍ ନେଲେ ଅଚାନକ ରକ୍ତରେ ଶର୍କରା କମିପାରେ। ଏପରିକି ରକ୍ତଚାପ କମ୍, ବେଶି ମଧ୍ୟ ହୋଇପାରେ। କେବଳ ସେତିକି ନୁହେଁ, ଏହା ଯୋଗୁଁ ମୁଣ୍ଡ ବୁଲାଇବା, ଚେତା ହରାଇବା ସମସ୍ୟା ବି ଦେଖା ଦେଇପାରେ। ସେହିପରି ରକ୍ତ ପତଳା କରିବା ଔଷଧ ଏକକାଳୀନ ଦୁଇଥର ଖାଇବା ଦ୍ୱାରା ଇଣ୍ଟରନାଲ ବ୍ଲିଡିଂ ହୋଇପାରେ। ଏହାବାଦ୍ କିଛି ମାମଲାରେ ଡବଲ ଡୋଜ୍ ନେବା ଦ୍ୱାରା ତୁରନ୍ତ ପ୍ରତିକ୍ରିୟା ଦେଖାଯାଇଥାଏ। ଏହାଦ୍ୱାରା ପେଟ ଯନ୍ତ୍ରଣା, ବାନ୍ତି ଭଳି ସମସ୍ୟା ଦେଖା ଦେଇପାରେ। ଏକାଥରେ ଅଧିକ ଔଷଧ ଖାଇଲେ ଲିଭର ଓ କିଡ୍‌ନୀ ଉପରେ ବି ପ୍ରଭାବ ପଡ଼ିଥାଏ। ଏହାସହ ଟକ୍ସିସିଟିର ବିପଦ ବଢ଼ିବା ଆଶଙ୍କା ଥାଏ। ତେବେ ଔଷଧ ଖାଇବାକୁ ଭୁଲିଯାଇଥିଲେ ସନ୍ଧ୍ୟାରେ କେବଳ ଗୋଟିଏ ଔଷଧ ଖାଇବା ଉଚିତ। ତା'ସହ ଲୋକଙ୍କୁ ଔଷଧ ଖାଇବାର ସମୟ ସ୍ଥିର କରିବା ଦରକାର। ଅଲଗା ଅଲଗା ସମୟର ଔଷଧକୁ ଏକକାଳୀନ ଖାଇବା ଆଦୌ ଉଚିତ ନୁହେଁ।

ଆଜି ଆସିଥିଲେ

ପଣ୍ଡିତ ଗୋଦାବରୀଶ ମିଶ୍ର



ଉତ୍କଳ ଭୂମିକୁ ଯେଉଁ କେତେଜଣ ମନୀଷୀ ନିଜ ଚିନ୍ତାଧାରା ଓ କର୍ମଦ୍ୱାରା ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ସତ୍ୟବାଦୀ ଯୁଗର ପଞ୍ଚସଖା ଅନ୍ୟତମ। ଏହି ପଞ୍ଚସଖାଙ୍କ ଭିତରୁ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ସେ କେବଳ ଜଣେ କବି ବା ଲେଖକ ନ ଥିଲେ; ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ଓ ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା। ତାଙ୍କ ଜୀବନ କାହାଣୀ ତ୍ୟାଗ ଓ ଦେଶପ୍ରେମର ଏକ ଜ୍ୱଳନ୍ତ ଉଦାହରଣ। ଗୋଦାବରୀଶ ୧୮୮୬ ମସିହା ଆଜିର ଦିନରେ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ସତ୍ୟବାଦୀ ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେବାକୁ ସେ ଜୀବନର ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଥିଲେ ଏବଂ ଆଜୀବନ ଜନସେବକ ଭାବେ କାର୍ଯ୍ୟ କରିଥିଲେ। ଗାନ୍ଧୀ ଓ ସୁଭାଷ, ଉଭୟ ଥିଲେ ତାଙ୍କ ଆଦର୍ଶ। ସତ୍ୟବାଦୀ ବନ ବିଦ୍ୟାଳୟରୁ ତାଙ୍କର ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା। ପରେ ସ୍ୱେଚ୍ଛାକୃତ ଭାବେ ଶିକ୍ଷକ ଜୀବନରୁ ଅବସର ନେବା ପରେ ସେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇଥିଲେ। ଏହା ଥିଲା ତାଙ୍କ ରାଜନୈତିକ ଜୀବନର ପ୍ରଥମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଏହି ସମୟରେ ତାଙ୍କ ଉଦ୍ୟମରେ 'ଉତ୍କଳ ବିଶ୍ୱବିଦ୍ୟାଳୟ' ସ୍ଥାପନ ହୋଇଥିଲା। ବ୍ୟାସକବି ଫକୀରମୋହନଙ୍କଠାରୁ ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀ ଲେଖାଯିବା ଆରମ୍ଭ ହୋଇଥିଲା। ଏହାପରେ ପରେ ଲେଖା ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଲାଳିତ୍ୟ ଦୃଷ୍ଟିରୁ ଏହା ଏକ ସମୃଦ୍ଧ ଆତ୍ମଚରିତ। ଏହି ପୁସ୍ତକ ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ। ଏସବୁ ମଧ୍ୟରେ 'କାଳିଜାଇ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି। ସରଳ, ସାବଲୀଳ ଭାଷା ଓ ସୁନ୍ଦର ଶବ୍ଦ ସଂଯୋଜନା ତାଙ୍କ କାବ୍ୟ କବିତାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିଲା। 'ପୁରୁଷୋତ୍ତମଦେବ' ଓ 'ମୁକୁନ୍ଦଦେବ' ପରି କାଳଜୟୀ ନାଟକଗୁଡ଼ିକରେ ପ୍ରମାଣ ମିଳେ ତାଙ୍କର ଅନନ୍ୟ ଜାତୀୟତାବାଦ ଓ ଆତ୍ମତ୍ୟାଗର ଗାଥା। ସେ ସାମାଜିକ ସଂସ୍କାରଧର୍ମୀ, ପାରିବାରିକ ସମସ୍ୟାମୂଳକ, ପ୍ରଣୟ ଆଧାରିତ, ରାଜନୈତିକ ଚେତନାଧର୍ମୀ ଗଳ୍ପ ରଚନା କରି ସମୃଦ୍ଧ କରିଥିଲେ ଓଡ଼ିଆ ସାହିତ୍ୟକୁ। ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ଦେହାନ୍ତ ହୋଇଥିଲା।

ସ୍ୱସ୍ତି

ଏକାଦଶୀରେ ଦାନ

ଏକାଦଶୀ ଦିନ ଭଗବାନ ବିଷ୍ଣୁଙ୍କ ପୂଜା ଓ ବ୍ରତ ରଖାଯାଏ। ଶ୍ରଦ୍ଧା ଅନୁସାରେ ଉକ୍ତ ଦିନ ପୂଜା ପାଠ କରାଯାଏ। ତା'ସହ ଅସହାୟ ଲୋକଙ୍କୁ ନିଜ ସାମର୍ଥ୍ୟ ଅନୁସାରେ ଅନ୍ନ, ବସ୍ତ୍ର, ଅନ୍ୟ ଉପଯୋଗୀ ଜିନିଷ ଦାନ କରାଯାଏ।

ହିନ୍ଦୁ ଧାର୍ମିକ ପରମ୍ପରାରେ, ଅନ୍ନ ଖାଇବାକୁ ଏକାଦଶୀରେ ବାରଣ କରାଯାଏ। ଅନେକ ବ୍ରତଧାରୀ ଏହି ଦିନ ଅନ୍ନ ଏବଂ ଅନ୍ନ ତିଆରି ଜିନିଷ କିଛି ଖାଇ ନ ଥାନ୍ତି। ଏକାଦଶୀ ଦିନରେ ଅନ୍ନଦାନକୁ ନେଇ ସମସ୍ତ ହିନ୍ଦୁ ପରମ୍ପରାରେ ସମାନ ନିୟମ ନାହିଁ। କିଛି ଲୋକ ଏକାଦଶୀରେ ଡାଲି, ଫଳ ଏବଂ ଶସ୍ୟରୁ ତିଆରି ଖାଦ୍ୟ ଖାଇଥାନ୍ତି। ଆଉ କିଛି ଲୋକ ଏହି ଦିନ ଦରିଦ୍ର ଅସହାୟ ଲୋକଙ୍କୁ ଅନ୍ନଦାନ କରିବାକୁ ପୁଣ୍ୟକାର୍ଯ୍ୟ ବୋଲି ଭାବନ୍ତି। ତେଣୁ ଏକାଦଶୀରେ ଚାଉଳ ଦାନ କରିବାକୁ ଚାହୁଁଥିଲେ, ପାରିବାରିକ ପରମ୍ପରା ଓ ବ୍ରତ ନିୟମ ଅନୁସାରେ ନିର୍ଣ୍ଣୟ ନେଇପାରିବେ।

ତେବେ ଏହିଦିନ ଅନ୍ନଦାନ କରିବାକୁ ଚାହୁଁଥିଲେ ସାମର୍ଥ୍ୟ ଅନୁସାରେ, ଗହମ, ଡାଲି, ଫଳ, ଦୁଗ୍ଧ ଅସହାୟଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିପାରିବେ। ଏହାବ୍ୟତୀତ ଗରିବ ଲୋକଙ୍କୁ ବସ୍ତ୍ର ଓ ଅନ୍ୟ ଜରୁରି ଜିନିଷ ଦେବାକୁ ଶୁଭ ବୋଲି କୁହାଯାଏ। ଦାନ ସମୟରେ ବସ୍ତୁର ଉପଯୋଗିତା ଏବଂ ସ୍ୱଚ୍ଛତା ଉପରେ ଧ୍ୟାନ ରଖିବା ଉଚିତ। ସେହିପରି ଅନ୍ନ ଦାନର ଘରେ କୌଣସି ବିଶେଷ ପରମ୍ପରା ଥିଲେ ତାହାକୁ ପାଳନ କରିବା ଭଲ।

ପୁଣ୍ୟ ମାସ କାର୍ତ୍ତିକ

ଆଜିଠୁ କାର୍ତ୍ତିକ ମାସ ଆରମ୍ଭ ହୋଇଛି। ହିନ୍ଦୁ ଧର୍ମରେ ଆଧ୍ୟାତ୍ମିକ ମାସ ଭାବେ ଏହାକୁ ବିବେଚନା କରାଯାଏ। ବର୍ଷର ସବୁ ମାସର କିଛି ମହତ୍ତ୍ୱ ଥିବା ବେଳେ ଧର୍ମ ମାସ ଭାବେ କାର୍ତ୍ତିକ ମାସର ବିଶେଷ ମହତ୍ତ୍ୱ ଅଛି। କୁହାଯାଏ, ଏହି ମାସର ପୁଣ୍ୟ ଅନ୍ୟ କୌଣସି ମାସରେ ନ ଥାଏ। ବର୍ଷ ଯାକର ପାପ ଏହି ଗୋଟିଏ ମାସରେ ଧୋଇ ହୋଇଯାଏ। ସମସ୍ତେ ଏହି ମାସକୁ ନିଷ୍ଠାର ସହ ପାଳନ କରନ୍ତି।

କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ଅଛି। ସନାତନ ଧର୍ମରେ କାର୍ତ୍ତିକ ମାସକୁ ସମ୍ପୂର୍ଣ୍ଣ ଭାବେ ଶୁଭ ବୋଲି କୁହାଯାଇଛି। ଏହି ମାସଟି ଶରତ ପୂର୍ଣ୍ଣିମାଠାରୁ ଆରମ୍ଭ କରି କୃତ୍ତିକା ନକ୍ଷତ୍ରଯୁକ୍ତ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସୂର୍ଯ୍ୟ ଯେତେବେଳେ ତାଙ୍କର ଦକ୍ଷିଣାୟନ ଆରମ୍ଭ କରନ୍ତି ଓ ତୁଳାରାଶିକୁ ପ୍ରବେଶ କରନ୍ତି, କାର୍ତ୍ତିକ ମାସ ଆରମ୍ଭ ହୁଏ।

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ କରିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ। ତା'ସହ ନିଜ ସାମର୍ଥ୍ୟ ଅନୁସାରେ ଜିନିଷ ଦାନ କରିବା ଶୁଭ। ପବିତ୍ର ନଦୀ ନଚେତ ଗାଧୋଇବା ଜଳରେ ଗଙ୍ଗାଜଳ ମିଶାଇ ସ୍ନାନ କରିପାରିବେ। ସେହିପରି ଏହି ମାସ ବ୍ରତ ଓ ସାଧନା ଲାଗି ବି ଖୁବ୍ ମହତ୍ତ୍ୱପୂର୍ଣ୍ଣ। କିଛି ଲୋକ ଶ୍ରଦ୍ଧା ଓ ସାମର୍ଥ୍ୟ ଅନୁସାରେ ବିଶେଷ ତିଥିରେ ବ୍ରତ ରଖନ୍ତି। କାର୍ତ୍ତିକ ମାସରେ ଦୀପଦାନ ଓ ଦୀପ ଜାଳିବାର ବିଶେଷ ପରମ୍ପରା ଅଛି। ମନ୍ଦିର, ଘର ତଥା ଜଳାଶୟ ଆଖପାଖରେ ଦୀପ ଜଳାଯାଏ। କିଛି ଲୋକ ପ୍ରତିଦିନ ଘରର ମୁଖ୍ୟ ଦ୍ୱାରରେ ଦୀପ ଜଳାନ୍ତି।

ଅନ୍ୟପଟେ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମା'ଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ। ଏହି ମାସରେ ତୁଳସୀ ପୂଜାର ସ୍ୱତନ୍ତ୍ର ବିଧାନ ଅଛି। କୁହାଯାଏ, ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି। ଉକ୍ତ ମାସରେ ମା' ଲକ୍ଷ୍ମୀ ଧରାପୃଷ୍ଠରେ ଭ୍ରମଣ କରନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦିଅନ୍ତି। ତେବେ କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ଅଛି।

କର୍କଟ ରାଶିରେ କେତୁ ଗୋଚର

୬ ରାଶି ପାଇଁ ଶୁଭ

ବୈଦିକ ଜ୍ୟୋତିଷରେ କେତୁଙ୍କୁ ମାୟାବୀ ଗ୍ରହ ବୋଲି କୁହାଯାଏ। ସେହିପରି କର୍କଟ ରାଶିରେ କେତୁ ଗୋଚର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଜ୍ୟୋତିଷୀୟ ଘଟଣା ବୋଲି କୁହାଯାଏ। ଡିସେମ୍ବର ୫ରୁ କେତୁ ଶତ୍ରୁ ରାଶି କର୍କଟକୁ ଗୋଚର କରିବେ। ୨୦୨୮ ଜୁନ୍ ୨୩ ପର୍ଯ୍ୟନ୍ତ ଏହି ରାଶିରେ ରହିବେ। ତେବେ କେତୁ ଗୋଚର ନକାରାତ୍ମକ ପ୍ରଭାବ ସହ ଜଡ଼ିତ ବୋଲି କୁହାଯାଏ। କେତୁ ସବୁବେଳେ ଖରାପ ପ୍ରଭାବ ଦିଅନ୍ତି। ହେଲେ କର୍କଟ ରାଶିରେ କେତୁ କିଛି ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବେ ଏବଂ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। କେଉଁ ରାଶି ପାଇଁ କର୍କଟ ରାଶିରେ କେତୁ ଗୋଚର ଶୁଭ, ଜାଣିବା ସେ ସମ୍ପର୍କରେ।

ବୃଷ: କେତୁ ଗୋଚର ବୃଷ ରାଶି ପାଇଁ ଶୁଭ ଓ ଅତ୍ୟନ୍ତ ଲାଭକାରୀ ହେବ। ଜୀବନରେ ଆକସ୍ମିକ ସକାରାତ୍ମକ ପରିବର୍ତ୍ତନ ଆସିବ। ଅଚାନକ ଧନ ଲାଭ ହେବ। ଆୟର ନୂଆ ପଥ ଉନ୍ମୁକ୍ତ ହେବ। କୌଣସି ପୁରୁଣା କାମରେ ସଫଳତା ମିଳିପାରେ।

ମିଥୁନ: ମିଥୁନ ରାଶି ଲାଗି ଏହି ଗୋଚର ଭଲ ସମୟ। ଚାକିରିରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ। ନିଜ ଲୋକଙ୍କ ସହଯୋଗ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଆଗକୁ ଯିବାର ନୂଆ ଅବସର ଜୁଟିବ। ଯାତ୍ରା ଲାଭକାରୀ ହେବ।

କନ୍ୟା: କେତୁ ଗୋର ଯୋଗୁଁ କନ୍ୟା ରାଶି ବ୍ୟକ୍ତିଙ୍କର ଆକସ୍ମିକ ଧନ ଲାଭ ହେବ। ଆୟର ନୂତନ ପଥ ଉନ୍ମୁକ୍ତ ହେବ। ଅଟକି ଥିବା କାର୍ଯ୍ୟ ପୂରା ହେବ। ସାମାଜିକ ମାନ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟରେ ସଫଳତା ମିଳିବ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସଫଳ ରହିବେ। ନିବେଶ ଲାଗି ଉତ୍ତମ ସମୟ।

ତୁଳା: କେତୁ ଗୋଚର ତୁଳା ରାଶି ପାଇଁ ଲାଭକାରୀ। ବ୍ୟକ୍ତିତ୍ୱ ବିକାଶ ହେବ। ମାନସିକ ଶାନ୍ତି ମିଳିବ। ପରିବାର ସଦସ୍ୟ ମଧ୍ୟରେ ତାଳମେଳ ରହିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଆୟରେ ଉନ୍ନତି ହେବ।

ମକର: ମକର ରାଶି ପାଇଁ କେତୁ ଗୋଚର ଶୁଭ ଫଳ ପ୍ରଦାନ କରିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଚାକିରିରେ ପରିବର୍ତ୍ତନ ଆସିବ।

କୁମ୍ଭ: କୁମ୍ଭ ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କେତୁ ଗୋଚର ଲାଭକାରୀ ହେବ। ପ୍ରଭାବଶାଳୀ ଲୋକଙ୍କ ସହିତ ଦେଖାସାକ୍ଷାତ ହେବ। ଚାକିରି ଓ ବ୍ୟବସାୟରେ ଲାଭ ହେବ। ଜୀବନସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରିବେ। ରୋଜଗାରରେ ଆଗକୁ ବଢ଼ିବାରେ ଉତ୍ତମ ଅବସର ଜୁଟିବ। ଅଚାନକ ଧନ ବୃଦ୍ଧି ହେବ। କୌଣସି ଭଲ ଖବରରେ ମନ ପ୍ରସନ୍ନ ରହିବ।

ବାପଘରୁ ଝିଅକୁ ଦିଅନ୍ତୁ ନାହିଁ

ବାସ୍ତୁ ଶାସ୍ତ୍ର ଅନୁସାରେ, ବାପଘରୁ ଝିଅକୁ କିଛି ଜିନିଷ ଉପହାର ସ୍ୱରୂପ ଦେବା ଅନୁଚିତ। କେଉଁ ଜିନିଷ ଜଣେ ବିବାହିତା ମହିଳା ନିଜ ବାପଘରୁ ନେବା ଠିକ୍ ନୁହେଁ, ଜାଣିବା ସେ ସମ୍ପର୍କରେ।

- ବାସ୍ତୁ ଏବଂ ଜ୍ୟୋତିଷ ବିଶେଷଜ୍ଞଙ୍କ ମତରେ, ବିବାହିତା ଝିଅକୁ ବାପ ଘରୁ ଛୁରି, କଇଁଚି କିମ୍ବା ଅନ୍ୟ କୌଣସି ଧାରୁଆ ଜିନିଷ ଉପହାରରେ ଦେବା ଅନୁଚିତ। ଏଭଳି ଜିନିଷ ଦେବା ଦ୍ୱାରା ସମ୍ପର୍କରେ ତିକ୍ତତା ଦେଖାଦିଏ।
- ଧାରୁଆ ଜିନିଷ ବ୍ୟତୀତ ଆଚାର ଦେବା ଅନୁଚିତ। ଆଚାରର ଖଟାପଣ ଏବଂ ଏହାର ସମ୍ବନ୍ଧ ବାସ୍ତୁରେ ଶନିଙ୍କ ଶକ୍ତି ସହିତ ଜଡ଼ିତ। ଯାହାକି ସମ୍ପର୍କରେ ଦୂରତ୍ୱ ସୃଷ୍ଟିର କାରଣ ବୋଲି ବିବେଚନା କରାଯାଏ।
- ସେହିପରି ବିବାହିତା କନ୍ୟାକୁ ଉପହାରରେ ବାପ ଘରୁ କଣ୍ଟାଯୁକ୍ତ ଗଛ ଦେବା ବାସ୍ତୁ ସମ୍ମତ ନୁହେଁ। ବର୍ତ୍ତମାନ ଘର ସଜାଇବା ଲାଗି ଏଭଳି ଉପହାର ଟ୍ରେଣ୍ଡରେ ଥିଲେ ହେଁ ବାସ୍ତୁ ଏବଂ ଜ୍ୟୋତିଷ ବିଶେଷଜ୍ଞଙ୍କ ମତରେ କାକଟସ୍ ଗଛ ଦେବା ଭଲ ନୁହେଁ।
- ଉପହାରରେ ବିବାହିତା ଝିଅକୁ କଳା ରଙ୍ଗ ପୋଷାକ ଦେବା ବାସ୍ତୁ ଦୃଷ୍ଟିରୁ ଅନୁଚିତ। ଏହି ରଙ୍ଗ ଅନେକ ସମୟରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ସମ୍ପର୍କରେ ଦୂରତ୍ୱର କାରଣ ହୋଇଥାଏ।
- ବିବାହିତା ଝିଅକୁ ଗ୍ୟାସ୍ ଚୁଲା ଦିଅନ୍ତୁ ନାହିଁ। କୌଣସି ଜ୍ୱଳନଶୀଳ ଜିନିଷ ଉପହାରରେ ଦେବା ଅନୁଚିତ।

ସକାଳ THE SAKALA
www.sakalaepaper.com

ଫ୍ରେଞ୍ଚ ଓପନରେ ସିନ୍ଧୁ ରନର୍ସଅପ୍

ପ୍ୟାରିସ, ୨୫।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ରବିବାର ଶେଷ ହୋଇଥିବା ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରନର୍ସଅପ୍ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଡିଫେଣ୍ଡିଂ ଅଲିମ୍ପିକ ଓ ବିଶ୍ୱ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍’ଙ୍କଠାରୁ ୧୬-୨୧, ୨୧-୧୧, ୨୧-୧୨ ଗେମରେ ସିନ୍ଧୁ ହାରିଯାଇଥିଲେ। ଏରେନା ଗ୍ରାଣ୍ଡ ପ୍ୟାରିସରେ ଅନୁଷ୍ଠିତ ଏହି ଲଢ଼େଇ ଏକ ଘଣ୍ଟା ଧରି ଚାଲିଥିଲେ ମଧ୍ୟ ସିନ୍ଧୁଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ବିଶ୍ୱର ଏକ ନମ୍ବର ଖେଳାଳି ୟଙ୍ଗ’ଙ୍କ ବିପକ୍ଷରେ ସିନ୍ଧୁଙ୍କ ପରାଜୟଧାରା ଜାରି ରହିଛି। ଏହି ଦୁଇ ଖେଳାଳି ମୋଟ୍ ଉପରେ ୧୧ଥର ସାମ୍ନାସାମ୍ନି ହୋଇଥିବାବେଳେ ସମସ୍ତ ମ୍ୟାଚରେ ୟଙ୍ଗ ବିଜୟୀ ହୋଇଛନ୍ତି। ରବିବାର ବିଜୟ ସହ ୟଙ୍ଗ କ୍ରମାଗତ ୫୦ଟି ମ୍ୟାଚରେ ଅପରାଜେୟ ରହିଛନ୍ତି।

ସିଜନର ପ୍ରଥମ ଟାଇଟଲ୍ ଜିତିଲେ ଭାମ୍ବ୍ରୀ

ଅଲ୍‌ମାଟୀ, ୨୫।୧୦ (ଏଜେନ୍ସି): କାଜାଖସ୍ତାନରେ ଅନୁଷ୍ଠିତ ଅଲ୍‌ମାଟୀ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସରେ ଭାରତର ୟୁକି ଭାମ୍ବ୍ରୀ ଚାମ୍ପିଅନ ହୋଇଛନ୍ତି। ଆମେରିକାର

ର୍‌ୟାନ ସେଗରମାନଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରୀ ଫାଇନାଲରେ ୭-୬ (୩/୭), ୬-୭ (୧/୭), ୧୦-୨ ସେଟରେ ଟପ୍ ସିଡ୍ ଅଷ୍ଟ୍ରିଆର ଲୁକାସ ମିଡଲର ଓ ନେଲ ଓବରଲେଇଟନରଙ୍କୁ ହରାଇଥିଲେ। ଭାରତର ଏକ ନମ୍ବର ଖେଳାଳି ଭାମ୍ବ୍ରୀଙ୍କ କ୍ୟାରିୟରର ଏହା ୫ମ ଓ ସିଜନର ପ୍ରଥମ ଡବଲ୍ସ ଟାଇଟଲ୍ ହୋଇଛି। ୩୪ ବର୍ଷୀୟ ଭାମ୍ବ୍ରୀ ଏଥିପୂର୍ବରୁ ୨୦୨୩ରେ ମାଲୋରକା ଓପନ, ୨୦୨୪ରେ ମ୍ୟୁନିକ ଓପନ୍ ଓ ୨୦୨୫ରେ ଦୁବାଇ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ।

■ ୧୫ ବର୍ଷରୁ କମ୍ ଫିଫା ବିଶ୍ୱକପ୍

କାମେରୁନ୍‌କୁ ହରାଇଲା ଭାରତ

ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): କାମେରୁନ୍‌କୁ ୨-୧ ଗୋଲରେ ହରାଇ ଭାରତ ଆଜରବୈଜାନ୍‌ର ବାକୁଠାରେ ଚାଲିଥିବା ୧୫ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ କ୍ରମାଗତ ବିଜୟ ହାସଲ କରିଛି। ପ୍ରଥମ ମୁକାବିଲାରେ ଲାଓସକୁ ପରାସ୍ତ କରିଥିବା ଭାରତ ତାହା ତୃତୀୟ ଲିଗ୍ ମ୍ୟାଚ୍‌ରେ ଗ୍ରେନେଡାକୁ ରବିବାର ଭେଟିବ। ଏହି ବିଜୟ ଫଳରେ ଗ୍ରୁପ୍-କେ’ରେ ଭାରତ ଏକମାତ୍ର ଦଳ ଭାବେ ଉଭୟ ମ୍ୟାଚ୍‌ରେ ବିଜୟୀ ହୋଇଛି। ଫାରେଲି ଏନ୍‌ଗୋବୋ ଆମ୍ବଘାତୀ ଗୋଲ ଦେବା ଫଳରେ ଭାରତ ୧-୦ ଗୋଲରେ ଆଗୁଆ ରହିଥିଲା। ମହମ୍ମଦ୍ ସୋହେଲ ଖାନ୍ ଭାରତ ପକ୍ଷରୁ ଆତ୍ମଘାତୀ ଗୋଲ ଦେବା ଫଳରେ ଖେଳ ସମାନସ୍ତରକୁ ଆସିଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଆର୍ ଲାଲରେମ୍ରୁଆଟଫେଲା ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହା ପରେ ଭାରତୀୟ ଦଳର ଗୋଲରକ୍ଷକ ଜେନିତ ଏକ ପେନାଲ୍ଟି ସହ ଏକାଧିକ ଗୋଲ ଦେବାର ସୁଯୋଗକୁ ପ୍ରତିହାତ କରିବା ଫଳରେ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି ମୁକାବିଲାରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିବା ଫଳରେ ଅସ୍ତବ୍ୟସ୍ତ କାମେରୁନ୍ ଆତ୍ମଘାତୀ ଗୋଲ ସ୍କୋର କରିବାକୁ ବାଧ ହୋଇଥିଲା।

ହରମନପ୍ରୀତ ଓ ଦୀପ୍ତିଙ୍କ ଶତକ, ବୈଷ୍ଣବୀଙ୍କ ଚତୁର ବୋଲିଂ

ଦିନିକିଆ ସିରିଜ୍ କବ୍‌ଜା କଲା ଭାରତ

ଭଦୋଦରା,୨୫।୧୦(ଏଜେନ୍ସି):

ହରମନପ୍ରୀତ୍ କୌରଙ୍କ ଶତକ, ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ସଫଳତା ଓ ବୈଷ୍ଣବୀ ଶର୍ମାଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଭାରତ ୧୨୧ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ଏହା ଫଳରେ ପ୍ରଥମ ଦିନିକିଆକୁ ୯ ୱିକେଟରେ ଜିତିଥିବା ଭାରତ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ ଜିତିନେଇଛି। ଏହି ବିଜୟ ଫଳରେ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ନେବାରେ ସଫଳ ହୋଇଛି। ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ବୁଧବାର ଖେଳାଯିବ।

ଏହି ମ୍ୟାଚ୍‌ରେ ପୂର୍ବତନ ଅଧିନାୟିକା ହରମନପ୍ରୀତ୍ ୧୨୧ ବଲ୍‌ରୁ ୧୫ଚୌକା ସହ ୧୨୬ ଓ ଦୀପ୍ତି ୮୬ ବଲ୍‌ରୁ ମଧ୍ୟ ୧୫ ଚୌକା ସହ ୧୦୬ ରନ୍ କରିଥିଲେ। ଏମାନେ ଚତୁର୍ଥ ୱିକେଟ୍‌ରୁ ୧୫୩ ରନ୍ ଉଠାଇ ଭାରତ ଲାଗି ରେକର୍ଡ ପାର୍ଟନରସିପ୍ ସଂଗ୍ରହ କରିଥିଲେ। ପ୍ରଥମ ଦିନିକିଆରେ ଶତକ ହାସଲ କରିଥିବା ପ୍ରତୀକା ରାୱଲ ମଧ୍ୟ ୬୧ ରନ୍ କରିଥିଲେ। ଏହି ୩ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୨୮ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳର ନମ୍‌ଭେଲୋ ସିବାନ୍ଦା ୨ଟି ୱିକେଟ ନେଇଥିଲେ।

ଜବାବରେ ୩୨୯ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଜିମ୍ବାୱେ ଲଢୁଆ ବ୍ୟାଟିଂ ସହ ଭାରତକୁ ସଂଘର୍ଷ କରିବାକୁ ବାଧ କରିଥିଲା। କିନ୍ତୁ ସ୍ପିନର ବୈଷ୍ଣବୀ ଶର୍ମା ବୋଲିଂ କରିବାକୁ ଆସିବା ପରେ ସବୁକିଛି ଓଲଟପାଲଟ ହୋଇଯାଇଥିଲେ। ସେ ଜଣଙ୍କ ପରେ ଜଣେ ଜିମ୍ବାୱେ ବ୍ୟାଟରଙ୍କୁ ବୋକା ବନାଇ ୪ଜଣଙ୍କୁ ପାଭିଲିୟନ ପଠାଇଥିଲେ। ବ୍ୟାଟିଂରେ କମାଲ ଦେଖାଇଥିବା ଦୀପ୍ତି ମଧ୍ୟ ୩ଜଣ ଖେଳାଳିଙ୍କୁ ଆଉଟ କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏମାନଙ୍କ ଚତୁର ବୋଲିଂ ବଳରେ ଜିମ୍ବାୱେ ୪୮.୫ ଓଭରରେ ୨୦୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ମୋଡେଷ୍ଟର ମୁପାଚିକ୍ୱା ସର୍ବାଧିକ ୪୯, ନଂ-୩ ଚିପୋ ମୁଗେରୀ-ତିରିପାନୋ ୪୬, ବିଲଭଡ ବିଜା ୩୪, ଯୋଶେଫାଇନ ଏନ୍‌କୋମୋ ଓ ନ୍ୟାଶା ଗ୍ୱାଞ୍ଜୁରା ୨୦ ରନ୍ ଲେଖାଏଁ କରିଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ: ୩୨୮/୬, ୫୦ ଓଭର (ହରମନପ୍ରୀତ୍-୧୨୬, ଦୀପ୍ତି ଶର୍ମା-୧୦୬, ପ୍ରତୀକା ରାୱଲ-୬୧, ନମ୍‌ଭେଲୋ ସିବାନ୍ଦା-୨/୩୮)।
ଜିମ୍ବାୱେ: ୨୦୭/୧୦, ୪୮.୫ ଓଭର (ମୋଡେଷ୍ଟର ମୁପାଚିକ୍ୱା-୪୯, ଚିପୋ ମୁଗେରୀ-ତିରିପାନୋ-୪୬, ବୈଷ୍ଣବୀ ଶର୍ମା-୪/୩୯, ଦୀପ୍ତି ଶର୍ମା-୩/୩୨)।
ପ୍ଲେୟର ଅଫ୍ ଦି ମ୍ୟାଚ୍: ହରମନପ୍ରୀତ୍

ରିବାକିନା, ସିନିଆକୋଭା ଚାମ୍ପିଅନ

ନିଙ୍ଗବୋ, ୨୫।୧୦ (ଏଜେନ୍ସି): ଚାଇନାରେ ରବିବାର ଶେଷ ହୋଇଥିବା ନିଙ୍ଗବୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ କାଜାଖସ୍ତାନର ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି। ବିଶ୍ୱର ଏକ ନମ୍ବର ଖେଳାଳି ରିବାକିନା ଫାଇନାଲରେ ୬-୨, ୬-୨ ସିଧାସଳଖ ସେଟରେ କାନାଡାର ଲେଲା ଫର୍ଣ୍ଣାଣ୍ଡିଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଅପରପକ୍ଷରେ ଟୋକିଓରେ ଅନୁଷ୍ଠିତ ଜାପାନ ଓପନରେ ଚେକ ଗଣରାଜ୍ୟର କାଟେରିନା ସିନିଆକୋଭା ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ସିନିଆକୋଭା ୬-୧, ୬-୦ ସିଧାସଳଖ ସେଟରେ ଆମେରିକାର ଆଶଲିନ କର୍ଗରଙ୍କୁ ପରାସ୍ତ କରିଥିଲେ। ୨୨ ବର୍ଷୀୟା ସିନିଆକୋଭା ୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ପ୍ରଥମ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

ଦେବଦତ୍ତ ପାଡ଼ିକଲଙ୍କ ଅର୍ଦ୍ଧଶତକ

ଲିନକିନ,୨୫।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୨ ଟିକିଆ ସିରିଜ୍ ପୂର୍ବରୁ ଟେଷ୍ଟ ବିଶାରଦଙ୍କୁ ନେଇ ଚାଲିଥିବା ଅନ୍‌ଅଫିସିଆଲ ଟେଷ୍ଟରେ ଦେବଦତ୍ତ ପାଡିକଲ ପ୍ରଥମ ଭାରତୀୟ ଭାବେ ଅର୍ଦ୍ଧଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ୨୦୪ ରନ୍‌ରେ ପଛୁଆ ଥିବା ଭାରତ-ଏ’ ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୧୦୬ ରନ୍ କରିନେଇଛି। ଏଥିରେ ପାଡିକଲ ୫୬ ଓ ସାଇ ସୁଦର୍ଶନ ୩୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ଟେଷ୍ଟରେ ଭାରତ ପକ୍ଷରୁ ଏହା ପ୍ରଥମ ଅର୍ଦ୍ଧଶତକ। ପ୍ରଥମ ଇନିଂସରେ ଦଳ ମାତ୍ର ୧୧୩ ରନ୍ କରିଥିଲାବେଳେ ଯଶ ରାଠୋଡ ସର୍ବାଧିକ ୪୪ ଓ ପାଡିକଲ ୩୨ ରନ୍ କରିଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଇନିଂସରେ ୧୭ ଓ ଦ୍ୱିତୀୟ ଇନିଂସରେ ଖାତା ଖୋଲି ପାରି ନାହାନ୍ତି। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୧୭ ରନ୍ କରିଥିଲା। ଓପନର ରାହିସ୍ ମାରିଉ ସର୍ବାଧିକ ୭୬ ରନ୍ କରିଥିଲାବେଳେ ଅତିରିକ୍ତରୁ ୪୬ ରନ୍ ମିଳିଥିଲା। ଏହା ମଧ୍ୟରୁ ବାଇ ୧୯, ଲେଗ୍‌ବାଇ ୧୯, ନୋ ବଲ୍ ୬ଟି ଓ ୱାଇଡ୍ ବଲ ୨ଟି ବୋଲିଂ କରାଯାଇଥିଲା। ଭାରତ-ଏ’ ପକ୍ଷରୁ ଅଂଶୁଲ କାମ୍ବୋଜ ଓ ଆକ୍ବିବ ନବି ୩ଟି ଲେଖାଏଁ, ଆକଶ ଦୀପ ୨ଟି ୱିକେଟ ପାଇଥିଲେ। ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା ନଭେମ୍ବର ୧୯ରୁ ଆରମ୍ଭ ହେବ।

ଆଣ୍ଡରସନଙ୍କ ସହ ୨୫ ବର୍ଷର ସମ୍ପର୍କ ତୁଟାଇଲା ଲଙ୍କାଶାୟର

ଲଣ୍ଡନ, ୨୫।୧୦ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ସହ କାଉଣ୍ଟି କ୍ରିକେଟ୍ କ୍ଲବ ଲଙ୍କାଶାୟର ଦୀର୍ଘ ଅଢ଼େଇ ବର୍ଷର ସମ୍ପର୍କ ତୁଟାଇଛି। ଆଗାମୀ ୨୦୨୭ ସିଜନ ଲାଗି ଲଙ୍କାଶାୟର କ୍ଲବ ଆଣ୍ଡରସନଙ୍କ ସହ ଚୁକ୍ତି ନବୀକରଣ କରିନାହିଁ। ଏହାପରେ ଆଣ୍ଡରସନ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର କରି ଲଙ୍କାଶାୟର ସହ ତାଙ୍କର ୨୫ ବର୍ଷର ସମ୍ପର୍କର ଅନ୍ତ ଘଟିଥିବା ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ ୪୪ ବର୍ଷୀୟ ଆଣ୍ଡରସନ ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। କିନ୍ତୁ ସେ ତାଙ୍କ ଘରୋଇ କାଉଣ୍ଟି ଦଳ ଲଙ୍କାଶାୟର ପକ୍ଷରୁ ଖେଳିବା ଜାରି ରଖିଥିଲେ। ମାତ୍ର ୧୭ ବର୍ଷ ବୟସରେ ୨୦୦୦ ମସିହାରେ ଲଙ୍କାଶାୟର କ୍ଲବରେ ଯୋଗ ଦେଇଥିବା ଆଣ୍ଡରସନ ମୋଟ୍ ୫୭୬ଟି ୱିକେଟ ନେଇଛନ୍ତି।

ଭାରତରେ ପ୍ରଥମଥର ଆୟୋଜିତ ହେବ ବିଶ୍ୱ ଭାରୋତ୍ତୋଳନ

ଅହମ୍ମଦାବାଦ, ୨୫।୧୦ (ଏଜେନ୍ସି): ଅହମ୍ମଦାବାଦରେ ୨୦୨୯ ମସିହାରେ ବିଶ୍ୱ ସିନିଅର ଭାରୋତ୍ତୋଳନ ଚାମ୍ପିଅନସିପ୍ ଆୟୋଜିତ ହେବ। ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍) ପକ୍ଷରୁ ରବିବାର ଏହି ଘୋଷଣା କରାଯାଇଛି। ଫଳରେ ଭାରତ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଆୟୋଜନ କରିବାର ଅଧିକାର ପାଇଛି। ସେହିଭଳି ଏହି ପ୍ରତିଯୋଗିତାର ୨୦୩୦ ସଂସ୍କରଣ ଆୟୋଜନ ଅଧିକାର ରୁଷିଆର ରାଜଧାନୀ ମସ୍କୋକୁ ମିଳିଛି। ରବିବାର ଚାଇନାର ନିଙ୍ଗବୋରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍’ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୩୦ରେ ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୪ତମ ସଂସ୍କରଣ ଅନୁଷ୍ଠିତ ହେବ। ଏହାପୂର୍ବରୁ ବିଶ୍ୱ ଭାରୋତ୍ତୋଳନ ଆୟୋଜନ ଅଧିକାର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରସ୍ତୁତିରେ ସହାୟକ ହେବ ବୋଲି କୁହାଯାଉଛି।

କିଟ୍‌ରେ ରଣଜୀ ମୁକାବିଲା ଆଜିଠାରୁ

ପ୍ରଥମ ପଏଣ୍ଟ ଲକ୍ଷ୍ୟରେ ଓଡ଼ିଶା-ସର୍ଭିସେସ୍

ଭୁବନେଶ୍ୱର,୨୫।୧୦(ସମିସ)

ଆୟୋଜକ ଓଡ଼ିଶା ଏବଂ ଭ୍ରମଣକାରୀ ଦଳ ସର୍ଭିସେସ୍ ମଧ୍ୟରେ ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମ୍‌ରେ ତୃତୀୟ ରାଉଣ୍ଡ ରଣଜୀ ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ମୁକାବିଲା ପୂର୍ବରୁ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିଛନ୍ତି। ଉଭୟ ମ୍ୟାଚ୍‌ରେ ଦୁଇ ଦଳ ପରାଜିତ ହୋଇଛନ୍ତି। ଓଡ଼ିଶା ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ନିକଟରୁ ୧୦ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌ରେ କେରଳମଠାରୁ ଏକ ଇନିଂସ ଓ ୩୬ ରନ୍‌ରେ ହାରିଛି ଓଡ଼ିଶା। ସେହିପରି ସର୍ଭିସେସ୍ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ମହାରାଷ୍ଟ୍ରଠାରୁ ୧୨୭ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ବେଙ୍ଗଲଠାରୁ ୬୦ ରନ୍‌ରେ ପରାଜିତ ହୋଇଛି। ପରାଜୟର ବ୍ୟବଧାନ ଦେଖିଲେ ଓଡ଼ିଶା ଅପେକ୍ଷା ସର୍ଭିସେସ୍ ସାମାନ୍ୟ ଉନ୍ନତ ପ୍ରଦର୍ଶନ କରିଛି। ପ୍ରଦର୍ଶନକୁ ଗୁରୁତ୍ୱ ଦେଲେ ଓଡ଼ିଶା ବିପକ୍ଷରେ ସର୍ଭିସେସ୍‌ର ଶକ୍ତି କିଛି ଅଧିକ ରହିଛି ବୋଲି ଧରିନେବାକୁ ହେବ। ସେହିପରି ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମୁକାବିଲାରେ ଉଭୟ ଦଳ ସମାନ ସ୍ଥିତିରେ ରହିଛନ୍ତି। ୨୦୧୯ରେ ଓଡ଼ିଶା ଏକ ଇନିଂସ ଓ ୩୧ ରନ୍‌ରେ ଜିତିଥିଲାବେଳେ ୨୦୨୫ରେ ସର୍ଭିସେସ୍ ୧୦ ୱିକେଟରେ ଜିତିଥିଲା। ଅନ୍ୟ ୩ଟି ମ୍ୟାଚ୍ ଡ୍ର ରହିଥିଲା।

ଏବେ ପ୍ରଥମ ଦୁଇ ରାଉଣ୍ଡ ଖେଳକୁ ଦେଖିଲେ ଓଡ଼ିଶା ଦଳ ଭଲ ଆରମ୍ଭ କରିଥିଲେ ମଧ୍ୟ ବେଶିସମୟ ତାହା ରଖିପାରୁ ନାହିଁ। କିଟରେ ଉଭୟ ଦଳ ପ୍ରଥମ ପଏଣ୍ଟ ଲକ୍ଷ୍ୟ ନେଇ ଖେଳିବେ ବୋଲି ଆଶା କରାଯାଉଛି।

ଓଡ଼ିଶା ଦଳ ନିକଟରେ ଜାତୀୟ କ୍ରିକେଟ୍‌କୁ ପ୍ରଭାବିତ କରିଲାଭଳି ଖେଳାଳି ନାହାନ୍ତି। କେବଳ ଶୁଭ୍ରାଂଶୁ ସେନାପତି ଜାତୀୟସ୍ତରରେ ପ୍ରଭାବ ପକାଇପାରିବେ। କିନ୍ତୁ ତାଙ୍କ ସହ ଅନ୍ୟମାନେ ବ୍ୟାଟିଂରେ ଫେଲ ମାରିଛନ୍ତି। ଓପନର ଗୌରବ ଚୌଧୁରୀ ଓ ସନ୍ଦୀପ ପଟ୍ଟନାୟକ କିଛିଟା ବଡ଼ ସ୍କୋର କରିଛନ୍ତି। ବୋଲିଂରେ ବାଦଲ ବିଶ୍ୱାଳ ଗୋଟିଏ ମ୍ୟାଚ୍‌ରେ ବା ଗୁଜରାଟ ବିପକ୍ଷରେ ଭଲ ଖେଳିଥିଲେ। ଏବେ ଦଳର ନିଶ୍ଚିତ କିଛି ପରିବର୍ତ୍ତନ କରାଯିବା ନିଶ୍ଚିତ। ବିଶେଷ କରି ବାମହାତୀ ସ୍ପିନର ସୟଦ ମହମ୍ମଦ୍ ତୁଫୈଲଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଏହା ମଧ୍ୟରେ ଦଳରେ ଆଉ ୩ଜଣ ଖେଳାଳି ଯଥା ଅନିଲ ପରିଡ଼ା, ଶୁଭମ ନାୟକ ଓ ଆଜି ଆହତ ପ୍ରଶାନ୍ତ ରଣାଙ୍କ ସ୍ଥାନରେ ଓମ୍‌କାର ମହାନ୍ତିଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ରଜତ ପାଲିୱାଲ, ରବି ଚୌହାନ, ପୁଲକିତ ନାରଙ୍ଗ କିମ୍ବା ଅର୍ଜୁନ ଶର୍ମା ଏଠାରେ ମ୍ୟାଚ୍ ବିଜୟୀ ପ୍ରଦର୍ଶନ କରିବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ଅନ୍ୟପକ୍ଷରେ ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍-ସି’ରେ ଥିବା ସମକକ୍ଷ ଦଳ ବିପକ୍ଷରେ ପୂରା ପଏଣ୍ଟ ଆଶାରେ ପଡ଼ିଆକୁ ଓହ୍ଲାଇବ।

ବାତ୍ୟା ଅର୍ଣ୍ଣବର ପ୍ରଭାବ ପଡ଼ିପାରେ

ବଙ୍ଗୋପସାଗରରେ ଆଜି କେନ୍ଦ୍ରୀଭୂତ ହୋଇଥିବା ଲଘୁଚାପ ଆସନ୍ତାକାଲି ବାତ୍ୟା ଅର୍ଣ୍ଣବରେ ପରିଣତ ହେବ। ଏହା ପରେ ଆସନ୍ତା ୨୮ ତାରିଖ ସକାଳରୁ ପୂର୍ବାହ୍ନ ମଧ୍ୟରେ ଓଡ଼ିଶାର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର କାକିନାଡାଠାରେ ସ୍ଥଳଭାଗ ଛୁଇଁବ (ଲ୍ୟାଣ୍ଡଫଲ କରିବ)। ଏହି ସମୟରେ ଏବଂ ପୂର୍ବରୁ ଭୀଷଣ ବର୍ଷା ହେବା ସାଙ୍ଗକୁ ପବନ ବହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଅନୁମାନ କରାଯାଇଛି। ଓଡ଼ିଶାର ଅବିଭକ୍ତ ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଅନୁମାନ କରାଯାଇଛି। ଏହି ମୁକାବିଲାଟି ଭୁବନେଶ୍ୱରରେ ହେଉଥିଲେ ମଧ୍ୟ ବର୍ଷା ହେବାର ଆଶଙ୍କା ରହିଛି। ଅତୀତରେ ଏଭଳି ଘଟିଛି ଓ ଏବେ ମଧ୍ୟ ୨୮ ଓ ୨୯ ତାରିଖରେ ଏହା ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଫଳରେ ମୁକାବିଲାର ଶେଷ ଦୁଇଦିନ ବର୍ଷାଦ୍ୱାରା ବାଧାପ୍ରାପ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି।

ସିନିଅର ନ୍ୟାସନାଲ ଆକ୍ୱାଟିକ୍

ଓଡ଼ିଶା ମହିଳା ସନ୍ତରଣ ଦଳକୁ ରୌପ୍ୟ

ଭୁବନେଶ୍ୱର, ୨୫।୧୦ (ସମିସ): ଗୁଜରାଟର ଅହମ୍ମଦାବାଦରେ ରବିବାର ସର୍ଟ କୋର୍ସ ସିନିଅର ନ୍ୟାସନାଲ ଆକ୍ୱାଟିକ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶାର ମହିଳା ସନ୍ତରଣକାରୀ ଦଳ ରୌପ୍ୟ ପଦକ ବିଜୟୀ ହୋଇଛି। ଚାରି ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଓଡ଼ିଶା ମହିଳା ଦଳ ଏହି ସଫଳତା ପାଇଛି। ୪ ମିନିଟ ୦୩.୫୦ ସେକେଣ୍ଡରେ ଏହି ଦୂରତାକୁ ଫିନିଶ କରି ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିଲା। ଅଭିଜ୍ଞ ପ୍ରତ୍ୟାଶା ରାୟ, ସ୍ରିଷ୍ଟି ଉପାଧ୍ୟାୟ, ସୋନିଆ ପଟେଲ ଓ ଅଂଶିକା ଆରାଧନା ସାହୁ ପଦକ ବିଜୟୀ ଓଡ଼ିଶା ମହିଳା ଦଳର ସଦସ୍ୟା ରହିଥିଲେ। ଏହି ଇଭେଣ୍ଟରେ ଶକ୍ତିଶାଳୀ କର୍ଣ୍ଣାଟକ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। କର୍ଣ୍ଣାଟକ ମହିଳା ସନ୍ତରଣକାରୀ ଦଳ ୪ ମିନିଟ୍ ୦୨.୨୦ ସେକେଣ୍ଡ ସମୟ ନେଇ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ସେହିଭଳି ତାମିଲନାଡୁ ଦଳ କାଂସ୍ୟ ପଦକ ହାସଲ କରିଥିଲା।

ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ୍

ପାକିସ୍ତାନକୁ ରୋମାଞ୍ଚକ ବିଜୟ ଭେଟି ଦେଲେ ସଦାବ

ଲାହୋର, ୨୫।୧୦ (ଏଜେନ୍ସି): ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ସଦାବ ଖାନଙ୍କ ଅବିଶ୍ୱସନୀୟ ଅପରାଜିତ ଶତକୀୟ ପାଳି ବଳରେ ରବିବାର ରାତିରେ ଏଠାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜର ଏକ ରୋମାଞ୍ଚକ ମ୍ୟାଚରେ ପାକିସ୍ତାନ ୧ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଓପନର୍ ବେନ୍ ଡକେଟ (୧୧୧ ବଲରେ ୧୦୫ ରନ)ଙ୍କ ଶତକ ବଳରେ ୪୬.୪ ଓଭରରେ ୨୪୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ କୁରାନ ୪୨, ଗସ୍ ଆଟକିନସନ ଅପରାଜିତ ୨୮, ଅଧିନାୟକ ହ୍ୟାରୀ ବ୍ରୁକ ୧, ଜୋ ରୁଟ୍ ୫, ୱିଲ୍ ଜ୍ୟାକ୍ସ ୧୩ ରନ କରିଥିଲେ। ପ୍ରତିପକ୍ଷ ଅଧିନାୟକ ଶାହିନୀ ଶାହା ଆଫ୍ରିଦୀ ସର୍ବାଧିକ ୪ଟି ୱିକେଟ ନେଇଥିଲେ। ଜବାବରେ ୨୪୨ ରନକୁ ପିଛଶ କରିଥିବା ପାକିସ୍ତାନ ୧୫୪ ରନରେ ୯ଟି ୱିକେଟ ହରାଇ ନିଶ୍ଚିତ ପରାଜୟ ଦ୍ୱାରରେ ରହିଥିଲା। ତେବେ ସଦାବ ଖାନ ଓ ୧୧ ନମ୍ବର ବ୍ୟାଟର ହାରିସ ରୌଫ (୭*) ଶେଷ ୱିକେଟ ଯୋଡ଼ିରେ ୮୦ ବଲରୁ ୮୯ ରନ ଉଠାଇ ପାକିସ୍ତାନକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ସଦାବ ୧୩ ଚୌକା ଓ ୫ ଛକା ବଳରେ ୯୬ ବଲରୁ ୧୧୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ହ୍ୟାଟ୍ରିକ ବିଜୟ ସହ ପାକିସ୍ତାନ ୬ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସିରିଜର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଶ୍ରୀଲଙ୍କା ଓ ପାକିସ୍ତାନ ସାମ୍ନାସାମ୍ନି ହେବେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY